CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 44, Issue No. 293
- Friday, 24 January 2025
- ଶୁକ୍ରବାର, ୨୪ ଜାନୁୟାରୀ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

Web: www.dinalipi.com, E-mail: dinalipinews@gmail.com



ଭାରତ ଶ୍ରୀଲଙ୍କାକୁ ଚଟାଇଲା ଧୂଳି
୬୦ରନ୍‌ରେ ଜିତିଲା ଅଣ୍ଡର ୧୯ ଟି-୨୦ ବିଶ୍ୱକପର ମ୍ୟାଚ୍

### ବିରୋଧୀଙ୍କୁ ବାଚସ୍ପତିଙ୍କ କଡ଼ା ଚେତାବନୀ

# ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୩।୧: ଗୁରୁବାର ବାଚସ୍ପତି ସୁରମା ପାଢ଼ୀ ବିରୋଧୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ବାଚସ୍ପତି କହିଛନ୍ତି, ବିଧାନସଭାରେ ବିରୋଧୀ ବିଶୃଙ୍ଖଳା ଆଚରଣ କଲେ ଏଥର କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାରୀ ଦଳ ବଜେଟ୍ ଉପସ୍ଥାପନା କରିବେ। ବିରୋଧୀ ଦଳଙ୍କର ଯଦି କୌଣସି ବିଷୟ ଉପସ୍ଥାପନ କରିବାର ଥିବ ତେବେ ଗଠନମୂଳକ ପରାମର୍ଶ ଦେଲେ ଏହା ନିଶ୍ଚିତ ଉପାଦେୟ ହେବ। ବିରୋଧୀମାନେ ବିରୋଧାଭାସ କଲେ, ବିଶୃଙ୍ଖଳା କଲେ ଚଳିତ ଏହି ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବ ନାହିଁ । ବିରୋଧୀ ଦଳ ବିରୋଧୀ ଭୂମିକା ଲିଭାନ୍ତୁ। ଗଠନମୂଳକ ପରାମର୍ଶ ଦିଅନ୍ତୁ। ସମୟ ଅଛି ସର୍ବଦଳୀୟ ବୈଠକ ଡକାଯିବ। ଏ ନେଇ ତାରିଖ ସ୍ଥିର ହୋଇନି ବୋଲି ସୁରମା କହିଛନ୍ତି । ସୂଚନାଯୋଗ୍ୟ, ଫେବୃଆରୀ ୧୩ରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ। ଏହିଦିନ ରାଜ୍ୟପାଳଙ୍କ ଅଭିଭାଷଣ ରହିବ । ୧୪ ଓ ୧୫ ତାରିଖ ଦୁଇଦିନ ଧରି ଅଭିଭାଷଣ ସମ୍ପର୍କିତ ଆଲୋଚନା ରହିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତ। ମୋଟ୍ ୨୮ ଦିନର କାର୍ଯ୍ୟଦିବସ ରହିବ। ଏହି ୨୮ ଦିନ ଭିତରେ ୩ ଦିନ ସରକାରୀ ଓ ୩ ଦିନ ବେସରକାରୀ କାର୍ଯ୍ୟଦିବସ ରହିବ। ଏଥିସହିତ ୧୭ ତାରିଖରେ ବଜେଟ ଆଗତ ହେବ। ଏହା ଉପରେ ବିସ୍ତୃତ ଆଲୋଚନା ହେବ। ୨୦ ଓ ୨୧ରେ ବଜେଟ୍ ଉପରେ ସାଧାରଣ ଆଲୋଚନା ରହିଛି। ୨୨ ତାରିଖରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାୟୀ କମିଟି ଦ୍ୱାରା ବଜେଟ୍ ଉପରେ ନିରୀକ୍ଷକ ପାଇଁ ନିର୍ଦ୍ଧାରଣ କରାଯାଇଛି। ୭ ମାର୍ଚ୍ଚରେ ସ୍ଥାୟୀ କମିଟି ରିପୋର୍ଟ ଉପସ୍ଥାପନା ହେବ। ୧୦ ମାର୍ଚ୍ଚରୁ ଖର୍ଚ୍ଚ ଦାବି ସମ୍ପର୍କିତ ଆଲୋଚନା ହେବ। ୨୯ ତାରିଖରେ ବିନିଯୋଗ ବିଲ୍ ଉପସ୍ଥାପନ ଏବଂ ବଜେଟ୍ ପାରିତ ହେବ।



## ବାଚସ୍ପତି ପଦ ମର୍ଯ୍ୟାଦା ରଖୁନାହାନ୍ତି: ପ୍ରମିଳା

ଭୁବନେଶ୍ୱର,୨୩।୧(ନିପ୍ର): ବିରୋଧୀ ବିଶୃଙ୍ଖଳିତ ଆଚରଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ମନ୍ତବ୍ୟ ଉପରେ ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ରଖିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବାଚସ୍ପତି ତଥା ବିଜୁ ଜନତା ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ବର୍ତ୍ତମାନର ବାଚସ୍ପତି ପଦ ମର୍ଯ୍ୟାଦା ରଖୁ ନାହାନ୍ତି । ବାଚସ୍ପତି ପଦର ଗାରିମା ରହିଛି । ଏହି ପଦରେ ବସିଥିବା ବ୍ୟକ୍ତି କୌଣସି ଦଳର ପ୍ରତିନିଧିତ୍ୱ କରନ୍ତି ନାହିଁ। କିନ୍ତୁ ତାଙ୍କର ଏହି ମନ୍ତବ୍ୟ ବିଜେପି ଦଳର ମନ୍ତବ୍ୟ ପରି ମନେ ହେଉଛି । ତାଙ୍କ ମନ୍ତବ୍ୟରେ ସେ ବିରୋଧୀ ଦଳକୁ ଧମକ ଦେବା ପରି ମନେ ହେଉଛି । ତାଙ୍କ ଧମକ ବିରୋଧୀ ଦଳ ଉପରେ ପ୍ରଭାବ ପଡିବ ନାହିଁ ଓଲଟା ବିରୋଧୀ ଦଳର ସ୍ୱର ଅଧିକ ଶାଣିତ ହେବ । ସାମ୍ବାଦିକମାନଙ୍କୁ ଅନୁରୋଧ, ସେ କେଉଁ ଦଳର ବୋଲି ବାଚସ୍ପତିଙ୍କୁ ପଚାରନ୍ତୁ । ବାଚସ୍ପତି ନିଜେ ସ୍ପଷ୍ଟ କରନ୍ତୁ ସେ କେଉଁ ଦଳର । ଆମେ ଦେଖିଥିଲୁ, ସେ ବିଜେପି ଅଫିସରେ ହେଉଥିବା ଏକ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମୁଁ ଦୀର୍ଘ ନଅ ମାସ ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇ ଥିବା ବେଳେ ଶଙ୍ଖ ଭବନ କି ନବୀନ ନିବାସ ଯାଇ ନାହିଁ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

# ପ୍ରାକ୍ ବଜେଟ୍ ବୈଠକ ଆଜି

ଭୁବନେଶ୍ୱର,୨୩।୧: ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆସନ୍ତା ଫେବ୍ରୁଆରି ୧୩ ତାରିଖ ଠାରୁ ଓଡ଼ିଶା ସରକାରଙ୍କର ବଜେଟ୍ ଅଧିବେଶନ ଆରମ୍ଭ ହେବ। ରାଜ୍ୟ ସରକାର ଫେବ୍ରୁଆରି ୧୭ ତାରିଖ ଦିନ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ବିକଶିତ ଓଡ଼ିଶାର ସ୍ଲୋଗାନ ଦେଉଥିବା ମୋହନ ସରକାର ଆଗାମୀ ଆର୍ଥିକ ବର୍ଷ ପାଇଁ କେଉଁ କ୍ଷେତ୍ରକୁ ଅଧିକ ଫୋକସ କରିବେ ସେଥିପାଇଁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ଣ ସାଢ଼େ ୧୦ଟାରେ ଏହି ବୈଠକରେ ଅଧକ୍ଷତା କରିବେ। ଏହି ବୈଠକରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଚାର ବିମର୍ଶ ହେବ। ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିକୁ ନଜରେ ରଖି ବଜେଟ୍ ପ୍ରସ୍ତୁତ ହେବ। ବିକଶିତ ଓଡ଼ିଶା ଗଢ଼ିବା ପାଇଁ ହେବ ସହାୟକ। ବୈଠକରେ ଅର୍ଥନୀତି ବିଶେଷଜ୍ଞଙ୍କ ପୂର୍ବତନ ଅର୍ଥମନ୍ତ୍ରୀ ସାମିଲ ହେବେ। ଏହି ବୈଠକରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଚାର ବିମର୍ଶ ହେବ। ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିକୁ ନଜରେ ରଖି ବଜେଟ୍ ପ୍ରସ୍ତୁତ ହେବ। ବିକଶିତ ଓଡ଼ିଶା ଗଢ଼ିବା ପାଇଁ ହେବ ସହାୟକ। ଆଗାମୀ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜ୍ୟର ବିକାଶ ପାଇଁ କେଉଁ ବିଭାଗକୁ କେତେ ଟଙ୍କା ଦେବେ ଏନେଇ ଏଥିପାଇଁ ସରକାରଙ୍କ ଅର୍ଥ ବିଭାଗ ଜନସାଧାରଣଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ଓ ସଂସ୍ଥାଠୁ ମତାମତ ଲୋଡ଼ିଥିଲା। କେଉଁ କ୍ଷେତ୍ର ପାଇଁ ବଜେଟ୍ କିଭଳି ହେବା ଦରକାର ସର୍ବସାଧାରଣ ମତାମତ ଦେଇଥିଲେ। ସୂଚନାଯୋଗ୍ୟ, ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆସନ୍ତା ୧୩ ତାରିଖ ଠାରୁ ଆରମ୍ଭ ହେବ। ଏହି ଅଧିବେଶନରେ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନ ଆସନ୍ତା ଏପ୍ରିଲ୍ ୫ ତାରିଖ ଯାଏଁ ୨ଟି ପର୍ଯ୍ୟାୟରେ ଜାରି ରହିବ। ଫେବ୍ରୁଆରି ୧୩ରୁ ୨୧ ଯାଏଁ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଚାଲିବ। ଏହା ପରେ ଫେବ୍ରୁଆରି ୨୨ରୁ ମାର୍ଚ୍ଚ ୬ତାରିଖ ଯାଏଁ ଅଧିବେଶନ ବନ୍ଦ ରହିବ। ମାର୍ଚ୍ଚ ୭ ତାରିଖ ଠାରୁ ଏପ୍ରିଲ ୫ ପର୍ଯ୍ୟନ୍ତ ୨ୟ ପର୍ଯ୍ୟାୟରେ ଅଧିବେଶନ ଜାରି ରହିବ।

## ୧୧ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ୍

ଛତ୍ରପୁର,୨୩।୧: ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ୧୧ଜଣ ମିଲରଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କରାଯାଇଛି। ଗଞ୍ଜାମ ବ୍ଲକର ୪, ଛତ୍ରପୁର ବ୍ଲକର ୪ ଓ ପୁରୁଷୋତ୍ତମପୁର ବ୍ଲକର ୩ଜଣ ମିଲରଙ୍କୁ ଜିଲା ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ଏବଂ ଅବହେଳା ଅଭିଯୋଗରେ ଗଞ୍ଜାମ ଜିଲା ପ୍ରଶାସନ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତୁରନ୍ତ ଧାନ ଉଠାଇବାକୁ ତାଗିଦ କରିବା ସହିତ ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଶ୍ରୀମନ୍ଦିର ବାହାରେ ହେବ ୱାଚ୍ ଟାୱାର

ପୁରୀ,୨୩।୧: ପୁରୀର ଜଗନ୍ନାଥ ମନ୍ଦିର ଚାରିପାଖରେ ସୁରକ୍ଷା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ମନ୍ଦିର ବାହାରେ ଏକ ୱାଚ୍ ଟାୱାର ସ୍ଥାପନ କରିବା ବିଷୟରେ ଚିନ୍ତା କରୁଛନ୍ତି। ପ୍ରସ୍ତାବିତ ୱାଚ୍ ଟାୱାର ପୁରୀ ଜଗନ୍ନାଥ ମନ୍ଦିର ଉପରେ 'ବେଆଇନ' ଡ୍ରୋନ୍ ଉଡ଼ାଣ କାର୍ଯ୍ୟକଳାପ ଯାଞ୍ଚ କରିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ପ୍ରକାଶ କରିଛନ୍ତି। ମନ୍ଦିରର ସୁରକ୍ଷା ପାଇଁ ବେଆଇନ ଡ୍ରୋନ୍ ଉଡ଼ାଣ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଓଡ଼ିଶା ସରକାର ଶ୍ରୀମନ୍ଦିର ନିକଟରେ ଏକ ୱାଚ୍ ଟାୱାର ସ୍ଥାପନ ପାଇଁ ଯୋଜନା କରୁଛନ୍ତି । ମନ୍ଦିରକୁ ନିରୀକ୍ଷଣରେ ରଖିବା ପାଇଁ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

## ମାଘ ମାସରେ ଗ୍ରୀଷ୍ମର ପ୍ରକୋପ

ଭୁବନେଶ୍ୱର,୨୩।୧: ମାଘ ମାସରେ ଗ୍ରୀଷ୍ମର ପ୍ରକୋପ । ରାଜ୍ୟର ବିଭିନ୍ନ ସ୍ଥାନରେ ବଢିଛି ପାରଦ । ଗତ ୨୪ ଘଣ୍ଟା ଭିତରେ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଛି। ରାଉରକେଲା, ଦାରିଙ୍ଗବାଡି, କୋରାପୁଟରେ ୧୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । କିଛି ସହରରେ ତାପମାତ୍ରା ଗତ ୨୪ ଘଣ୍ଟାରେ ବୃଦ୍ଧି ପାଇଛି । ଚାନ୍ଦବାଲିରେ ପୂର୍ବ ପାରଦଠାରୁ ୪ ଡିଗ୍ରୀ ବଢିଛି ପାରଦ । ସେହିପରି ପାରାଦୀପରେ ୨.୮ ଡିଗ୍ରୀ, ଭୁବନେଶ୍ୱରରେ ୨.୨ ଡିଗ୍ରୀ, କଟକରେ ୧.୩ ଡିଗ୍ରୀ ପାରଦ ବଢିଛି । ମୋଟାମୋଟି କହିବାକୁ ଗଲେ, ରାଜ୍ୟର ବିଭିନ୍ନ ସ୍ଥାନରେ ବଢିଛି ତାପମାତ୍ରା, କମିଛି ଶୀତ। ମାଘ ମାସରେ ବାଘ ଭଳି ଶୀତ ହେବା କଥା । କିନ୍ତୁ ଏବେଠୁ ଖରା ତାତି ଦେହକୁ କାଟୁଛି । ଆଗକୁ ବୈଶାଖ ମାସରେ ଖରା କେତେ ପ୍ରଚଣ୍ଡ ହେବା ତାହା ଏବେଠୁ ଅନୁମାନ କରାଯାଇପାରେ ।

### ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା

## ଅଧ୍ୟକ୍ଷ, ଅଧ୍ୟାପକ ନିଲମ୍ବିତ

ଯାଜପୁର,୨୩।୧: ଯାଜପୁର ଜିଲା ବରୀ ଥାନା ଅଧୀନ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜର ଜଣେ ଛାତ୍ରୀଙ୍କୁ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବା ପରେ କଲେଜ ଅଧ୍ୟକ୍ଷ ସୁଧୀର କୁମାର ରାଉତ ଏବଂ ଅର୍ଥଶାସ୍ତ୍ର ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀ ଗୁରୁବାର ନିର୍ଦ୍ଦେଶ ଜାରି କରିଛନ୍ତି। କଲେଜ ଅଧ୍ୟକ୍ଷ ରାଉତ ଏବଂ ଅଧ୍ୟାପକ ଧଳଙ୍କ ବିରୋଧରେ ସରକାରୀ କାର୍ଯ୍ୟରେ ଅବହେଳା ଏବଂ ବରୀ ଆଇଆଇସିଙ୍କ ରିପୋର୍ଟ ଆଧାରରେ ସେମାନେ ବିନା ଅନୁମତିରେ ଫେରାର ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ନିଲମ୍ବନ ସମୟରେ ଉଭୟଙ୍କ ମୁଖ୍ୟ କାର୍ଯ୍ୟାଳୟ ବରୀ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଡିଗ୍ରୀ କଲେଜରେ ଉପସ୍ଥାନ ରହିବ ଏବଂ ସେମାନେ ବିନା ଅନୁମତିରେ ମୁଖ୍ୟ କାର୍ଯ୍ୟାଳୟ ଛାଡି ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି।

## ମେଟ୍ରୋ ସିଟି ପାଲଟିବ ଭୁବନେଶ୍ୱର

### ହେବ ବ୍ୟାପକ ସମ୍ପ୍ରସାରଣ



ଭୁବନେଶ୍ୱର,୨୩।୧: ରାଜଧାନୀ ଭୁବନେଶ୍ୱର ସହରକୁ ବ୍ୟାପକ ସମ୍ପ୍ରସାରଣ କରାଯିବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ସହରରେ ବଢୁଥିବା ଟ୍ରାଫିକ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ନିବେଶ ବୃଦ୍ଧି ପାଇଁ ଓଡ଼ିଶା ସରକାର ପ୍ରୟାସ କରୁଛନ୍ତି। ଭବିଷ୍ୟତରେ ଭୁବନେଶ୍ୱରକୁ ବିସ୍ତାର କରାଯିବ। ଏହି ପରିପ୍ରେକ୍ଷୀରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସମ୍ପ୍ରତି ଓଡ଼ିଶା ଗସ୍ତ ସମୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଭୁବନେଶ୍ୱର ଏକ ଆଦର୍ଶ ସହର ହେବ ବୋଲି ମହାପାତ୍ର କହିଛନ୍ତି। ଏହା ବ୍ୟତୀତ, ରାଜ୍ୟରେ ସହରାଞ୍ଚଳକୁ ବିସ୍ତାର କରିବା ପାଇଁ ଓଡ଼ିଶାରେ ଅଧିକ କର୍ପୋରେସନ ପ୍ରତିଷ୍ଠା କରାଯିବ। ନଗର ଯୋଜନା (ଟିପି) ଯୋଜନାରେ ଅଧିକ ସହରାଞ୍ଚଳକୁ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି। ରାଜ୍ୟ ସରକାର ପୁରୀକୁ ଦେଶର ଏକ ଅନ୍ତର୍ଜାତୀୟ ସହରରେ ପରିଣତ କରିବା ଉପରେ ଧ୍ୟାନ ଦେଉଛନ୍ତି। ରାଜ୍ୟର ସହରାଞ୍ଚଳର ସମ୍ପ୍ରସାରଣ ଯୋଜନାରେ ରିଙ୍ଗ ରୋଡ୍ ଏବଂ ରାସ୍ତା ପ୍ରଶସ୍ତୀକରଣ ଅନ୍ତର୍ଭୁକ୍ତ ହେବ ବୋଲି ସେ କହିଛନ୍ତି। ଚାଲିଥିବା ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ବିଷୟରେ ମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଉତ୍କର୍ଷ ଓଡ଼ିଶା କନକ୍ଲେଭ ପରେ ମୁଖ୍ୟମନ୍ତ୍ରୀ ମେଟ୍ରୋ କାର୍ଯ୍ୟ ସମୀକ୍ଷା କରିବେ। ଏହି ପ୍ରକଳ୍ପ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଭୁବନେଶ୍ୱର, କଟକ ଏବଂ ପୁରୀକୁ ନେଇ ଏକ ଟ୍ରାଇ-ସିଟି ବିକାଶ କରିବାର କଳ୍ପନା ମଧ୍ୟ କରିଛନ୍ତି। ଏହା ବ୍ୟତୀତ କଟକରେ ମହାନଦୀ ନଦୀକୂଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପର୍ଯ୍ୟନ୍ତ, ବର୍ତ୍ତମାନ ଏକକାଳୀନ ଅନେକ ଯୋଜନା ଚାଲିଛି।

## ନବ ଦାସଙ୍କ ହତ୍ୟା ତଦନ୍ତ ପ୍ରକ୍ରିୟା: ଖୁବଶୀଘ୍ର ନିଷ୍ପତ୍ତି ନେବେ ସରକାର



ଭୁବନେଶ୍ୱର,୨୩।୧: କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ତଦନ୍ତ ପ୍ରକ୍ରିୟା କ'ଣ ହେବ ସେ ନେଇ ଖୁବଶୀଘ୍ର ସରକାର ନିଷ୍ପତ୍ତି ନେବେ । ଏବେ ବିଭିନ୍ନ ତଥ୍ୟ ଧୀରେଧୀରେ ସାମ୍ନାକୁ ଆସୁଛି । ଆଉ ସେହି ସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ । ପୂର୍ବରୁ ଭୟର ବାତାବରଣ ଥିଲା। ନବଙ୍କ ହତ୍ୟା କାହିଁକି ହେଲା, କିଏ କଲା ଓ ଷଡ଼ଯନ୍ତ୍ରରେ କିଏ ଭାଗିଦାର ଥିଲେ ସେସବୁ କଥା ଆଗାମୀ ଦିନରେ ନିଶ୍ଚିତ ଭାବେ ଲୋକଲୋଚନକୁ ଆସିବ । ଗୁରୁବାର ଏଭଳି କିଛି ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଉ ମନ୍ତ୍ରୀଙ୍କ ଏହି ବୟାନ ହିଁ ପରୋକ୍ଷରେ ନବ ଦାସ ହତ୍ୟା ମାମଲାର ପୁନଃତଦନ୍ତ ପାଇଁ ସରକାର ବିଚାର କରୁଥିବା ମଧ୍ୟ ସ୍ପଷ୍ଟ ହୋଇଛି । ନବ ଦାସ ହତ୍ୟା ମାମଲାରେ ଗୁରୁବାର ଗଣମାଧ୍ୟମକୁ ରାଜ୍ୟ ସରକାରଙ୍କ ଦୁଇଜଣ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ । ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ସେସମୟରେ ବହୁତ ତଥ୍ୟ ଦେଇଥିଲି । ଆଜି ବି ଦେଉଛି । ବିସ୍ତାର ଭାବେ ଆଗକୁ ସେସମ୍ପର୍କରେ ଆଲୋଚନା ହେବ । ସେହିପରି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ତଦନ୍ତ ପ୍ରକ୍ରିୟା କ'ଣ ହେବ ସେ ନେଇ ସରକାର ଆଗକୁ ଖୁବଶୀଘ୍ର ନିଷ୍ପତ୍ତି ନେବେ।

## ସ୍ତ୍ରୀଙ୍କୁ ହତ୍ୟାକରି ପ୍ରେସର କୁକରରେ ରାନ୍ଧିଲା ସ୍ୱାମୀ

ହାଇଦ୍ରାବାଦ,୨୩।୧: ହତ୍ୟା ଏବଂ ଶରୀରକୁ ଖଣ୍ଡ ଖଣ୍ଡ କରିବା ଘଟଣା ସାଧାରଣ ହୋଇଗଲାଣି। ଶ୍ରଦ୍ଧା ହତ୍ୟା ମାମଲା ପରେ, ଏପରି ଅନେକ ଘଟଣା ସାମ୍ନାକୁ ଆସିଛି। ଏବେ ପୁଣିଥରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ହାଇଦ୍ରାବାଦରେ ଜଣେ ପୂର୍ବତନ ସୈନିକ ସ୍ତ୍ରୀଙ୍କୁ ହତ୍ୟା କରି କୁକରରେ ରାନ୍ଧିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି। କେବଳ ଏତିକି ନୁହେଁ, ତାଙ୍କ ଉପରେ ତାଙ୍କ ସ୍ତ୍ରୀଙ୍କ ଶରୀରକୁ ଛୋଟ ଛୋଟ ଖଣ୍ଡ କରି କାଟି ପ୍ରେସର କୁକରରେ ରାନ୍ଧିବାର ଅଭିଯୋଗ ମଧ୍ୟ ରହିଛି। ଅଭିଯୁକ୍ତ ଶରୀରର ଅଂଶଗୁଡ଼ିକୁ ରାନ୍ଧି ମୀରପେଟ ହ୍ରଦରେ ଫିଙ୍ଗି ଦେଇଥିଲେ। କୁହାଯାଉଛି ଯେ, ସେ ଏସବୁ କରିଥିଲେ କାରଣ ମୃତଦେହକୁ ନଷ୍ଟ କରିବା ସହଜ ହେବ ଏବଂ କେହି ତାଙ୍କୁ ସନ୍ଦେହ କରିବେ ନାହିଁ। ପୋଲିସ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରୁଛି। ମୃତ ମହିଳାଙ୍କ ନାମ ଭେଙ୍କଟ ମାଧବୀ। ପରିବାର ଲୋକେ କହିଛନ୍ତି ଯେ ସେ ଜାନୁଆରୀ ୧୬ରେ ନିଖୋଜ ହୋଇଯାଇଥିଲେ, ତା'ପରେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ସୂଚନା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହେଉଥିଲା। ଅଭିଯୁକ୍ତ ଜଣକ ଡିଆରଡିଓରେ ସୁରକ୍ଷା କର୍ମୀ ଭାବରେ କାମ କରନ୍ତି। ଏହି ଦମ୍ପତିଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛି। ୨୦୨୩ରେ ମୁମ୍ବାଇ ନିକଟସ୍ଥ ମୀରା ରୋଡରୁ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିଥିଲା। ସେଠାରେ ଜଣେ ବ୍ୟକ୍ତି ପ୍ରଥମେ ତାଙ୍କ ଲିଭ-ଇନ ପାର୍ଟନରଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ ଏବଂ ତା'ପରେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ସୂଚନା ଅନୁଯାୟୀ, ମୃତଦେହକୁ ନଷ୍ଟ କରିବା ପାଇଁ, ଏକ କଟର ମେସିନ ବ୍ୟବହାର କରି ଏହାକୁ ଖଣ୍ଡ ଖଣ୍ଡ କରାଯାଇଥିଲା ଏବଂ ତା'ପରେ ଏହି ଖଣ୍ଡଗୁଡ଼ିକୁ ମିକ୍ସର ଗ୍ରାଇଣ୍ଡରରେ ଗୁଣ୍ଡ କରି ପ୍ରେସର କୁକରରେ ରାନ୍ଧିଥିଲେ।

### ପରାକ୍ରମ ଦିବସ ଉଦ୍‌ଘାଟିତ

# ଦେଶାତ୍ମବୋଧରେ ନେତାଜୀଙ୍କ ନାମ ସର୍ବାଗ୍ରେ: ମୁଖ୍ୟମନ୍ତ୍ରୀ

 କଟକ,୨୩।୧(ନିପ୍ର): ନେତାଜୀ ଥିଲେ ଅଦମ୍ୟ ସାହସର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ଜନ୍ମର ୧୦୦ ବର୍ଷ ପରେ ମଧ୍ୟ ଯେତେବେଳେ ସଂଗ୍ରାମ ଓ ଦେଶାତ୍ମବୋଧର ଆଲୋଚନା ହୁଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ସର୍ବାଗ୍ରେ ରହିଥାଏ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁବାର କଟକଠାରେ ପରାକ୍ରମ ଦିବସ ପାଳନ ଅବସରରେ କହିଛନ୍ତି । ବାରବାଟୀ ଦୁର୍ଗର ସତ୍ୟବ୍ରତ ଷ୍ଟାଡିୟମ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ପରାକ୍ରମ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ବ୍ରିଟିଶ ଶାସନ ବିରୋଧରେ ନେତାଜୀଙ୍କ ବୀରତ୍ୱ ଓ ଯୁଦ୍ଧ କୌଶଳ ଦେଶର ସ୍ୱାଧୀନତା ପାଇଁ ଏକ ମୁଖ୍ୟ କାରଣ ଥିଲା। ଭାରତ ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ଏବଂ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡ଼ିୟମଠାରେ ଗୁରୁବାର ଠାରୁ ୩ ଦିନ ବ୍ୟାପୀ ଆୟୋଜିତ ପରାକ୍ରମ ଦିବସ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପଭାତୀ ପରିଡ଼ା, ସାଂସଦ ଭର୍ତ୍ତୃହରି ମହତାବ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ସାଂସଦ ବିଗ୍ରେଡ଼ିଅର କାମାକ୍ଷା ପ୍ରସାଦ ସିଂହଦେଓ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ, ଦେଶ ସ୍ୱାଧୀନତା ସଂଗ୍ରାମରେ

- ମାତୃଭୂମିର ସୁରକ୍ଷା ନେତାଜୀଙ୍କ ଏକମାତ୍ର ଲକ୍ଷ୍ୟ ଥିଲା
- ଯୁବପିଢ଼ି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ
- ସଂଗ୍ରାମ କରିନଥିଲେ ଭାରତ ଆହୁରି ପରାଧୀନ ହୋଇ ରହିଥାନ୍ତା

ଅସାଧାରଣ ଏବଂ ଅଦ୍ୱିତୀୟ ନେତା ହେଉଛନ୍ତି ନେତାଜୀ ସୁବାଷ ଚନ୍ଦ୍ର ବୋଷ । ନେତାଜୀ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଡାକରା ଦେଇ ଇଂରେଜ ସରକାରଙ୍କୁ ଭୟଭୀତ କରିଦେଇଥିଲେ। ମାତୃଭୂମିର ସୁରକ୍ଷା ନେତାଜୀଙ୍କ ଜୀବନର ଏକାମାତ୍ର ଲକ୍ଷ୍ୟ ଥିଲା । ଯାହା ଫଳରେ ସେ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ଇଂରେଜମାନଙ୍କୁ ତଡ଼ିବା ପାଇଁ ସଂଗ୍ରାମ ଜାରି ରଖିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ନେତାଜୀ ସାମରିକ ସଂଗ୍ରାମ କରି ନଥିଲେ ଭାରତ ଆହୁରି କେତେ ଦିନ ପରାଧୀନ ହୋଇ ରହିଥାନ୍ତା। ୨୦୨୧ ଜାନୁଆରୀ ୧୯ରେ ପ୍ରଧାନମନ୍ତ୍ରୀ ମୋଦୀ ଜାନୁଆରୀ ୨୩ ତାରିଖକୁ "ପରାକ୍ରମ ଦିବସ" ଭାବେ ପାଳନ ପାଇଁ ଘୋଷଣା କରିଥିଲେ। ପ୍ରଥମେ କଲିକତା ପରେ ଦିଲ୍ଲୀ ଓ ଚଳିତ ବର୍ଷ ଏହା ନେତାଜୀଙ୍କ ଜନ୍ମ ସହର କଟକରେ ପାଳିତ ହେଉଥିବାରୁ ଆମ୍ଭେମାନେ ଗର୍ବିତ ବୋଲି ପରାକ୍ରମ ଦିବସକୁ ଉଦଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ଯୁବପିଢ଼ି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମୋଦି ଭରଚୁଆଲ ଯୋଗେ ତାଙ୍କ ଅଭିଭାଷଣ ରଖିଥିଲେ ।



CMYK




# ମହାକୁମ୍ଭ ମେଳାର ମୋନାଲିସା

■ ସନ୍ତୋଷ କୁମାର ଦାଶ

ଠିକ୍ ସେମିତି ବାରବର୍ଷରେ ପଡୁଥିବା କୁମ୍ଭ ମେଳାରେ ସ୍ନାନ କରି ମଣିଷ ଆଧାତ୍ମିକତାର ବାତାବରଣରୁ ଆନନ୍ଦ ଅନୁଭବ କରିବ ନା ମୋନାଲିସାର ଆଖିରେ ବିଭୋର ହେବ, ତାହା ମଧ୍ୟ ସେହି ମଣିଷର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ । ମୋନାଲିସାର ଆଖି ପାଖରେ ଅଟକି ଗଲେ କୁମ୍ଭ ସ୍ନାନର ମହତ୍ତ୍ୱ ଜଣେ ଅନୁଭବ କରିପାରିବ ନାହିଁ । ଆମ ଜୀବନର ସଫଳତା ତଥା ସାର୍ଥକତା ଆମର ଦୃଷ୍ଟିଭଙ୍ଗୀ ଉପରେ ସିଧାସଳଖ ନିର୍ଭର କରିଥାଏ ।

ମାନସିକତା ଅନୁସାରେ କୁମ୍ଭରେ ଯୋଗଦେବାର ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ହୋଇଥାଏ । କିଛି କୁମ୍ଭସ୍ନାନକୁ ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖି ଆନନ୍ଦ ଅନୁଭବ କଲା ବେଳେ ଆଉ କିଛି ମୋନାଲିସା ଭୋସଲେ ଭଳି ଯୁବତୀଙ୍କ ଆଖିର ନିଆରାପଣରୁ ଆନନ୍ଦ ଅନୁଭବ କରନ୍ତି ।











ଏବେ କୁମ୍ଭମେଳାର ଆଧାତ୍ମିକ ପରିବେଶର ଦୃଶ୍ୟକୁ ଟିଭି ଓ ସାମାଜିକ ଗଣମାଧ୍ୟମରେ ପଛରେ ପକାଇ ଦେଇଛି ମୋନାଲିସା ଭୋସଲେ ନାମ୍ନୀ ଜଣେ ମାଳି ବିକ୍ରେତା ବଞ୍ଜାରା ଝିଅଙ୍କ ଆଖିର ସୌନ୍ଦର୍ଯ୍ୟ । କିଛି ନିଆରା ତଥା ସୁନ୍ଦର ବସ୍ତୁ, ଚିତ୍ର, ଦୃଶ୍ୟ, ଶରୀର, ଅଙ୍ଗ ପ୍ରତି ଆକର୍ଷଣ ବି ନୂଆ କଥା ନୁହେଁ । ଦେବ, ଦାନବ, ମାନବ ସମସ୍ତଙ୍କ ଭିତରେ ଏ ଆକର୍ଷଣ ସାଧାରଣ ଘଟଣା । ଆଧାତ୍ମିକ ଦୃଷ୍ଟିକୋଣରୁ ମହାକୁମ୍ଭ ମେଳାର ଗୁରୁତ୍ୱ ରହିଛି । ବିଶ୍ୱବ୍ୟାପୀ ହିନ୍ଦୁ ସମାଜ ପବିତ୍ର ଗଙ୍ଗା ମାଆଙ୍କ ଆଶୀର୍ବାଦ କାମନା କରନ୍ତି । ପ୍ରତି ବାର ବର୍ଷରେ ଥରେ କୁମ୍ଭମେଳା ଆୟୋଜିତ ହୁଏ, ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୈନ, ନାସିକରେ କୁମ୍ଭ ସ୍ନାନ ଆୟୋଜିତ ହୁଏ । କୁମ୍ଭ ସ୍ନାନରେ ସର୍ବ ପାପ ଖଣ୍ଡନ ହୁଏ, ସକଳ ମନୋବାଞ୍ଛା ପୂର୍ଣ୍ଣ ହୁଏ ତଥା ମୋକ୍ଷ ପ୍ରାପ୍ତିର ମାର୍ଗ ପ୍ରଶସ୍ତ ହୁଏ ବୋଲି ହିନ୍ଦୁଙ୍କ ବିଶ୍ୱାସ ରହିଛି । କୋଟିକୋଟି ଶ୍ରଦ୍ଧାଳୁଙ୍କ ସହ ସାଧୁସନ୍ଥଙ୍କ ଉପସ୍ଥିତିରେ କୁମ୍ଭମେଳାର ପରିବେଶ ଆଧାତ୍ମିକତାର ଏକ ସୁନ୍ଦର ବାତାବରଣ ସୃଷ୍ଟି କରେ । ତେବେ କୁମ୍ଭ ମେଳାକୁ ଯିଏ ଯାଉଛି, ସେ ସାଧୁ ବା ଶ୍ରଦ୍ଧାଳୁ ବୋଲି କହିହେବନି । ଆମ ଓଡ଼ିଶାର ପୂଣ୍ୟଭୂମିରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହୁଏ । ତେବେ ରଥଯାତ୍ରାକୁ ଯାଉଥିବା ଲୋକେ କଣ ସମସ୍ତେ ଶ୍ରୀଜଗନ୍ନାଥଙ୍କ ଭକ୍ତ ବା ଶ୍ରଦ୍ଧାଳୁ? କିଛି ଭକ୍ତିରେ ଯାଆନ୍ତି, କିଛି ବ୍ୟବସାୟ ଉଦ୍ଦେଶ୍ୟରେ ତ ଆଉ କିଛି ଭିଡର ଫାଇଦା ଉଠାଇ ଚୋରି ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକରିବାକୁ ଯାଇଥାନ୍ତି । ମହାକୁମ୍ଭରେ ବି ତାହାହିଁ ହୁଏ, ସିଂହଭାଗ ଲୋକ କୁମ୍ଭ ସ୍ନାନ, ସାଧୁ ସନ୍ଥଙ୍କ ସାନ୍ନିଧ ପ୍ରାପ୍ତି ପାଇଁ ଯାଉଥିବା ବେଳେ କିଛି ରିଲ୍ସ, ୟୁଟ୍ୟୁବ ପାଇଁ ଭିଡିଓ ବନାଇବାକୁ, କିଛି ଅନ୍ତରରେ ଭକ୍ତି ନଥିଲେ ବି କୁମ୍ଭ ସ୍ନାନ ଆଳରେ ମଉଜ ମସ୍ତି କରିବାକୁ, କିଛି ସର୍ବବୃହତ୍ ଜନସମାଗମରେ ଅପରାଧିକ କାର୍ଯ୍ୟ କରିବାକୁ ଯାଇଥାନ୍ତି । ମାନସିକତା ଅନୁସାରେ କୁମ୍ଭରେ ଯୋଗଦେବାର ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ହୋଇଥାଏ । କିଛି କୁମ୍ଭସ୍ନାନକୁ ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖି ଆନନ୍ଦ ଅନୁଭବ କଲା ବେଳେ ଆଉ କିଛି ମୋନାଲିସା ଭୋସଲେ ଭଳି ଯୁବତୀଙ୍କ ଆଖିର ନିଆରାପଣରୁ ଆନନ୍ଦ ଅନୁଭବ କରନ୍ତି । ଜଣେ ମନ୍ଦିର ଗାତ୍ରରେ ରହି ଆସିଥିବା ଯୌନମୂର୍ତ୍ତୀର ସୌନ୍ଦର୍ଯ୍ୟରେ ବିଭୋର ହେବ ନା ଏହାକୁ ଅତିକ୍ରମ କରି ମନ୍ଦିର ଭିତରେ ଈଶ୍ୱର ଦର୍ଶନ କରି ତୃପ୍ତ ହେବ, ତାହା ସେହି ବ୍ୟକ୍ତିର ଦୃଷ୍ଟି ଭଙ୍ଗୀ ଉପରେ ନିର୍ଭର କରେ । ଠିକ୍ ସେମିତି ବାରବର୍ଷରେ ପଡୁଥିବା କୁମ୍ଭ ମେଳାରେ ସ୍ନାନ କରି ମଣିଷ ଆଧାତ୍ମିକତାର ବାତାବରଣରୁ ଆନନ୍ଦ ଅନୁଭବ କରିବ ନା ମୋନାଲିସାର ଆଖିରେ ବିଭୋର ହେବ, ତାହା ମଧ୍ୟ ସେହି ମଣିଷର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ । ମୋନାଲିସାର ଆଖି ପାଖରେ ଅଟକି ଗଲେ କୁମ୍ଭ ସ୍ନାନର ମହତ୍ତ୍ୱ ଜଣେ ଅନୁଭବ କରିପାରିବ ନାହିଁ । ଆମ ଜୀବନର ସଫଳତା ତଥା ସାର୍ଥକତା ଆମର ଦୃଷ୍ଟିଭଙ୍ଗୀ ଉପରେ ସିଧାସଳଖ ନିର୍ଭର କରିଥାଏ । ସେ ଯାହା ହେଉ ନା କାହିଁକି କୁମ୍ଭ ମେଳାରେ ଭିଡ ଜମାଉଥିବା ସାଧୁସନ୍ଥଙ୍କ ବେଶଭୂଷା, ଚାଲିଚଳନ, କାର୍ଯ୍ୟ ଯେତିକି ଭକ୍ତ ଓ କୁମ୍ଭ ମେଳା ଯାତ୍ରୀମାନଙ୍କୁ ଆକର୍ଷଣ କରୁଛି ସେମିତି ପେଟ ପୋଷିବା ପାଇଁ ମାଳି ବିକୁଥିବା ମୋନାଲିସା ପରି ବଞ୍ଜାରା ଯୁବତୀଙ୍କ ସୋନ୍ଦର୍ଯ୍ୟ ମଧ୍ୟ ବହୁ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

*ତୁଳସୀପୁର, ପୁରୀ, ମୋ-୯୪୩୯୩୬୧୮୮୮ ।*

# -ଶ୍ରୀବୃକ୍ଷ-

ପ୍ରଭୁ ଶିବଶଙ୍କରଙ୍କୁ ବେଲପତ୍ର ଖୁବ ପ୍ରିୟ, ଏହାର ଶିବ ପୁରାଣରେ ମଧ ବର୍ଣ୍ଣନା କରାଯାଇଛି । ତେଣୁ ସମସ୍ତ ଭକ୍ତ ଶ୍ରଦ୍ଧାର ଭାବ ସହ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ବେଲ ପତ୍ର ଅର୍ପଣ କରିଥାଆନ୍ତି । ଏହାଦ୍ୱାରା ପ୍ରଭୁ ଖୁବ ପ୍ରସନ୍ନ ହେବା ସହ ଭକ୍ତଙ୍କ ଉପରେ କୃପା ଓ ଆଶୀର୍ବାଦ ଦେଇଥାଆନ୍ତି । ପ୍ରଭୁଙ୍କୁ ବେଲପତ୍ର ଅର୍ପଣ କରିବା ସହ ଏହାର ମହତ୍ତ୍ୱ ମଧ ଜାଣନ୍ତୁ । ବେଲ ଗଛକୁ ଶ୍ରୀବୃକ୍ଷ ମଧ କୁହାଯାଏ । ମାନ୍ୟତା ଅନୁଯାୟୀ, ଏଥିରେ ପ୍ରଭୁ ମହାଦେବ ବାସ କରନ୍ତି । ତିନିଟି ପତ୍ର ବିଶିଷ୍ଟ ବେଲପତ୍ରକୁ ତ୍ରିଦେବଙ୍କ ଏକ ରୂପ ବୋଲି ମଧ କୁହାଯାଏ । କିମ୍ବଦନ୍ତୀ ଅନୁଯାୟୀ, ଏକଦା ମାତା ପାର୍ବତୀ ଆଙ୍ଗୁଠିରେ ନିଜ ମଥାରେ ଥିବା ଝାଳକୁ ପୋଛି ପକାଇଦେଇଥିଲେ । ସେହି ଝାଳରୁ କିଛି ବୁନ୍ଦା ମନ୍ଦାର ପର୍ବତରେ ପଡ଼ିଥିଲା । ସେଥିରୁ ହିଁ ବେଲଗଛ ଉତ୍ପନ୍ନ ହୋଇଛି ବୋଲି କୁହାଯାଏ । ଏହି ବେଲ ବୃକ୍ଷ ଅଧିକାଂଶ କେବଳ ମନ୍ଦିର ନିକଟରେ ହିଁ ଥାଏ । ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି, ଘରର ବଗିଚାରେ ବେଲ ବୃକ୍ଷ ଲଗାଇବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଯେଉଁ ସ୍ଥାନରେ ଏହି ବୃକ୍ଷ ରହିଥାଏ, ତାହା କାଶୀ ତୀର୍ଥ ଭଳି ପବିତ୍ର ଓ ପୂଜନୀୟସ୍ଥଳ । ଏହାର ପ୍ରଭାବରେ ଘରର ସଦସ୍ୟଙ୍କ ଉପରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ । ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ଭାବ ରହିଥାଏ । ଘରେ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ । ଏହା ବାତାବରଣକୁ ଶୁଦ୍ଧ ଓ ପବିତ୍ର କରିଥାଏ । ଏହି ବୃକ୍ଷର ପ୍ରଭାବରେ କୌଣସି କ୍ଷତିକାରକ ଜୀବଜନ୍ତୁ ରୁହନ୍ତି ନାହିଁ । ବେଲପତ୍ର ତୋଳିବା ସମୟରେ କିଛି ସ୍ୱତନ୍ତ୍ର ନିୟମ ପ୍ରତି ଧ୍ୟାନ ରଖିବା ସହ ପ୍ରଭୁ ଭୋଳାଶଙ୍କରଙ୍କୁ ଅର୍ପଣ କରିବା ଶ୍ରେଷ୍ଠ ବୋଲି କୁହାଯାଏ ।

## ସଂସ୍କାର
# ସୀମାନ୍ତୋନ୍ନୟନ

କେହି କେହି ସୀମାନ୍ତ ସଂସ୍କାର ମଧ କହିଥାନ୍ତି । ଶିଶୁ ଓ ତା'ର ମାତାକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଇଷ୍ଟଦେବୀ ମାଁ ଭଗବତୀଙ୍କ ନିକଟରେ ପ୍ରାର୍ଥନା କରାଯାଏ । ଗର୍ଭବତୀ ମାତୃଙ୍କର ସିନ୍ଥିରେ ସିନ୍ଦୂର ଭରିବାର ଏକ ବିଧି ରହିଛି । ତଦ୍ଦ୍ୱାରା ମା'ର ମନରେ ସକାରାତ୍ମକ ଭାବ ଜାଗ୍ରତ କରିବା ହୋଇଥାଏ । ଏହା ୪ର୍ଥ ମାସରେ ଆରମ୍ଭ କରି ଅଷ୍ଟମ ମାସ ମଧ୍ୟରେ କରାଯାଏ । ଏହି ସମୟରେ ଶିଶୁର ବିକାଶ କ୍ରିୟା ସକ୍ରିୟ ଥାଏ । ମାଆର ଖାଦ୍ୟ ଇଚ୍ଛାକୁ ପୂରଣ କରିବା ପାଇଁ ବନ୍ଧୁ ଓ ପରିବାର ବର୍ଗ ଗର୍ଭବତୀ ମା'ଙ୍କ ସକାଶେ ନାନାଦି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସୁସ୍ଥ, ସୁନ୍ଦର, ଉତ୍ତମ ଗୁଣବାନ ଶିଶୁ ଜନ୍ମ ହେବା ପାଇଁ ସମସ୍ତେ ଆଶୀର୍ବାଦ କରିଥାନ୍ତି ।



# ତୁଳସୀ ପୂଜା





ସାଧାରଣତଃ, ହିନ୍ଦୁ ଘରେ ତୁଳସୀ ଗଛକୁ ପୂଜା କରାଯାଏ । ଘରର ସୁଖ ଓ ଶାନ୍ତି ପାଇଁ ପ୍ରତିଦିନ ତୁଳସୀ ପୂଜା କରାଯାଏ । ଧୂପ ଓ ଦୀପ ଲଗାଇ ପୂଜା କରାଯାଏ । ଫଳରେ ପରିବାର ସଦସ୍ୟମାନେ ସକରାତ୍ମକ ଜୀବନ ଯାପନ କରିପାରନ୍ତି । ରୋଗ ଦୂର ହୁଏ ଓ ଆର୍ଥିକ ସମସ୍ୟା ମଧ ଟଳିଯାଏ । ବୈଜ୍ଞାନିକ ଅନୁଯାୟୀ ତୁଳସୀ ଏକ ଗଛ । ସେହିପରି କିଛି ଲୋକ ପଚାରନ୍ତି କାହିଁକି ଏହାକୁ ପୂଜା କରାଯାଏ । ଏହାର ଏକ ଦୃଢ଼ କାରଣ ଅଛି । ତୁଳସୀ ଗଛ ଡାଳ, ପତ୍ର ଏବଂ ଫୁଲ ସବୁରେ ଔଷଧୀୟ ଗୁଣ ରହିଛି । ଯଦି ଉଦ୍ଭିଦକୁ ପୂର୍ବ ଦିଗରେ ରଖାଯାଏ, ଏଥିରୁ ଆସୁଥିବା ପବନ ଘରେ ପ୍ରବେଶ କରିବ । ଅଧିକନ୍ତୁ, ପ୍ରତିଦିନ ୪ଟି ତୁଳସୀ ପତ୍ର ଖାଇବା ଯଥେଷ୍ଟ । ଅନେକ ରୋଗ ଦୂର ହୋଇପାରିବ । ହେଲେ ଆପଣ ଜାଣିଛନ୍ତି କି ତୁଳସୀର ଏପରି ପୂଜା କରିବା ଦ୍ୱାରା ଘର ଦ୍ୱାରରେ ଧନଲକ୍ଷ୍ମୀ କବାଟ ବାଡେଇଥାଏ । ପଣ୍ଡିତମାନଙ୍କ ପରାମର୍ଶ ଯେ ହିନ୍ଦୁ ପୁରାଣ ଅନୁଯାୟୀ ଶନିବାର ସନ୍ଧ୍ୟାରେ ତୁଳସୀ ଉଦ୍ଭିଦ ତଳେ ଶାଳଗ୍ରାମ ପଥର ରଖନ୍ତୁ । ଏହି ପ୍ରକାର ପଥର ବର୍ତ୍ତମାନ ଅନଲାଇନ୍ ଇ-କମର୍ସ ସାଇଟରେ ମଧ ଉପଲବ୍ଧ ରହିଛି । ତୁଳସୀ ଗଛ ମୂଳରେ ଏକ ନାଲି କପଡ଼ା ବାନ୍ଧନ୍ତୁ ଓ ଘରର ମୁଖ୍ୟ ଦ୍ୱାର ଆଗରେ ରଖନ୍ତ । ଏହି ପଥର ଖଣ୍ଡକୁ ଶାଳଗ୍ରାମ କୁହାଯାଏ । ଏହି ପଥରଟି ଭଗବାନ ବିଷ୍ଣୁଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ । କିମ୍ବଦନ୍ତୀ ରହିଛି ଯେ ତୁଳସୀ ଗଛ ସହ ଶାଳଗ୍ରାମ ରଖିଲେ ଘରେ ଟଙ୍କା ଅଭାବ ରୁହେ ନାହିଁ । ପଣ୍ଡିତମାନେ କହିଛନ୍ତି ଯେ କେବଳ ଦାରିଦ୍ର୍ୟ ଦୂର ହେବ ନାହିଁ, ବରଂ ଶାଳଗ୍ରାମକୁ ତୁଳସୀ ଚଉରା ତଳେ ରଖିଲେ ଘରକୁ ଶାନ୍ତି ଆସିବ । ଯଦି ନବ ବିବାହିତ ଦମ୍ପତି ଏହା କରନ୍ତି, ତେବେ ସେମାନଙ୍କର ବିବାହିତ ଜୀବନ ସୁରୁଖୁରୁରେ ଚାଲିବ । କାର୍ଯ୍ୟରେ ମଧ ସଫଳତା ମିଳିବ । କୁହାଯାଏ ସମସ୍ତେ ଘରେ ସୁସ୍ଥ ରହିବେ ।

# ପୂର୍ଣ୍ଣ କୁମ୍ଭ

*୧୨ ବର୍ଷ ପରେ ପାଳନ କରାଯାଉଥିବା କୁମ୍ଭ ମେଳାକୁ ପୂର୍ଣ୍ଣ କୁମ୍ଭ ମେଳା କୁହାଯାଇଥାଏ । ଚାରି ପବିତ୍ର ସ୍ଥାନ ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟନୀ ଓ ନାସିକରେ ଅନୁଷ୍ଠିତ ହୁଏ ପୂର୍ଣ୍ଣ କୁମ୍ଭ ମେଳା । ଏହି ଭବ୍ୟ ସମାରୋହରେ ଅନେକ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମେ । ପ୍ରତ୍ୟେକ ସ୍ଥାନ ଏକ ସଂଗମ କିମ୍ବା ନଦୀ ସହ ସମ୍ବନ୍ଧିତ ହୋଇଥାଏ, ଏହି ସମୟରେ ବୁଡ଼ ପକାଇଲେ ଦୈବୀ ଶକ୍ତି ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ବୃହସ୍ପତି ଓ ସୂର୍ଯ୍ୟ ଗ୍ରହର ସ୍ଥିତି ପୂର୍ଣ୍ଣ କୁମ୍ଭ ସମୟକୁ ନିର୍ଦ୍ଧାରିତ କରିଥାଏ, ଯାହା ଏହାକୁ ହିନ୍ଦୁ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଆଧାତ୍ମିକ ସମାବେଶରେ ପରିଣତ କରେ ।*

# ବିଶ୍ୱାସ

କିଛି ଜିନିଷ ଅଛି, ଯାହାକୁ ତକିଆ ତଳେ ରଖିବା ଉଚିତ ନୁହେ ବୋଲି ବିଶ୍ୱାସ ରହିଛି । ଯାହା ଶାରୀରିକ ଓ ମାନସିକ ସ୍ତରରେ ଖରାପ ପ୍ରଭାବ ପକାଇଥାଏ । ସେଭଳି କିଛି ଜିନିଷ ସଂପର୍କରେ ସାମାନ୍ୟ ଆଲୋଚନା । ହାତଘଡ଼ିକୁ କେବେ ମଧ ତକିଆ ତଳେ ରଖନ୍ତୁ ନାହିଁ କିମ୍ବା ଶୋଇବା ସମୟରେ ଖଟ ଉପରେ ରଖନ୍ତୁ ନାହିଁ । କାରଣ ଏହାଦ୍ୱାରା ମାନସିକ ସମସ୍ୟା ବଢ଼ିଥାଏ । ତକିଆ ତଳେ ମନିପର୍ସ ରଖିବା ଦ୍ୱାରା ଆର୍ଥିକ ସମସ୍ୟା ଆସେ । କୌଣସି ବୈଦ୍ୟୁତିକ ଜିନିଷ ବା ମୋବାଇଲ୍ ଫୋନ୍ ମଧ ରଖିବା ଅନୁଚିତ । ଖଟ ପାଖରେ ଜୋତା ବା ଚପଲ ରଖି ଶୋଇବା ଦ୍ୱାରା ଭୟାନକ ସ୍ୱପ୍ନ ଆସିଥାଏ । ସୁନିଦ୍ରା ପାଇଁ ବହି ପଢ଼ିଥାନ୍ତି କିଛି ଲୋକ । ନିଦ ଆସିଲେ ତକିଆ ପାଖରେ ତାହା ରଖିବା ଅଶୁଭ ବୋଲି ମନେ କରାଯାଏ ।

# ରାତିରେ କାହିଁକି ଖାଆନ୍ତି ନାହିଁ ଦହି

ଦହି ସ୍ୱାସ୍ଥ୍ୟପ୍ରତି ହିତକର । ହେଲେ ଆୟୁର୍ବେଦ ଓ ବିଶେଷଜ୍ଞଙ୍କ ମତରେ ରାତିରେ ଦହି ଖାଇବା ଅନୁଚିତ । ଏପରିକି ହିନ୍ଦୁ ଧର୍ମରେ ମଧ ରାତିରେ ଦହି ସେବନ ନ କରିବା ପାଇଁ ପରାମର୍ଶ ଦିଆଯାଇଛି । ତେବେ ରାତ୍ରି ଭୋଜନରେ ଦହି ଖାଇବା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ରାତିରେ ଦହି ଖାଇଲେ ଶରୀରର ଉଷ୍ମତା ବୃଦ୍ଧିବା ସହ ଦ୍ୱାରା ଏସିଡିଟି ସମସ୍ୟା ହୋଇଥାଏ । ସେହିପରି ରାତିରେ ଦହି ଖାଇଲେ କାଶ,କଫ ଓ ଥଣ୍ଡା ହେବାର ଭୟ ରହିଥାଏ । ଏପରିକି ଦୀର୍ଘ ଦିନ ପର୍ଯ୍ୟନ୍ତ କଫ ଜମିଯିବାର ଭୟ ମଧ ରହିଥାଏ । ଅନ୍ୟପକ୍ଷରେ ଦିନ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଶରୀରକୁ ସଠିକ୍ ପରିମାଣରେ ପୋଷକତତ୍ତ୍ୱ ମିଳିଥାଏ ଏପିରିକ ଖାଦ୍ୟ ମଧ ସହଜରେ ହଜମ ହୋଇଥାଏ ଏବଂ ହଜମ କ୍ରିୟା ସଠିକ୍ ଭାବେ ହୋଇଥାଏ । କୁହାଯାଏ ଖରା କିମ୍ବା ବର୍ଷା ଦିନରେ ଦହି ଖାଇବା ଦ୍ୱାରା ଆମ ଶରୀର ଶକ୍ତିଶାଳୀ, ଫୁର୍ତ୍ତି ହୋଇଥାଏ । ଦହିରେ ପୁଷ୍ଟିକର, ଖାଦ୍ୟସାର, ଲବଣ ଜାତୀୟ ପଦାର୍ଥ ଭରି ରହିଚି । ଯାହା ହଜମରେ ସାହାଯ୍ୟ କରିଥାଏ ଏବଂ ଶରୀରକୁ ଆବଶ୍ୟକୀୟ ମିନେରାଲ ଯୋଗାଇଥାଏ ।

*ରାତିରେ ଦହି ଖାଇଲେ କାଶ, କଫ ଓ ଥଣ୍ଡା ହେବାର ଭୟ ରହିଥାଏ । ଏପରିକି ଦୀର୍ଘ ଦିନ ପର୍ଯ୍ୟନ୍ତ କଫ ଜମିଯିବାର ଭୟ ମଧ ରହିଥାଏ । ଅନ୍ୟପକ୍ଷରେ ଦିନ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଶରୀରକୁ ପୋଷକତତ୍ତ୍ୱ ମିଳିଥାଏ*



# ନେତାଜୀ ଜାତି ପାଇଁ ସ୍ମରଣୀୟ ଓ ବରଣୀୟ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପଞ୍ଚାୟତ ଓ କଲେଜ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ନେତା ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଅଧ୍ୟାପକ ଡ. ଜୟନ୍ତ ବାନାର୍ଜୀ ଓ ସରପଞ୍ଚ କାଦମ୍ବିନୀ ବେହେରା, ଏନସିସି ଅଫିସର ଏଲଟି ଲକ୍ଷ୍ମୀପ୍ରିୟା ଚାନ୍ଦ ସ୍ଥାନୀୟ କଲେଜ ଛକସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀମାନେ ଅଭିଭାଦନ ଗ୍ରହଣ କରିଥିଲେ। ଆଜାଦ ହିନ୍ଦ୍ ଫୌଜ ଗଠନ କରି ଭାରତୀୟଙ୍କୁ ସ୍ୱାଧୀନ ଚେତା କରିବା ସହ ଦେଶର ସ୍ୱାଧୀନତା ସଂଗ୍ରାମକୁ ଏକ ସଫଳ ଦିଗନ୍ତ ଦେଖାଇଥିବା ନେତାଜୀ ଜାତି ପାଇଁ ସ୍ମରଣୀୟ ଓ ବରଣୀୟ ହୋଇ ରହିଥିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତ କର୍ମଚାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜନ୍ମେଜୟ ପାଇକରାୟ ଓ କ୍ରୀଡା ଶିକ୍ଷକ ମନୋଜ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ନିରାକାରପୁର ନେତାଜୀ ପବ୍ଲିକ ସ୍କୁଲ, କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରମୁଖରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ନେତାଜୀ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳୀ

ଆସିକା(ନିପ୍ର): ଆସିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଆସିକାର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର, ସରସ୍ୱତୀ ଶିଶୁମନ୍ଦିର, ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ, କଲେଜ ଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲ, ଏନଏସି ହାଇସ୍କୁଲ, ଆରୀୟାନ ପବ୍ଲିକ ସ୍କୁଲ, ଡିପଲ ସ୍କୁଲ, ହରିହର ଉଚ୍ଚ ବିଦ୍ୟାଳୟ, ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଦିରେ ଅତି ଧୁମଧାମର ସହିତ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ନେତାଜୀ ଉପାଧି ରବିନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କଥା ସ୍ମରଣ କରାଇବା ସହ ଦେଶ ସ୍ୱାଧୀନ ପାଇଁ ସୁବାସ ବୋଷଙ୍କ ଜୀବନବ୍ୟାପୀ ସଂଗ୍ରାମ ତଥା ଆଜାଦ୍ ହିନ୍ଦ୍ ଫୌଜ ଗଠନ ତଥା ଜୀବନର ଶେଷ ରକ୍ତ ବିନ୍ଦୁଥିବା ପର୍ଯ୍ୟନ୍ତ ମାତୃଭୂମିର ରକ୍ଷା ପାଇଁ ନିଜ ଜୀବନକୁ ବାଜିଲଗାଇଥିବା କଥା ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟମନ୍ଦିର ସ୍କାଉଟ ଓ ଗାଇଡ଼ମାନେ ଏହି ଦିବସରେ ନିକଟସ୍ଥ ବସ୍ତି ସଫା କରିବା ସହ ଏକ ରାଲି କରିଥିଲେ।

# ସ୍ୱର୍ଗତା ସତ୍ୟଭାମାଙ୍କ ଉଦ୍ଦେଶ୍ୟରେ ଶୋକସଭା

ଚାରିଛକ,(ନିପ୍ର): ନିମାପଡା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ବାଲୁଙ୍କ ଗ୍ରାମର ସ୍ୱର୍ଗତା ସତ୍ୟଭାମା ପ୍ରଧାନ ଉଦ୍ଦେଶ୍ୟରେ ଏକ ଶୋକସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଜଣେ ଶାନ୍ତ,ସରଳ, ମିଷ୍ଟଭାଷୀ,ଧର୍ମପରାୟଣା ମହିଳା ଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତାଙ୍କର ଏକାଦଶାହ ଅବସରରେ ପୂର୍ବତନମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁତ୍ର ଦିଲ୍ଲୀପ କୁମାର ପ୍ରଧାନ, ଗଙ୍ଗାଧର ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ହେଲମେଟ ପିନ୍ଧି ଯାତ୍ରା କରୁଥିଲେ ଗୋଲାପ ଫୁଲ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କେ.ବି. ଡି. ଏ. ଭି କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ୧୨୮ତମ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ୩୬ତମ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ଏହି ଦିବସଟି ଏନସିସି ଅଫିସର ଏଲଟି ଲକ୍ଷ୍ମୀପ୍ରିୟା ଚାନ୍ଦଙ୍କ ତତ୍ତ୍ୱାବଧାନରେ ୪୫ ଜଣ ଏନସିସି କ୍ୟାଡେଟମାନଙ୍କୁ ନେଇ ପାଳିତ ହୋଇଯାଇଛି । ଏହି ସଚେତନା ଶୋଭାଯାତ୍ରାଟିକୁ ଆଜିର ଅଧକ୍ଷ ଦାୟିତ୍ୱରେ ଥିବା ଡ. ଜୟନ୍ତ କୁମାର ବାନାର୍ଜୀ ମହୋଦୟ ଉଦ୍ଘାଟନ କରିଥିଲେ। ଏହି ସଭାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଅତିଥିମାନେ ହେଲେ ପୂର୍ବତନ ସରପଞ୍ଚ ବିପିନ ଜୟସିଂହ, ସରପଞ୍ଚ କାଦମ୍ବିନୀ ବେହେରା, ବିଧି ଭୁଷଣ ମହାରଣା, ଗଣମାଧମ ପ୍ରତିନିଧିମାନଙ୍କ ସହିତ, ନିରାକାରପୁର କଲେଜର ଖେଳ ଶିକ୍ଷକ ମନୋଜ କୁମାର ବାରିକ, ବିକ୍ରମ ବାରିକ, ତ୍ରିନାଥ ବାରିକ, ଅରୁଣଭାଇ, ଚଟିଆ ଭାଇ, ସୁଧୀର ନାୟକ ଏବଂ ସମସ୍ତ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ଥିଲେ। ଏହି ସଡ଼କ ସୁରକ୍ଷା ଶୋଭାଯାତ୍ରାଟି ନିରାକାରପୁର କଲେଜ ଠାରୁ ବାହାରି ନିରାକାରପୁର ମାର୍କେଟ ପର୍ଯ୍ୟନ୍ତ ଯାଇଥିଲା, ପରେ ଏନସିସି କ୍ୟାଡେଟମାନେ ଯେଉଁମାନେ ହେଲମେଟ ପିନ୍ଧି ଯାତ୍ରା କରୁଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସାଧୁବାଦ୍ ଜଣାଇବା ସହିତ ଯେଉଁ ମାନେ ହେଲମେଟ ନପିନ୍ଧି ଯାତ୍ରା କରୁଥିଲେ ସେମାନଙ୍କୁ ହେଲମେଟ ପିନ୍ଧିବା ପାଇଁ କହିବା ସହିତ କିଛି ସଚେତନତାର ବାର୍ତ୍ତା ଦେଇଥିଲେ । ଏହି ଶୋଭାଯାତ୍ରା ଟି ସକାଳ ୮.୩୦ ରୁ ଆରମ୍ଭ ହୋଇ ଦିନ ୧୦ ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଶୋଭାଯାତ୍ରା ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ଲୋକ ହେଲମେଟ ପିନ୍ଧି ଯାତ୍ରା କରନ୍ତୁ, ମଦ୍ୟପାନ କରି ଗାଡ଼ି ଚାଳନ୍ତୁ ନାହିଁ,ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ।

# ବାଇପାସ୍ ରାସ୍ତା ନିର୍ମାଣ ନେଇ ଏମ୍‌ପିଙ୍କୁ ଦାବିପତ୍ର




କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲା କେସିଙ୍ଗାରେ ବାଇପାସ ଦାବି ନେଇ ଧୀରେ ଧୀରେ ବଢୁଛି ଜନସମର୍ଥନ। ଲୋକେ ନିର୍ମାଣାଧୀନ ଆରଓବି ଜାତୀୟ ରାଜପଥ ସହ ସଂଯୋଗକୁ ନେଇ ଖୋଲାଖୋଲି ବିରୋଧ ଆରମ୍ଭ କରିଛନ୍ତି। ଏନେଇ କେସିଙ୍ଗା ବାଇପାସ୍ କ୍ରିୟାନୁଷ୍ଠାନ କମିଟିର ଆବାହକ ସୁରେଶ ରାଓଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସଭା ଏମ୍‌ପି ସୁଜିତ କୁମାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ନିର୍ମାଣାଧୀନ ଆରଓବି କେସିଙ୍ଗା ସହରରୁ ପ୍ରବେଶ କରି କେସିଙ୍ଗା ସହରର ମଧ୍ୟ ଭାଗ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ଜାତୀୟ ରାଜପଥରେ ସଂଯୋଗ ହେଲା ଭଳି ରାଜପଥ ବିଭାଗ ତରଫରୁ ଯୋଜନା ରଖାଯାଇଛି। ଯଦି ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ସଂଯୋଗ ହୁଏ ତା'ହେଲେ ସ୍ଥିତି ଭୟାବହ ହେବା ସହ ଜଟିଳ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ । କେସିଙ୍ଗା ସହର ସଙ୍କୁଚିତ ହେବା ସଙ୍ଗେ ସଙ୍ଗେ ପ୍ରଗତିରେ ବାଧା ସୃଷ୍ଟି କରିବ ବୋଲି ବାଇପାସ୍ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ତାଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସଭା ଏମ୍‌ପି ସୁଜିତ କୁମାର ୩୨୬ କୋଟି ଭଳି ଏକ ବୃହତ ପ୍ରକଳ୍ପ ଦ୍ୱାରା ଯଦି ଲୋକଙ୍କ ଅସୁବିଧା ହେଉଛି ତା'ହେଲେ ଏହାର ସମୀକ୍ଷା ହେବା ଆବଶ୍ୟକ ରହିଛି। ମୁଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି । ଏହି ପ୍ରକଳ୍ପ ଦ୍ୱାରା ଲୋକେ କେତେ ଲାଭାନ୍ୱିତ ହେଉଛନ୍ତି ସେଥିପାଇଁ ଏକ ଟେକ୍ନିକାଲ ଦଳ ଓ ରୋଡ଼ ସେଫ୍ଟି ବିଭାଗ ଦ୍ୱାରା ଲୋକଙ୍କ ସହ ଆଲୋଚନା ପରେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।
ତେବେ ବାଇପାସ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଗ୍ରାମସଭା ହୋଇଛି । ଗ୍ରାମସଭାରେ କୁର୍ଲୁପଡା ଛକଠାରୁ ଯୋଲକୋ ପର୍ଯ୍ୟନ୍ତ ସହର ଦୂରରେ ତେଲନଦୀ ପାଖାପାଖି ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା । କିନ୍ତୁ କିଛି ବଡ଼ ବଡକିଆଙ୍କ ପାଇଁ ରାତାରାତି ପ୍ଲାନକୁ ପରିବର୍ତ୍ତନ କରି ସହର ଭିତରୁ ପ୍ରବେଶ କରି ସହର ମଧ୍ୟବର୍ତ୍ତୀ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ସଂଯୋଗ କରିବା ଦୁର୍ଭାଗ୍ୟଜନକ ବୋଲି ତାଙ୍କୁ ଅବଗତ କରାଯାଇଥିଲା। ଏହାଦ୍ୱାରା କେସିଙ୍ଗା ସହର ବାଧାପ୍ରାପ୍ତ ହେବ ଓ ଜନବସତିରେ ନିଶ୍ଚୟ ଅସୁବିଧା ସୃଷ୍ଟି କରିବ । ଯଦି କେସିଙ୍ଗା ସହରରୁ ତେଲନଦୀ ପାଖାପାଖି ବାଇପାସ ନିର୍ମାଣ ହେଲେ କେସିଙ୍ଗା ସହରର ବ୍ୟବସାୟ ଓ ଜନବସତି ବଢ଼ିବ ମୁଁ ଚେଷ୍ଟା କରିବି ଟେକ୍ନିକାଲ ଟିମ୍ ଓ ରୋଡ୍ ସେଫଟି ବିଭାଗ ନ ଆସିବାଯାଏ। ନିର୍ମାଣାଧୀନ ଆରଓବି କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ମୁଁ ପ୍ରସ୍ତାବ ରଖିବି ବୋଲି ରାଜ୍ୟସଭା ଏମ୍‌ପି ପ୍ରକାଶ କରିଥିଲେ। ଏହି ସାକ୍ଷାତକାରରେ କେସିଙ୍ଗା ବାଇପାସ୍ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ମହେନ୍ଦ୍ର ନାଏକ, ପୂର୍ବତନ ଜିଲାପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ଜଗମୋହନ ସାହୁ, ଦେବେନ୍ଦ୍ର ଭୁଜବଳ, ଉମେଶ ନାୟକ, ଦୟାନିଧି ସୁନାନୀ, ନିତ୍ୟାନନ୍ଦ ସାହୁ,ରାମ ସାହା, ସୁରେନ୍ଦ୍ର ଭୋଇ ପ୍ରମୁଖଙ୍କ ସହ କ୍ରିୟାନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଗଜପତି : ୪୫ ଗୋଟି ସୋସାଇଟିରୁ ଧାନ କ୍ରୟ

ପାରଳାଖେମୁଣ୍ଡି,(ନିପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ୨୦୨୪-୨୫ ଖରିଫ ବର୍ଷରେ ଜିଲ୍ଲାର ୪୫ ଗୋଟି ମଣ୍ଡି ଖୋଲାଯାଇଛି। ଚାଷୀଙ୍କ ଉତ୍ପାଦିତ ଧାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁସାରେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ସହିତ ସମୁଦାୟ ୩୧୦୦/- ଟଙ୍କା ପ୍ରଦାନ କରାଯିବ। ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି କେନ୍ଦ୍ରରୁ ଧାନ କିଣାଯାଉଛି। ଆଜି ସୁଦ୍ଧା ଜିଲ୍ଲାରେ ୭୭ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି । ଜିଲ୍ଲାରେ ୨ ଲକ୍ଷ ୧୨ ହଜାର ୨୧୨ କ୍ୱିଣ୍ଟାଲ ଧାନ କିଣାର ଟାର୍ଗେଟ ବନ୍ଧା ହୋଇସରିଛି । ଯାହାକି ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୮୯ ହଜାର ୯୮୫ କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ ରଖାଯାଇଛି। ଧାନ କ୍ରୟ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଏଣୁ ଚାଷୀ ଭାଇଭଉଣୀମାନେ ଏଥିପ୍ରତି ବ୍ୟସ୍ତବିବ୍ରତ ନ ହେବା ପାଇଁ ଅନୁରୋଧ କରାଯାଉଛି । ଜିଲ୍ଲାରେ ଆସନ୍ତା ମାର୍ଚ୍ଚ ମାସ ୩୧ ପର୍ଯ୍ୟନ୍ତ ଧାନ ବିକ୍ରୟ କରିବା ପାଇଁ ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ କରାଯାଉଛି । ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାରେ ୧୫ ହଜାର ୪୯୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଧାନ କ୍ରୟ କରିବା ୨୪ ଘଣ୍ଟା ପରେ ଡାଇରେକ୍ଟ ନିଜ ବ୍ୟାଙ୍କ ଖାତାକୁ ପଇସା ଜମା କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଜଣାଇଛନ୍ତି। ଏ ସମ୍ପର୍କରେ ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସଚେତନତା କରାଯାଉଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ସୂଚନା ଦେଇଛନ୍ତି । ଯଦି କୌଣସି ଚାଷୀର ଆପତ୍ତି ଅଭିଯୋଗ ରହିଥିଲେ ୧୯୬୭ ନମ୍ବରକୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ମଧ କହିଛନ୍ତି।

# ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ 'ସବୁ ଘରେ ତ୍ରିରଙ୍ଗା; ସବୁଦିନ ତ୍ରିରଙ୍ଗା'



ଯୋଡ଼ା,(ନିପ୍ର): ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟରେ ବଡ଼ ଉତ୍ସାହର ସହ ପାଳିତ ହୋଇଯାଇଛି। ସର୍ବସାଧାରଣଙ୍କୁ ସମ୍ମାନର ସହ ମୁକ୍ତ ଭାବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ଦେବା ପାଇଁ ଜେଏସପିର ଅଧ୍ୟକ୍ଷ ତଥା ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ନବୀନ ଜିନ୍ଦଲଙ୍କ ଦ୍ୱାରା ଚାଲିଥିବା ଦଶନ୍ଧିର ନ୍ୟାୟିକ ସଂଗ୍ରାମକୁ ସମ୍ମାନ ଦେବା ଉପଲକ୍ଷେ ଏହି 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ ହୋଇଆସୁଛି। ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି କାଶିଆ ଓ ଟେନ୍ସା ମାଇନ୍ସ ପରିସରରେ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ। ଜାନୁଆରୀ ୨୩ ଏକ ବିରାଟ ଐତିହାସିକ ମୂହୁର୍ତ୍ତକୁ ସ୍ମରଣ କରାଏ। କାରଣ ୨୦୦୪ ମସିହା, ଏହି ଦିନରେ ଶ୍ରୀ ଜିନ୍ଦଲଙ୍କ ଦଶନ୍ଧିର ନ୍ୟାୟିକ ସଂଗ୍ରାମରେ ସୁପ୍ରିମକୋର୍ଟରେ ବିଜୟ ମିଳିଥିଲା। ଏହି ଐତିହାସିକ ରାୟ ସର୍ବସାଧାରଣଙ୍କ ମୁକ୍ତ ଓ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇବାର ଅଧିକାରକୁ ସାବ୍ୟସ୍ତ କରିଥିଲା। ଏହି ରାୟ ଦ୍ୱାରା ତ୍ରିରଙ୍ଗାକୁ ଏକତା, ଗୌରବ ଓ ଦେଶ ପ୍ରତି ନିଷ୍ଠାର ପ୍ରତୀକ ଭାବେ ସ୍ୱୀକୃତି ମିଳିଥିଲା। ନବୀନ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ଲାଗ୍ ଫାଉଣ୍ଡସନ ଅଫ୍ ଇଣ୍ଡିଆ ଜାତୀୟ ପତାକାର ଗୌରବର ପ୍ରସାର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବିଭିନ୍ନ ସମୟରେ ଆଲୋଚନାଚକ୍ରର ଆୟୋଜନ, ପୁସ୍ତକ ପ୍ରକାଶନ, ତ୍ରିରଙ୍ଗା ଦୌଡ଼ ଓ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ଦ୍ୱାରା ଜାତୀୟ ପତାକା ପ୍ରତି ନାଗରିକଙ୍କ ସମ୍ମାନ ବୃଦ୍ଧି ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ଦେଶ ବ୍ୟାପୀ ୧୬୩ ଓ ଓଡ଼ିଶାରେ ୮ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇସାରିଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ଏହି ଅଭିଯାନ ଜାରି ରହିଛି। ଫ୍ଲାଗ ଫାଉଣ୍ଡେସନ ଡେ ଅବସରରେ ଶ୍ରୀ ଜିନ୍ଦଲ ସବୁ ଘରେ ତ୍ରିରଙ୍ଗା, ସବୁ ଦିନ ତ୍ରିରଙ୍ଗା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ସହିତ ଦେଶଗଠନ ପ୍ରତି ସାମଗ୍ରିକ ନିଷ୍ଠାକୁ ତ୍ରିରଙ୍ଗା ପ୍ରେରିତ କରୁ ବୋଲି ସେ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ତ୍ରିରଙ୍ଗାର ମୂଲ୍ୟବୋଧକୁ ସମ୍ମାନ ଦେବା ପାଇଁ ଶପଥ ନେଇଥିଲେ।

# ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ୨୫ ଏକର ପରିମିତ ଅଞ୍ଚଳରେ ଜୈବବିବିଧତା ପାର୍କ ଉଦ୍‌ଘାଟିତ



ମରାମଣ୍ଡଳୀ,(ନିପ୍ର): ଢେଙ୍କାନାଳ ଜିଲ୍ଲା ନେରନ୍ଦ୍ରପୁର ଠାରେ ଥିବା ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ୨୫ ଏକର ପରିମିତ ଅଞ୍ଚଳରେ ଜୈବବିବିଧତା ଉଦ୍ୟାନ ଉଦ୍‌ଘାଟିତ ହୋଇଛି। ଓଡାପଡା ତହସିଲ ଅଧିନ ଶିବପୁର ଗ୍ରାମ ନିକଟରେ ଅବସ୍ଥିତ ଏହି ପାର୍କ ପରିବେଶ ପ୍ରବନ୍ଧନ ପ୍ରତି ଟିଏସଏମର ପ୍ରତିବଦ୍ଧତା ଏବଂ ଶିଳ୍ପ ବର୍ଜ୍ୟ ସ୍ଥଳୀରୁ ସମୃଦ୍ଧ ସବୁଜ ବାତାବରଣ ସୃଷ୍ଟି କରିବାରେ ଏକ ଅଭିନବ ପଦକ୍ଷେପ। ଏହି ପାର୍କକୁ ରୁଚି ନରେନ୍ଦ୍ରନ୍ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭବେ ଟିଏସ୍ଏମ ଅପରେସନର ଉପାଧକ୍ଷ ଉତ୍ତମ ସିଂହ ଏବଂ ଟିଏସ୍ଏମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ଫ୍ଲାଇ ଆସ୍ ଗଦା ହୋଇ ଅବ୍ୟବହୃତ ହୋଇପଡିଥିବା ଏହି ସ୍ଥାନ ଯାହାକି ସମୁଦ୍ର ପତନ ଠାରୁ ସର୍ବାଧିକ ୭୨-୭୪ ମିଟର ଉଚ୍ଚତା ବିଶିଷ୍ଟ ଅଟେ। ଏହି ସ୍ଥାନକୁ ବିକଶିତ କରିବା ପାଇଁ ସମସ୍ତ ବୈଧାନିକ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ଏହି ପ୍ରକଳ୍ପର ପୁନରୁଦ୍ଧାର କରାଯାଇପାରିଛି। ଜୈବ ବିବିଧତା ପାର୍କର ବୈଶିଷ୍ଟ୍ୟ ଗୁଡିକ ହେଲା, ପ୍ରଜାପତି ଉଦ୍ୟାନ: ଯାହାକି ଭାରତୀୟ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅଧୀନର ସୁରକ୍ଷିତ ଥିବା ବିଭିନ୍ନ ପ୍ରଜାତିର ପ୍ରଜାପତି ପାଇଁ ଖାଦ୍ୟ ଏବଂ ବାସସ୍ଥାନ ପ୍ରଦାନ କରେ। **ଇକୋଟୋନ ପାର୍କ** : ଅତିରିକ୍ତ ପ୍ରକୃତିକ ବାସସ୍ଥାନ ଏବଂ ଡାଲୁକୁ ସ୍ଥିରତା ପ୍ରଦାନ କରୁଥିବା ଏକ ଭୂଭାଗ।
**ଅମ୍ଳଜାନ ପାର୍କ:** ଅମ୍ଳଜାନ ଉତ୍ପାଦନ ବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ ବୃକ୍ଷରୋପଣ।
**ବାଉଁଶ ଟନେଲ:** ଏକ କାର୍ବନ ପୃଥକୀକରଣ ସୁବିଧା ଯାହା ମୃତ୍ତିକା କ୍ଷୟର ନିୟନ୍ତ୍ରଣ ଏବଂ ଅଙ୍ଗାରକାମ୍ଳ ନିରୋଧି ବ୍ୟବସ୍ଥା ପାଇଁ ସ୍ଥାୟୀ ଏକ ପ୍ରତିକାର ସ୍ୱରୂପ ବାଉଁଶର ବ୍ୟବହାରକୁ ପ୍ରଦର୍ଶିତ କରେ।
**ସରୀସୃପ ପର୍ବତ:** ସ୍ଥାନୀୟ ସରୀସୃପ ଜନସଂଖ୍ୟା ପାଇଁ ଏକ ଉତ୍ସର୍ଗୀକୃତ ବାସସ୍ଥାନ।
**ଔଷଧୀୟ ଉଦ୍ୟାନ:** ଔଷଧୀୟ ଚାରା ରୋପଣ, ସ୍ଥାନୀୟ ଜ୍ଞାନକୁ ପ୍ରୋତ୍ସାହିତ କରିବା ଏବଂ ମୂଲ୍ୟବାନ ଉଦ୍ଭିଦ ଭିତ୍ତିକ ଉପଚାର ଉପଲବ୍ଧ କରାଇବା।
**ନେଷ୍ଟିଂ ନିଚ:** ବିଭିନ୍ନ ପ୍ରଜାତିର ପକ୍ଷୀ ବିଶ୍ରାମ କରିବା ପାଇଁ ସୁରକ୍ଷିତ ପ୍ରକୃତିକ ବାସସ୍ଥାନ ପ୍ରଦାନ କରେ। ଏହି ଉଦ୍ୟାନ ବର୍ତ୍ତମାନ ଅନେକ ପ୍ରଜାତିର ପ୍ରଜାପତି, ପକ୍ଷୀ ଏବଂ ସରୀସୃପ ସମେତ ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ସମୃଦ୍ଧ ବିବିଧତାକୁ ସଂରକ୍ଷଣ କରିବାରେ ସହାୟକ ହେବ। ଏହି ପ୍ରକଳ୍ପର ଆନୁମାନିକ ବାର୍ଷିକ ଅଙ୍ଗାରକାମ୍ଳ (କାବର୍ନ ଡାଇଅକ୍ସାଇଡ) ସଂରକ୍ଷଣ କ୍ଷମତା ପ୍ରାୟ ୧୨୦ ଟନ୍ ଅଟେ। ଏହି ପ୍ରକଳ୍ପ ଟାଟା ଷ୍ଟିଲର ପରିବେଶ ପରିଚାଳନା ପ୍ରତି ସମର୍ପଣ ଓ ସ୍ଥାନୀୟ ସମୁଦାୟ ଏବଂ ପରିବେଶ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଭାପୁର: ଦୁଇ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଅନ୍ତର୍ନିହିତ ଗୁଣ ଓ ପ୍ରତିଭାକୁ ଆବିଷ୍କାର ପାଇଁ ଆହ୍ୱାନ

ଭାପୁର,(ନିପ୍ର): ବିଦ୍ୟାଳୟ ହେଉଛି ଶିକ୍ଷାର ମନ୍ଦିର ଏବଂ ମନ୍ଦିରର ଠାକୁର ହେଉଛନ୍ତି ଶିକ୍ଷକ । ଶିକ୍ଷାବର୍ଷ ତମାମ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କର ଆଜ୍ଞାଧୀନ ରହିଥିବାବେଳେ ବାର୍ଷିକ ଉତ୍ସବ ଦିନ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକମାନଙ୍କର ପରସ୍ପର ସହିଯୋଗୀ ହେବା ସହିତ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣଗୁଡ଼ିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ପରିପ୍ରକାଶ ହୋଇଥାଏ । ଏହି ପରିପ୍ରେକ୍ଷୀରେ, ଗୁରୁବାର ଆଞ୍ଚଳିକ ଚାରୁଦ୍ୱୋ ଉଚ୍ଚବିଦ୍ୟାଳୟ, ଜାମୁସାହି ଏବଂ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଭାପୁରର ୫୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ଚାରୁଦ୍ୱୋ ଉଚ୍ଚବିଦ୍ୟାଳୟରେ ଭାପୁର ଗୋଷ୍ଠୀ ଶିକ୍ଷାଅଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ରୂପେ ମୋ ସ୍କୁଲ ସଭାପତି ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ପିଲାମାନଙ୍କୁ ନିଜ ଭିତରେ ଲୁଚିରହିଥିବା ଅନ୍ତର୍ନିହିତ ଗୁଣ ଓ ପ୍ରତିଭାକୁ ଆବିଷ୍କାର କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ମିଶ୍ର ବାର୍ଷିକ ଉତ୍ସବକୁ ପରିଚାଳନା କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱଅର୍ଜନ କରିଥିବା ୫୦ ଜଣ ଛାତ୍ରଛାତ୍ରୀ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ,ଭାପୁର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ନୟାଗଡ,ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଆଙ୍କକ୍ଷକି ପାଠ୍ୟକ୍ରମ ଓ କ୍ରୀଡାଙ୍ଗନର ରାଜ୍ୟ ପରିଦର୍ଶକ ସୁପ୍ରିତି ପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ମୋ ସ୍କୁଲ ସଭାପତି ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ ବାର୍ଷିକ ଉତ୍ସବକୁ ପରିଚାଳନା କରିଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୦୦ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସାଇକେଲ ରାଲି




କେନ୍ଦୁଝର,(ନିପ୍ର): ସଡକ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ ଦେଇ ଗୁରୁବାର ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିରେ ବିଭିନ୍ନ ସାମ୍ବାଦିକ,ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀ ଏବଂ କର୍ମଚାରୀ ସହର ପରିକ୍ରମା କରି ଟ୍ରାଫିକ୍ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ସବୁଜ ପତାକା ପ୍ରଦର୍ଶନ କରି ଏହି ରାଲିର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ଏଥିସହିତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ହେଉଥିବା ଅଭ୍ୟାସ ପ୍ୟାରେଡ଼ରେ ସମ୍ମିଳିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧରେ ସୂଚନା ଦେବା ସହ ଏହାର ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ


**ରଣପୁର:** ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସିପିଆଇ (ଏମ) ରଣପୁର ଆଞ୍ଚଳିକ କମିଟି ତରଫରୁ ଶହୀଦ ରଘୁ-ଦିବାକର ଭବନଠାରେ ସାଥୀ ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ନେତାଜୀ ସୁଭାଷ ବୋଷଙ୍କ ୧୨୯ ତମ ଜୟନ୍ତି ପରିପ୍ରେକ୍ଷୀରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ନେତାଜୀ ସୁବାଷ ବୋଷଙ୍କ ବୀରତ୍ୱ, ପରାକ୍ରମ, ତ୍ୟାଗ, ସଂଗ୍ରାମ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଲାଠିର ଜବାବ ଲାଠିରେ ଦିଅ ଓ ମୋତେ ରକ୍ତ ଦିଅ ମୁଁ ସ୍ୱାଧୀନତା ଦେବୀ ଭଳି ଆହ୍ୱାନ ଦେଇଥିଲେ। ବ୍ରିଟିଶ ରାଜ ବିରୋଧରେ ସୁଦୂର ଜର୍ମାନୀରୁ ଭାରତ ମାଆର ପୂର୍ଣ୍ଣ ସ୍ୱାଧୀନତାର ଡାକରା ଦେଇ ଆଜାଦ ହିନ୍ଦ ଫୌଜ ଆର୍ମି ଦିଲ୍ଲୀ ଚଲୋ ଡାକରା ଦେଇ ଭାରତରେ ପ୍ରବେଶ କରିବା ତାଙ୍କର ବୀରତ୍ୱ ବା ପରାକ୍ରମ ପଣିଆ ହିଁ ଭାରତୀୟ ମାନଙ୍କ ମନରେ ସାହାସ ଭରିବା ସହ ସ୍ୱାଧୀନତା ଆନ୍ଦୋଳନକୁ ଖୋରାକ ଦେଇଥିଲା।

**ପାରଳାଖେମୁଣ୍ଡି:** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୁରୁଣା କୋର୍ଟ ଛକ ନିକଟସ୍ଥ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବରେ ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି, ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ ଗଜପତି, କମଳକାନ୍ତ ପଣ୍ଡା, ଡେପୁଟି କଲେକ୍ଟର (ଜରୁରୀ କାଳୀନ ବିଭାଗ) ଗଜପତି , ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ,ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଜପତି ସମେତ ପୌରପରିଷଦର ସମସ୍ତ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

**ତାଳଚେର:** ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ହାଟତୋଟା ସ୍ଥିତ ମ୍ୟୁନିସିପାଲିଟି ମାର୍କେଟ୍ ଠାରେ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ସମିତିର ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ନେତାଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସଭାରେ ବାଉରୀବନ୍ଧୁ ବେଜ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ମାନସ ରଞ୍ଜନ ବେହେରା, କିଶାନ ସାହୁ, ଅଶୋକ ଶର୍ମା, ମାନସ ରଂଜନ ସାହୁ, ଅଶୋକ ବାରିକ, ସୁକାନ୍ତ ଦାସ, ଶୋଭାଗିନୀ ଦାସ, ବିନୋଦ ଲାଲ୍, ସଂଗ୍ରାମ କେଶରୀ କୁଅଁର, ମନମୋହନ ନାଏକ, ସୁଶିଲ ନାଏକ ପ୍ରମୁଖ ଯୋଗଦେଇଥିଲେ।

**ନିମାପଡ଼ା:** ସାଧାରଣ ଜନତା ଓ ଦେଶବାସୀଙ୍କ ସେବା କରିବା ପାଇଁ ବୀର ଯବାନ୍ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନେ ନିଜର ଚରିତ୍ର ଗଠନ ସହିତ ଶୃଙ୍ଖଳିତ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ନାଗବସ୍ତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ଏବଂ ମୁକ୍ତି ସଂଗ୍ରାମ ଅବିସ୍ମରଣୀୟ ଯୋଦ୍ଧା ନେତାଜୀ ସୁବାଷ ବୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଆଜିର ଛାତ୍ର ସମାଜ କର୍ତବ୍ୟ ପରାୟଣ ଦିଗରେ ବ୍ରତୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇଶ୍ୱର ସାହୁ, ଶିକ୍ଷକ ଭାସ୍କର ସାହୁ, ମୀନର୍ଭା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ପରିଚାଳନା କରିଥିଲେ ।

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଜେପି ନଗର ମଣ୍ଡଳ ପକ୍ଷରୁ ଦୁଇ ବରପୁତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋସ ଏବଂ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ନେତୃତ୍ୱରେ ବରିଷ୍ଠ କାର୍ଯ୍ୟକର୍ତ୍ତା କାହ୍ନୁ ଚରଣ ନାୟକ, ପିଙ୍କୁ ପାଣି, ମହେଶ ରାୟ, ବାବୁଲୁ ଖଣ୍ଡା, ଯୁଧିଷ୍ଠିର କିଷାନ,ବିକାଶ ନାୟକ,ଆକାଶ ପାଣଗ୍ରାହୀ, ଯୁଧିଷ୍ଠିର ମିଞ୍ଜ, କୁଞ୍ଜଲତା ନାଏକ, ପୁଷ୍ପାଞ୍ଜଳି ପଟେଲ, ଗାୟତ୍ରୀ ଚାଲାନ, ସୁନୟନା ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କର୍ମକର୍ତ୍ତାମାନେ ଦିବଙ୍ଗତ ଉଭୟ ନେତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।



**ଚାରିଛକ:** ବିଭିନ୍ନ ସ୍ଥାନରେ ନେତାଜୀଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ନେତାଜୀଙ୍କ ଜୟନ୍ତୀ ଅବସରରେ ପ୍ରାଚୀତଟ ଆଜାଦ୍ ହିନ୍ଦ ଫୌଜ ଦାୟଦ ସଂଘ ପରାକ୍ରମ ଦିବସ ପାଳନ ପୂର୍ବକ ଅନନ୍ୟ ଦେଶ ଭକ୍ତ ନେତାଜୀଙ୍କ ସ୍ମୃତି ଚାରଣ କରିଛନ୍ତି। ପ୍ରାଚୀତଟ ପଦ୍ମ ସଂଭବ ପୀଠରେ ସଂଘ ଦ୍ୱାରା ସାମୁହିକ ଶ୍ରୀ ଗୀତଗୋବିନ୍ଦ ପାଠ କରାଯାଇ ନେତାଜୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସଂଘର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଶ୍ରୀକ୍ଷେତ୍ର ଶ୍ରୀ ମନ୍ଦିର ସମ୍ମୁଖରେ ୧୯୩୮ ମସିହାରେ ନେତାଜୀ ଦେଇଥିବା ଭାଷଣ ତାଙ୍କ ପିତାମହ ସ୍ୱର୍ଗତ ବାଞ୍ଛାନିଧି ମିଶ୍ରଙ୍କ ରଚନାରୁ ପଢି ଶୁଣାଇଥିଲେ।

ତିଥି : (ଦଶମୀ) : (ଅନୁରାଧା ବିଛା)
ଅମୃତବେଳା: ଦିଘ ୯।୨୩ ଗତେ ଦିବା ୧୨।୨୩ ମଧ୍ୟେ

## ଆଜିର ଅନୁଚିନ୍ତନ

ମୁକୁଟ ମଣ୍ଡିତ ଗଦାଚକ୍ର ଯୁକ୍ତ ତୁମର ଏହି ସ୍ୱରୂପ
ସବୁଦିଗେ ପ୍ରକାଶିତ ତେଜପୁଞ୍ଜ ଦେଖେମୁଁ ବିସ୍ମୟଚିତ୍ତେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଆଶ୍ୱସ୍ତି ଜାରି ରହୁ

ଗାଜାରେ ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଛି ଛଅ ସପ୍ତାହ ପାଇଁ। ଏହା ପାଲେଷ୍ଟିନୀୟଙ୍କ ପାଇଁ ଆଶ୍ୱସ୍ତି ତ ଆଣିଛି ମାତ୍ର ଯେଉଁ ମାଟିରେ ସେମାନେ ରହିବେ ତାହା ଯୁଦ୍ଧ ଯୋଗୁଁ ବିଧ୍ୱସ୍ତ। ଯୁଦ୍ଧ କେତେ ବିଧ୍ୱଂସକାରୀ ବିଶ୍ୱ ଦେଖିଲା। ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର ରବିବାର ତାଙ୍କ ଦେଶର ଆତ୍ମରକ୍ଷାର 'ଅଧିକାର'କୁ ସମର୍ଥନ କରିବା ପାଇଁ ନୂଆଦିଲ୍ଲୀକୁ ଧନ୍ୟବାଦ ଜଣାଇଛନ୍ତି। ଇସ୍ରାଏଲୀ ଦୂତାବାସ ଦ୍ୱାରା ଜାରି କରାଯାଇଥିବା ଏକ ଭିଡିଓରେ ଆଜାର କହିଛନ୍ତି, ଆମର ଆତ୍ମରକ୍ଷା ଅଧିକାରକୁ ସମର୍ଥନ କରିବା ପାଇଁ ମୁଁ ଭାରତ ସରକାରଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ଆମେ ବିଶେଷକରି ଭାରତୀୟ ଲୋକଙ୍କ ସମର୍ଥନକୁ ପ୍ରଶଂସା କରୁଛୁ। ଉଲ୍ଲେଖ କରାଯାଇପାରେ ଯେ ୭ ଅକ୍ଟୋବର ୨୦୨୩ରେ, ଇସ୍ରାଏଲୀ ସହରଗୁଡ଼ିକ ଉପରେ ହମାସର ଆକ୍ରମଣର ଜବାବରେ ଇସ୍ରାଏଲ ଗାଜା ଉପରେ ସାମରିକ ଆକ୍ରମଣ ଆରମ୍ଭ କରିଥିଲା। ହମାସ ଆକ୍ରମଣକୁ ଦୃଢ଼ ନିନ୍ଦା କରି, ଭାରତ ଲଗାତାର ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇ ଆସୁଥିଲା । ଭାରତ ଗାଜା ଅସ୍ତ୍ରବିରତି ଚୁକ୍ତିନାମାକୁ ସ୍ୱାଗତ କରିଛି।ଯୁଦ୍ଧବିରତି ପରେ ହମାସ ତିନି ଜଣ ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରିଛି। ଆଗକୁ ଅଧିକ ବନ୍ଧକ ମୁକ୍ତ ହେବେ ଓ ଏହି ପ୍ରକ୍ରିୟାରେ ଯୁଦ୍ଧକୁ ପ୍ରଶମିତ କରିଛି।

ସ୍ମରଣ କରାଯାଇପାରେ ଯେ ହମାସ ଦ୍ୱାରା ଯେବେ ଆକ୍ରମଣ ହେଲା ସେତେବେଳେ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା କଥା ଉଠାଇଥିଲା। ଭାରତର କେବଳ ଇସ୍ରାଏଲ ସହ ନୁହେଁ ଆରବ ରାଷ୍ଟ୍ରଗୁଡ଼ିକ ସହ ଦୃଢ଼ ରଣକୌଶଳଆଧାରିତ ସଂପର୍କ ରହିଆସିଛି, ବିଶେଷ କରି ବିଗତ ଦଶନ୍ଧିରେ ପ୍ରତିରକ୍ଷା ଓ ସୁରକ୍ଷା ସଂପର୍କିତ ବୁଝାମଣାଗୁଡ଼ିକ ଅଧିକ ମଜଭୁତ କରି ଗଢ଼ି ତୋଳିଛି। ପଶ୍ଚିମ ଏସିଆରେ ସଂଘର୍ଷ କାରଣରୁ ଭାରତର ଉଦ୍‌ବେଗ ବଢ଼ିଥିଲା। କାରଣ ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟସରେ ଭାରତର ଅଛନ୍ତି ପ୍ରାୟ ଛଅ ନିୟୁତ ନାଗରିକ। ଯୁଦ୍ଧ ଭିତରକୁ ଇସ୍ରାଏଲ ପ୍ରବେଶ ଦିନରୁ ଭାରତ ମାନବୀୟ ସଂକଟ ସଂପର୍କରେ ଉଦ୍‌ବେଗ କେବଳ ପ୍ରକାଶ କରିଆସିନାହିଁ ଅଧିକନ୍ତୁ ଦୁଇ ରାଷ୍ଟ୍ର ଆଲୋଚନା ତଥା କୂଟନୈତିକ କଥାବାର୍ତ୍ତା ଜରିଆରେ ସ୍ୱାଭାବିକ ପଥକୁ ଫେରିଆସନ୍ତୁ ସେ ସଂପର୍କରେ ଗୁରୁତ୍ୱ ଦେଇଆସିଛି। ସେ ଯାହା ହେଉ ଅସ୍ତ୍ରବିରତି ଲାଗି ଇଜିପ୍ଟ,କାତାର ଓ ଆମେରିକା ମଧ୍ୟସ୍ଥି କଲେ ବୋଲି ରକ୍ତପାତ, ସଂଘର୍ଷ ବନ୍ଦ ହେଲା। ଯୁଦ୍ଧ ସର୍ବଦା ବିନାଶକାରୀ, ଅପରପକ୍ଷେ ମାନବତାର ଜୟଗାନ ସଦାକାଳେ ରହିଆସିଛି। ନିଶ୍ଚୟ ଆଶା ରଖାଯିବ ଯେ ପାଲେଷ୍ଟିନୀୟମାନେ ହମାସ ବିରୋଧୀ ମାନସିକତା ରଖିବେ । କାରଣ ଏହି ସଂଗଠନ ଦ୍ୱାରା ଗାଜା ଛାରଖାର ହୋଇଛି। ଗାଜା ପୁଣି ଥରେ ମୁଣ୍ଡ ଟେକି ଉଠିବା ପାଇଁ ଢ଼େର୍ ସମୟ ନେବ । ଯଦି ହମାସ ସ୍ଥିତିକୁ ହୃଦୟଙ୍ଗମ କରେ ତେବେ ଅସ୍ତ୍ର ବିରତି ଶାନ୍ତି ପ୍ରକ୍ରିୟା ପରିସରକୁ ନିଶ୍ଚେ ଆସିଯିବ। ଭାରତ ସର୍ବଦା ବିଶ୍ୱଶାନ୍ତି ସପକ୍ଷରେ ମତ ବାଢ଼ିଆସିଛି। କାରଣ ପୃଥିବୀ ପରିବାର ସଦୃଶ। ଏହି ଭାବନା ସର୍ବତ୍ର ରହିଲେ ଯୁଦ୍ଧ ଉପୁଜିବାର ଆଶଙ୍କା ରହିବ ନାହିଁ।

# ଜଟିଳତମ ଚିକିତ୍ସା ସେବା : ଆଇସିୟୁ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ସାଧାରଣ ଗୁରୁତର ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଜଟିଳତମ ଚିକିତ୍ସା ସେବା ବ୍ୟବସ୍ଥାକୁ ଆଇସିୟୁ କୁହାଯାଇଥାଏ। କିଛିଦିନ ତଳେ ମୋ ବନ୍ଧୁ ସୁଶାନ୍ତ ବାବୁଙ୍କ ମାଆ ଗୁରୁତର ହୋଇପଡ଼ି ଆଇସିୟୁରେ ଆଡ଼ମିସନ ହୋଇଥିଲେ। ମୁଁ ସେଠାକୁ ଦେଖିବାକୁ ଯାଇଥିବାବେଳେ ତାଙ୍କ ଭିତରେ ଆଇସିୟୁ ବ୍ୟବସ୍ଥାକୁ ନେଇ ଉଠିଥିବା କିଛି ପ୍ରଶ୍ନର ଉତ୍ତର ରଖିଥିଲି। ବାସ୍ତବ କଥା ହେଉଛି ଆଇସିୟୁ ବା ଇଣ୍ଟେନସିଭ କେଆର ୟୁନିଟ ହେଉଛି ଡାକ୍ତରଖାନାର ଏକ ସ୍ୱତନ୍ତ୍ର ଓ୍ୱାର୍ଡ଼ ଯେଉଁଠି ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାର ସୂକ୍ଷ୍ମ ନିରୀକ୍ଷଣ କରାଯାଏ ଏବଂ ସେମାନଙ୍କୁ ଜୀବନ ରକ୍ଷାକାରୀ ଚିକିତ୍ସା ପ୍ରଦାନ କରାଯାଏ। ଯେଉଁଠି ବିଶେଷଜ୍ଞ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଦଳର ଅନବରତ ନିରୀକ୍ଷଣ ଲୋଡୁଥିବା ରୋଗୀମାନଙ୍କ ପାଇଁ ଆଇସିୟୁ ଆବଶ୍ୟକ ହୋଇଥାଏ। ସେହିପରି ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ କେଉଁ ପ୍ରକାରର ରୋଗୀ ବା ଶରୀରର କେଉଁ ପରି ଜଟିଳତମ ପରିସ୍ଥିତିରେ ଜଣକୁ ସାଧାରଣତଃ ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଥାଏ ? ଯେଉଁ ରୋଗୀମାନେ ଗୁରୁତର ଭାବେ ଅସୁସ୍ଥ ବା ଆହତ ହୋଇଥାନ୍ତି, ଯେମିତିକି ଦୁର୍ଘଟଣାରେ ଗୁରୁତର ଆଘାତ ଲାଗିବା, ହୃଦଘାତ, ଷ୍ଟ୍ରୋକ ବା ଜଟିଳ ସଂକ୍ରମଣ ହେବା ଆଦି କ୍ଷେତ୍ରରେ ରୋଗୀଙ୍କୁ ଆଇସିୟୁରେ ରଖାଯାଏ। ବଡ଼ ଧରଣର ଅସ୍ତ୍ରୋପଚାର ବା ଅଙ୍ଗପ୍ରତ୍ୟଙ୍ଗ ନିଷ୍କ୍ରିୟ ହୋଇଯାଇଥିବା ରୋଗୀଙ୍କୁ ମଧ୍ୟ ଆଇସିୟୁରେ ଭର୍ତ୍ତି କରି ଚିକିତ୍ସା କରିବାକୁ ପଡ଼େ।

ଚିକିତ୍ସା ସେବାରେ ଆଜି ଆଇସିୟୁ ଯଥେଷ୍ଟ ଅଗ୍ରଗତି କରିଥିବାବେଳେ ଏହି ବ୍ୟବସ୍ଥାରେ କେଉଁପରି ସରଞ୍ଜାମ, ଯନ୍ତ୍ର ଓ ସାମଗ୍ରିକ ସେବା ବ୍ୟବସ୍ଥା ସହ ପରୀକ୍ଷା ନିରୀକ୍ଷା ରହିଥାଏ ? ଆଇସିୟୁରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ରହିଥାଏ, ଯାହା ସାହାଯ୍ୟର ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହିତ ସେମାନଙ୍କର ଯତ୍ନ ନିଆଯାଇଥାଏ। ସେଭଳି କେତେକ ସାଧାରଣ ଯନ୍ତ୍ର ହେଉଛି ଭେଣ୍ଟିଲେଟର ହାର୍ଟ ମନିଟର, ଡାଏଲିସିସ୍ ମେସିନ ଓ ଇନଫ୍ୟୁଜନ ପମ୍ପ, ଅଲଟ୍ରା ସୋନୋଗ୍ରାଫି, ଏବିଜି ମେସିନ, ସକ୍ସନ ମେସିନ, ଏଆରଓ୍ୱେ ସରଞ୍ଜାମ ଇତ୍ୟାଦି। ଜଣେ ରୋଗୀ ଆଇସିୟୁରେ ରହିଥିବାବେଳେ ମୋ ଅନୁଭବ ସମୟ ଭିତରେ ମନେ ପଡୁଛି ଅନେକ ଘଟଣାରେ ରୋଗୀ ସମ୍ପର୍କୀୟଙ୍କ ଆଇସିୟୁ ଭିତରକୁ ଯିବାକୁ ନେଇ ସମ୍ପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ସହ ମନ ମାଳିନ୍ୟ ହୋଇଥାଏ। କେତେକ କ୍ଷେତ୍ରରେ ଅପ୍ରିତୀକର ପରିସ୍ଥିତି ସମ୍ପର୍କରେ ମୁଁ ଜାଣିଛି। ଆସନ୍ତୁ ସର୍ବପ୍ରଥମେ ଜାଣିବା ପ୍ରକୃତରେ ଆଇସିୟୁ ଭିତରକୁ କେଉଁମାନେ ଯାଇପାରିବେ ? ହଁ, ପରିବାର ଲୋକ ଆଇସିୟୁ ଭିତରକୁ ଯାଇପାରିବେ, କିନ୍ତୁ କେତେକ କଟକଣା ରହିଛି। ଏହ ସମୟ ସୀମିତ ରହିଥାଏ ଏବଂ ସମ୍ପର୍କୀୟଙ୍କୁ ମାସ୍କ ଓ ଗାଉନ ପରି ସୁରକ୍ଷା ପୋଷାକ ପିନ୍ଧିବାକୁ ପଡ଼ିଥାଏ। ଏପରି କରାଯିବାର ଉଦ୍ଦେଶ୍ୟ ହେଲା ଉଭୟ ରୋଗୀ ଓ ସମ୍ପକୀୟଙ୍କୁ ସଂକ୍ରମଣରୁ ସୁରକ୍ଷା ଦେବା।

ସେହିପରି ପ୍ରଶ୍ନ ଉଠେ ଜଣେ ରୋଗୀ ସାଧାରଣତଃ କେତେ ଦିନ ଆଇସିୟୁରେ ରହିଥାନ୍ତି ? ଏହି ଜଟିଳତମ ପ୍ରଶ୍ନ ସହିତ ଆଉ ଏକ ପ୍ରଶ୍ନ ଅନେକଙ୍କ ସହିତ ଅନେକ ସମୟରେ ମଧ୍ୟ ଉଠିଥାଏ। ତାହା ହେଉଛି କେତେକ ଚିକିତ୍ସା ସେବା ପ୍ରତିଷ୍ଠାନ ମୁର୍ମୁଷୁଙ୍କୁ କେବଳ ଅର୍ଥ ଆଦାୟ ନିମିତ୍ତ ଦୀର୍ଘଦିନ ଧରି ଚିକିତ୍ସା ପାଇଁ ଆଇସିୟୁ ପରାମର୍ଶ ଦେଇଥାନ୍ତି ଏବଂ କେତେକ କ୍ଷେତ୍ରରେ ତାଙ୍କ ପରିଜନମାନେ ଅସହାୟ ଭାବେ ବାଧ୍ୟ ହୋଇ ଏହି ପରାମର୍ଶକୁ ଗ୍ରହଣ କରନ୍ତି ତେବେ ମୂଳକଥାଟି ହେଲା ଆଇସିୟୁ ରହଣିର ଅବଧି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସାର ଫଳପ୍ରଦତା ଉପରେ ନିର୍ଭର କରେ। କେତେକ ରୋଗୀ ମାତ୍ର କିଛି ଦିନ ପାଇଁ ଆଇସିୟୁରେ ରହୁଥିବାବେଳେ ଅନ୍ୟ ରୋଗୀମାନେ ଅନେକ ସପ୍ତାହ, ଏପରିକି ମାସ ମାସ ଧରି ରହିଥାନ୍ତି। ଆଇସିୟୁ ଟିମର କାମ ହେଲା ରୋଗୀକୁ ଆରୋଗ୍ୟଲାଭ କରିବାରେ ସାହାଯ୍ୟ କରିବା ଏବଂ ଯଥାଶୀଘ୍ର କମ ଯତ୍ନ ଲୋଡୁଥିବା ସ୍ଥିତିକୁ ଆଣିବା।

ଚିକିତ୍ସା ବିଜ୍ଞାନର ଅତ୍ୟନ୍ତ ଗୁରୁତର ଓ ବ୍ୟୟସାପେକ୍ଷ ଚିକିତ୍ସା ବ୍ୟବସ୍ଥା ହେଉଛି ଆଇସିୟୁ। ଯେଉଁଠାରେ ପୀଡ଼ିତ ଜଣଙ୍କ ଅତ୍ୟନ୍ତ ଗୁରୁତର ଓ ମୁର୍ମୁଷୁ ଭାବେ ପରିଗଣିତ ହୋଇ ଏହି ଚିକିତ୍ସା ସେବାକୁ ଗ୍ରହଣ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ସର୍ବପ୍ରଥମ ରୋଗୀଙ୍କ ପାଖ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଟିଳତମ ଚିକିତ୍ସା ବ୍ୟବସ୍ଥା, ବ୍ୟୟଭାର ଓ ମାନସିକ ଭାବେ ମୁର୍ମୁଷୁଙ୍କ ନିକଟତମ ଲୋକମାନଙ୍କ ଆଘାତ ରହିଥିବା ସ୍ୱାଭାବିକ। ତେବେ ଏପରି ସମୟରେ ସମ୍ପୂର୍ଣ୍ଣ ଭାବେ ଧୈର୍ଯ୍ୟପୂର୍ଣ୍ଣ ହୋଇ ସମ୍ପୃକ୍ତ ଡାକ୍ତର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଭରଷା ରଖି ଡାକ୍ତରଙ୍କୁ ଓ ଚିକିତ୍ସା ବ୍ୟବସ୍ଥାକୁ ସହଯୋଗ କରିବା ଅତ୍ୟନ୍ତ ଜରୁରୀ। ଆପଣ, ଆପଣଙ୍କ ରୋଗୀ ପାଇଁ ସ୍ୱାସ୍ଥ୍ୟ ସେବା ନେଇ ଯାହାକିଛି ବୁଝିବା ପାଇଁ ଚାହୁଁଥିଲେ ସମ୍ପୃକ୍ତ ଡାକ୍ତରଙ୍କ ସହ ଖୋଲା ଭାବେ କଥା ହୁଅନ୍ତୁ। ମନେରଖନ୍ତୁ ଜଣେ ଡାକ୍ତରଙ୍କ ପାଇଁ ରୋଗୀଟିର ଜୀବନ ରକ୍ଷା କରିବା ଜୀବନର ବ୍ରତ। ତେବେ ସେ ଡାକ୍ତର ମଧ୍ୟ ଜଣେ ମଣିଷ ଏବଂ ତାଙ୍କର ବି ଜୀବନ ଅଛି, ତାଙ୍କର ବି ଧୈର୍ଯ୍ୟ ଅଛି, ତାଙ୍କର ବି ଘର ପରିବାର ସଂସାର ଅଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଧୈର୍ଯ୍ୟଚ୍ୟୁତ ହୋଇ ଚିକିତ୍ସା ବ୍ୟବସ୍ଥାକୁ ଅସହଯୋଗ କରନ୍ତୁ ନାହିଁ।

ମଙ୍ଗଳାବାଗ, କଟକ,ମୋ : ୯୪୩୮ ୨୭୬୭୬୦

# ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଓ 'ସୁବର୍ଣ୍ଣ ଯୁଗ'ର ସ୍ୱପ୍ନ

**ପ୍ରଦେଶ ପ୍ରତ୍ୟୁଷି**

"ଟ୍ରମ୍ପ ଏବେ ସୁଦ୍ଧା ଭାରତକୁ ନେଇ ସେମିତି କୌଣସି କଠୋର ପଦକ୍ଷେପ ନେବାର କଥା କହିନାହାନ୍ତି। ଭାରତ ସହ ଭଲ ସମ୍ପର୍କ ରହିଛି। କୂଟନୈତିକ ସମ୍ବନ୍ଧ ଠାରୁ ନେଇ ବାଣିଜ୍ୟ ବ୍ୟବସାୟ ସବୁଥିରେ ଭାରତ ସହ ଆମେରିକାର ଉତ୍ତମ ସଂପର୍କ ରହିଛି। କିନ୍ତୁ ଏଠାରେ ବିଚାର୍ଯ୍ୟର ବିଷୟ ଯେ, ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳିର ଆରମ୍ଭରେ ଯେଭଳି ଆକ୍ରମଣାତ୍ମକ ଭାବେ ନିଜର କାର୍ଯ୍ୟ ଆରମ୍ଭ କରିବା ସହ ବିଭିନ୍ନ ନିଷ୍ପତ୍ତି ନେବାକୁ ଏହାର ପ୍ରାକ୍ ସୂଚନା, ନିଜର ଅଭିଭାଷଣରେ ଦେଇଛନ୍ତି, ଏଥିରୁ ଅନୁମେୟ ହୁଏ ଯେ ସେ ନିଶ୍ଚୟ କିଛି ବଡ ପଦକ୍ଷେପ ନେବେ। ଯାହାକି ବିଶ୍ୱରେ ପ୍ରମୁଖତା ରଖିବ। ଯେଉଁଥିପାଇଁ ପୂରା ବିଶ୍ୱ ଏବେ ଆମେରିକା ମୁହାଁ। ଆଉ ଜାଣିବାକୁ ତତ୍ପର, କ'ଣ ରହୁଛି ଡୋନାଲ୍ଡଙ୍କ ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ବହନ କରବାର ପରବର୍ତ୍ତୀ ଆଭିମୁଖ୍ୟ।"

ଡୋନାଲ୍ଡ ଟ୍ରମ୍ପ ୨ୟ ଥର ଆମେରିକାର ରାଷ୍ଟ୍ରପତି ଭାବରେ ଶପଥଗ୍ରହଣ କରିଛନ୍ତି। ଏକ ନୂଆ ଜୋସର ସହ ସେ ନିଜର ୨ୟ କାର୍ଯ୍ୟକାଳର ଆରମ୍ଭ କରିଛନ୍ତି। ନିଜ ଶପଥ ଗ୍ରହଣର ଅଭିଭାଷଣରେ ଟ୍ରମ୍ପ ଆମେରିକା ଏବେ 'ସୁବର୍ଣ୍ଣ ଯୁଗ'କୁ ଫେରିବାକୁ ଯାଉଥିବା ଭରସାପୂର୍ଣ୍ଣ କଥା କହିଛନ୍ତି।

ଟ୍ରମ୍ପ କ୍ଷମତାକୁ ଫେରିବା ପରେ ନିର୍ବାଚନ ପ୍ରଚାରରେ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାରେ ଡେରି କରିନାହାନ୍ତି। ଶପଥ ଗ୍ରହଣର ତୁରନ୍ତ ପରେ ଅନୁପ୍ରବେଶ ରୋକିବା ପାଇଁ ସୀମାରେ ଜରୁରୀ ପଦକ୍ଷେପ ନେଇଛନ୍ତି। ଇମିଗ୍ରେସନ ସମ୍ବନ୍ଧୀୟ ନୀତି ନିୟମକୁ କଡ଼ାକଡି କରିବାକୁ ଘୋଷଣା କରିଛନ୍ତି।

ଆମେରିକାରେ ରପ୍ତାନି ପାଇଁ ଅନେକ ଦେଶ ଉପରେ ଶୁଳ୍କ ବୃଦ୍ଧି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକାକୁ ଅଲଗା କରି ଦେଇଛନ୍ତି। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଓହରି ଯାଇଛି ଆମେରିକା। ବ୍ରିକ୍ସ ଦେଶଗୁଡିକୁ ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ ଯଦି କିଏ ଆମେରିକାର ନୀତିଗୁଡ଼ିକର ବିରୋଧରେ ଯାଏ ତ ପରିଣାମ ଭୟଙ୍କର ହେବ।

ଟ୍ରମ୍ପ ପ୍ରଶାସନିକ ସ୍ତରରେ ମଧ୍ୟ ବିଦ୍ୟୁତ୍ ବେଗରେ ଅଦଳବଦଳ ଆରମ୍ଭ କରି ଦେଇଛନ୍ତି। ଏହିପରି ଭାବେ ବିଶ୍ୱର ଅନେକ ଦେଶର ନଜର ଏହି କଥା ଉପରେ ରହିଛି ଯେ, ଟ୍ରମ୍ପ ପ୍ରଶାସନ ତାଙ୍କ ସହ କେମିତି ବ୍ୟବହାର କରୁଛି।

ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରଥମ କାର୍ଯ୍ୟକାଳରେ ବି ଆମେରିକାର ନୀତି ନିୟମର ସୂତ୍ରଧର ଥିଲେ। ସେହି ସମୟରେ ସେ ବାଣିଜ୍ୟ , ବ୍ୟବସାୟ ଓ ଇମିଗ୍ରେସନ ସମ୍ବନ୍ଧୀୟ ନୀତି ଗୁଡ଼ିକୁ ଶକ୍ତ କରିବାକୁ ପ୍ରୟାସ କରିଥିଲେ। ହେଲେ ଚାପରେ ପଡିଏଚ୍- ଓ୍ୱାନ୍ ବି ଭିସା ଉପରେ ରୋକ୍ ସମ୍ବନ୍ଧୀୟ ନିଷ୍ପତ୍ତିକୁ ଫେରେଇ ନେବାକୁ ପଡ଼ିଥିଲା। ଏହି ଥର ମଧ୍ୟ କାର୍ଯ୍ୟଭାର ନେବା ପୂର୍ବରୁ ଏହି ଭିସାକୁ ବନ୍ଦ କରିବାକୁ ଘୋଷଣା କରି ଦେଇଥିଲେ। ହେଲେ ଏଲନ ମସ୍କଙ୍କ ଚାପରେ ସେ ଏହାକୁ ଆଉ ଅଧିକ ଗୁରୁତ୍ୱ ଦେଲେନି। କିନ୍ତୁ ସେ ଘୋଷଣା କରିସାରିଛନ୍ତି ଯେ, ଇମିଗ୍ରେସନ ଓ ନାଗରିକତା ନିୟମ ଆଦିକୁ କଡ଼ାକଡି କରାଯିବ। ଏହା କାର୍ଯ୍ୟକାରୀ ହେଲେ ଅନେକ ଲୋକଙ୍କୁ ଆମେରିକା ଛାଡି ନିଜ ନିଜର ଦେଶକୁ ଫେରିବାକୁ ପଡିବ।

ହେଲେ ଟ୍ରମ୍ପ ଏବେ ସୁଦ୍ଧା ଭାରତକୁ ନେଇ ସେମିତି କୌଣସି କଠୋର ପଦକ୍ଷେପ ନେବାର କଥା କହିନାହାନ୍ତି। ଭାରତ ସହ ଭଲ ସମ୍ପର୍କ ରହିଛି। କୂଟନୈତିକ ସମ୍ବନ୍ଧ ଠାରୁ ନେଇ ବାଣିଜ୍ୟ ବ୍ୟବସାୟ ସବୁଥିରେ ଭାରତ ସହ ଆମେରିକାର ଉତ୍ତମ ସଂପର୍କ ରହିଛି। କିନ୍ତୁ ଏଠାରେ ବିଚାର୍ଯ୍ୟର ବିଷୟ ଯେ, ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳିର ଆରମ୍ଭରେ ଯେଭଳି ଆକ୍ରମଣାତ୍ମକ ଭାବେ ନିଜର କାର୍ଯ୍ୟ ଆରମ୍ଭ କରିବା ସହ ବିଭିନ୍ନ ନିଷ୍ପତ୍ତି ନେବାକୁ ଏହାର ପ୍ରାକ୍ ସୂଚନା, ନିଜର ଅଭିଭାଷଣରେ ଦେଇଛନ୍ତି, ଏଥିରୁ ଅନୁମେୟ ହୁଏ ଯେ ସେ ନିଶ୍ଚୟ କିଛି ବଡ ପଦକ୍ଷେପ ନେବେ। ଯାହାକି ବିଶ୍ୱରେ ପ୍ରମୁଖତା ରଖିବ। ଯେଉଁଥିପାଇଁ ପୂରା ବିଶ୍ୱ ଏବେ ଆମେରିକା ମୁହାଁ। ଆଉ ଜାଣିବାକୁ ତତ୍ପର, କ'ଣ ରହୁଛି ଡୋନାଲ୍ଡଙ୍କ ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ବହନ କରବାର ପରବର୍ତ୍ତୀ ଆଭିମୁଖ୍ୟ।

ସବୁଠୁ ବଡ଼ ଆଲୋଚନାର ବିଷୟ ଯେ, ଡୋନାଲ୍ଡ ଟ୍ରମ୍ପ ଆମେରିକାକୁ ପ୍ୟାରିସ ଜଳବାୟୁ ଚୁକ୍ତିରୁ ପ୍ରତ୍ୟାହାର କରିବା ସହ ହୁ ବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକାକୁ ଅଲଗା କରି ଦେବାକୁ ଘୋଷଣା କରିଛନ୍ତି। ସାରା ବିଶ୍ୱରେ ନିଜର ଦବଦବା ଓ ପ୍ରଭାବ ବିସ୍ତାର କରିଥିବା ଆମେରିକା ଯଦି , ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଏପରି ଦୁଇଟି ପ୍ରମୁଖ ଚୁକ୍ତିରୁ ଦୂରେଇ ଯାଏ, ଏହା ନିଶ୍ଚୟ ପରିବର୍ତ୍ତିତ ସମୟରେ ଚିନ୍ତାର ବିଷୟ ହେବ। କାରଣ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକାର ଓହରି ଯିବା ଏହା ବିଶ୍ୱ ଜଳବାୟୁ ସଂହତି ପ୍ରତି ଏକ ବଡ ବିପଦ ବୋଲି ବିଶେଷଜ୍ଞମାନେ କହି ସାରିଲେଣି। ଯେଭଳି ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ସାରା ବିଶ୍ୱ ହନ୍ତସନ୍ତ,ଏଭଳି ଏକ ମୁସ୍କିଲ ସମୟରେ ଟ୍ରମ୍ପଙ୍କର ଏଭଳି ଆଭିମୁଖ୍ୟ ଅତ୍ୟନ୍ତ ପ୍ରତିକୂଳ ପ୍ରଭାବ ପକାଇବ। ବିଶେଷକରି ଏହା ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ପାଇଁ ଅତି ଖରାପ ଉଦାହରଣ ସୃଷ୍ଟି କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଅନ୍ୟପଟେ ଚୀନର ଉଲ୍ଲେଖ କରି ଟ୍ରମ୍ପ ଆମେରିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଅଲଗା କରି ନେଇଛନ୍ତି। କରୋନା ମହାମାରୀ ସମୟରେ ହୁ' ର ପକ୍ଷପାତିତାପୂର୍ଣ୍ଣ ନୀତିର ସର୍ବଦା ସମାଲୋଚନା କରି ଆସିଛନ୍ତି। ଯେଉଁଥି ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରୁ ବାହାର କରି ଦେଇଛନ୍ତି। ଏବେ ଆମେରିକା ହୁ'ର ସଦସ୍ୟ ନାହିଁ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ଆମେରିକା ଠାରୁ ମିଳୁଥିବା ଫଣ୍ଡିଂ ବନ୍ଦ ହୋଇଯିବ। ଏହାର ପ୍ରଭାବ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବହୁ ଯୋଜନା ଉପରେ ପଡ଼ିବ।

ଏବେ ଆଗକୁ ଦେଖିବାକୁ ରହିଲା, ଟ୍ରମ୍ପଙ୍କର ଏପରି ଚଟାପଟ ନିଷ୍ପତ୍ତି ଆମେରିକା ପାଇଁ ଓ ପୂରା ବିଶ୍ୱରେ କ'ଣ ପ୍ରଭାବ ପକାଉଛି ଏବଂ ନିଜର ଏହି ୨ୟ କାର୍ଯ୍ୟକାଳରେ ଟ୍ରମ୍ପ କେତେ ମାତ୍ରାରେ ଆମେରିକାର ଶାସନ ଗାଦିରେ ତଥା ବିଶ୍ୱସ୍ତରରେ ନିଜର ପରାକାଷ୍ଠା ପ୍ରତିପାଦିତ କରିବା ନିଜର 'ସୁବର୍ଣ୍ଣ ଯୁଗ'ର ସ୍ୱପ୍ନକୁ ସାକାର କରି ପାରୁଛନ୍ତି।

କୁରୁମଟାଙ୍ଗର, ମହୁଲପଡ଼ା, ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭



ଡୋନାଲ୍ଡ ଟ୍ରମ୍ପ ୨ୟ ଥର ଆମେରିକାର ରାଷ୍ଟ୍ରପତି ଭାବରେ ଶପଥଗ୍ରହଣ କରିଛନ୍ତି। ଏକ ନୂଆ ଜୋସର ସହ ସେ ନିଜର ୨ୟ କାର୍ଯ୍ୟକାଳର ଆରମ୍ଭ କରିଛନ୍ତି। ନିଜ ଶପଥ ଗ୍ରହଣର ଅଭିଭାଷଣରେ ଟ୍ରମ୍ପ ଆମେରିକା ଏବେ 'ସୁବର୍ଣ୍ଣ ଯୁଗ'କୁ ଫେରିବାକୁ ଯାଉଥିବା ଭରସାପୂର୍ଣ୍ଣ କଥା କହିଛନ୍ତି।
ଟ୍ରମ୍ପ କ୍ଷମତାକୁ ଫେରିବା ପରେ ନିର୍ବାଚନ ପ୍ରଚାରରେ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାରେ ଡେରି କରିନାହାନ୍ତି। ଶପଥ ଗ୍ରହଣର ତୁରନ୍ତ ପରେ ଅନୁପ୍ରବେଶ ରୋକିବା ପାଇଁ ସୀମାରେ ଜରୁରୀ ପଦକ୍ଷେପ ନେଇଛନ୍ତି। ଇମିଗ୍ରେସନ ସମ୍ବନ୍ଧୀୟ ନୀତି ନିୟମକୁ କଡ଼ାକଡି କରିବାକୁ ଘୋଷଣା କରିଛନ୍ତି।
ଆମେରିକାରେ ରପ୍ତାନି ପାଇଁ ଅନେକ ଦେଶ ଉପରେ ଶୁଳ୍କ ବୃଦ୍ଧି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକାକୁ ଅଲଗା କରି ଦେଇଛନ୍ତି। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଓହରି ଯାଇଛି ଆମେରିକା। ବ୍ରିକ୍ସ ଦେଶଗୁଡିକୁ ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ ଯଦି କିଏ ଆମେରିକାର ନୀତିଗୁଡ଼ିକର ବିରୋଧରେ ଯାଏ ତ ପରିଣାମ ଭୟଙ୍କର ହେବ।

# ମୃତ୍ୟୁଦଣ୍ଡାଦେଶ ଦାବିରେ ମମତାଙ୍କ ପିଆଇଏଲ୍

**ବଟକୃଷ୍ଣ ତ୍ରିପାଠୀ**

"ପ୍ରଶ୍ନ ଉଠୁଛି ମମତା ବାନାର୍ଜୀ କେଉଁ ପ୍ରକାର ବା କେଉଁ କାର୍ଯ୍ୟ ହାତକୁ ନେଇ ଦୋଷୀକୁ ଫାଶୀଦଣ୍ଡ ଦେଇପାରିଥାନ୍ତେ। ଦୋଷୀକୁ ଦଣ୍ଡ ଦେବା ଅଦାଲତ ( ବିଚାରପତିଙ୍କ) କାର୍ଯ୍ୟ ସେଥିରେ କେହି ହସ୍ତକ୍ଷେପ କରିବା ଅର୍ଥ ଅଦାଲତର ବିରୋଧାଚରଣ କରିବା ସହ ସମାନ। ରାୟ ପ୍ରକାଶ ପାଇବା ପରେ ଅପିଲରେ ଉପର ଅଦାଲତକୁ ଯିବା ଅଧିକାର ସମସ୍ତଙ୍କର ଅଛି ଏବଂ ଏହି ମାମଲାରେ ମଧ୍ୟ ଯିବାରେ କିଛି ଅସୁବିଧା ନାହିଁ। ମାତ୍ର ମମତା ବାନାର୍ଜୀ ଯେଉଁପରି ଭାବେ ଘଟଣାକୁ ପର୍ଯ୍ୟାଲୋଚନା କରି ଅଦାଲତକୁ ଯାଇଛନ୍ତି ତାହା ମୂଳରେ ଅନ୍ୟ କୌଣସି କାରଣ ଥିବା ଅନେକ ବିଶ୍ୱାସ କରୁଛନ୍ତି।"

କୋଲକାତା ଆର୍ ଜି କର ମେଡିକାଲ କଲେଜ ଏବଂ ହସପିଟାଲରେ ସଂଘଟିତ ଦୁଷ୍କର୍ମ ସାଙ୍ଗକୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସଂଜୟ ରାୟଙ୍କୁ ସିଆଲ୍‌ଦା ଅତିରିକ୍ତ ଜିଲ୍ଲା ଏବଂ ସେସନ ଜଜ୍ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ସନ୍ତୁଷ୍ଟ ହୋଇନାହାନ୍ତି। ତେଣୁ ଦୋଷୀ ସାବ୍ୟସ୍ତକୁ ଫାଶୀଦଣ୍ଡ ଦାବି କରି ହାଇକୋର୍ଟରେ ନିକଟରେ ଅପିଲ କରିଛନ୍ତି। ତେବେ ଏହି 'ଅଭୟା' ମାମଲାରେ ମୃତ୍ୟୁବରଣ କରିଥିବା ଟ୍ରେନିଂ ମହିଳା ଡାକ୍ତର ବା ଅଭୟାଙ୍କ ପିତା ବିରୋଧ କରିଛନ୍ତି। ସେ କହିଛନ୍ତି ଆଗ ଆମକୁ ଅଦାଲତ ରାୟର କପି ମିଳୁ। ଏହା ପରେ ଆମେ ଆଗକୁ ବଢିବାକୁ ବିଚାର କରିବୁ। ଏହା ସତ ଯେ କର୍ତ୍ତବ୍ୟରତ ଟ୍ରେନିଂ ମହିଳା ଡାକ୍ତରଙ୍କୁ ସଞ୍ଜୟ ରାୟ ଭଳି ଜଣେ ସିଭିଲ ପୋଲିସ ଭଲ୍ୟୁଣ୍ଟର ଦୁଷ୍କର୍ମ ପୂର୍ବକ ହତ୍ୟା କରିବା ଏବଂ ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଅପପ୍ରୟାସ କରିବା ଅତ୍ୟନ୍ତ ଗର୍ହିତ ଅପରାଧ। ମମତା ବାନାର୍ଜୀ ଏବଂ ଆର୍ ଜି କର ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କ ସମେତ ବହୁ ସାଧାରଣ ନାଗରିକ ରାଜରାସ୍ତାକୁ ଓହ୍ଲାଇ ବହୁ ଦିନ ଧରି ଆନ୍ଦୋଳନ କରିଥିଲେ। ଆନ୍ଦୋଳନର ମୁଖ୍ୟ ଦାବିରେ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ। ତେବେ ଏହି ମାମଲାରେ ସିଆଲଦା ଅତିରିକ୍ତ ଜିଲ୍ଲା ଜଜ୍ ତାଙ୍କର ୧୭୨ ପୃଷ୍ଠା ବିଶିଷ୍ଟ ରାୟରେ କହିଛନ୍ତି ଯେ ସେ ସବୁ ଦୃଷ୍ଟିରୁ ବିଚାର କରି, ଅପରାଧର ଗଭୀରତାକୁ ଧ୍ୟାନ ଦେଇ, ନ୍ୟାୟ ସଂହିତାର ନିୟମକୁ ମାନି ଏବଂ ମାନବିକ ମର୍ଯ୍ୟାଦା ତଥା ଜଣଙ୍କର ଥଇଥାନକୁ ଚିନ୍ତା କରି ଯେଉଁ ପ୍ରକାର ଦଣ୍ଡ ଦେବା କଥା (ଆଜୀବନ କାରାଦଣ୍ଡ) ସେହି ପ୍ରକାର ଦଣ୍ଡ ଦେଇଛନ୍ତି। ବିଚାରପତିଙ୍କ ମାମଲା 'ରେୟାରେଷ୍ଟ ଅଫ୍ ରେୟାର'ର ତୀକ୍ଷ୍ଣ ପରିସରକୁ ଆସୁନଥିଲା। ସେ ମଧ୍ୟ କହିଛନ୍ତି ଯେ ଅଦାଲତର ବିଚାରପତି କୌଣସି ପ୍ରକାର ଚାପର ବଶବର୍ତ୍ତୀ ହେବା କିମ୍ବା କାହାର ସମ୍ବେଦନଶୀଳ ଅପିଲ ପ୍ରତି ବିମୋହିତ ହୋଇ ରାୟ ଦେବାରୁ ବିରତ ରହିବା ଦରକାର। ତଦନ୍ତକାରୀ ସଂସ୍ଥା ସିବିଆଇ ଏବଂ ମୃତକ ଟ୍ରେନିଂ ଡାକ୍ତରଙ୍କ ପରିବାର ଲୋକେ ଦୋଷୀର ଫାଶୀ ଦଣ୍ଡ ପ୍ରାର୍ଥନା କରିଥିଲେ। ମାତ୍ର ବିଚାରପତି ଦୋଷୀକୁ ଦୁଷ୍କର୍ମ (ସେକ୍ସନ ୬୪), ହତ୍ୟା (ଦଫା ୬୬/୧୦୩) ରେ ଦଣ୍ଡ ପ୍ରଦାନ କରିଥିବା କହିଛନ୍ତି। ଦଣ୍ଡାଦେଶ ପ୍ରକାଶ ପାଇବା ପରେ ଆର୍ ଜି କର ମେଡିକାଲ କଲେଜର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଦୋଷୀକୁ ଫାଶୀ ଦିଆଯାଉ ବୋଲି ଦାବି ଉଠାଇଛନ୍ତି।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ସେ ପ୍ରଥମରୁ ଦୋଷୀକୁ ଫାଶୀ ଦଣ୍ଡ ଦେବା ପାଇଁ ଦାବି କରିଆସୁଥିଲେ। କେବଳ ସେତିକି ନୁହେଁ ସେ ମଧ୍ୟ ସିବିଆଇ ଆଡ଼କୁ ଆଙ୍ଗୁଠି ଦେଖାଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ ସିବିଆଇ ଏହି ମାମଲାର ତଦନ୍ତ ଠିକ୍ ଭାବେ କରିନାହିଁ। ପଶ୍ଚିମବଙ୍ଗ ପୋଲିସ (ଆମେ ) ଯଦି ତଦନ୍ତ କରୁଥାଆନ୍ତୁ ତେବେ ଦୋଷୀ ତେବେ ଦୋଷୀ ଫାଶୀଦଣ୍ଡ ନିଶ୍ଚୟ ପାଇଥାନ୍ତା। ସେତେବେଳେ ମମତାଙ୍କୁ ସମର୍ଥନ କରି ଆର୍ ଜି କର ମେଡିକାଲ କଲେଜର ଛାତ୍ରଛାତ୍ରୀମାନେ ଫାଶୀଦଣ୍ଡ ଦାବି ଦୋହାରାଇଲେ ମମତା। ହାଇକୋର୍ଟରେ ଏକ ପିଆଇଏଲ୍ ଦାଖଲ କରିଥିବା କହିଛନ୍ତି। ତଳ କୋର୍ଟର ରାୟ ବିରୋଧରେ ଉପର କୋର୍ଟରେ ଅପିଲ କରିବାରେ କିଛି ଅସୁବିଧା ନାହିଁ। ତାହା ମଧ୍ୟ ନିୟମ। ମାତ୍ର ଏହି ମାମଲାରେ ମୃତ ଟ୍ରେନିଂ ଡାକ୍ତରୀଙ୍କ ଛାତ୍ରୀଙ୍କ ପିତାମାତା ସଦ୍ୟ ଦଣ୍ଡାଦେଶକୁ ନେଇ ସୁଖୀ ନୁହଁନ୍ତି। ସେମାନେ ଏହି ମାମଲାରେ ଅପିଲ ନ କରି ମମତା ବାନାର୍ଜୀ ଜନସାଧାରଣଙ୍କ ପକ୍ଷରୁ ହାଇକୋର୍ଟରେ ପିଆଇଏଲ୍ କରିବା ଉଦ୍ଦେଶ୍ୟ କ'ଣ ଥାଇପାରେ, ଏହାକୁ ମୃତକଙ୍କ ପିତାମାତା ସମର୍ଥନ ଦେଇନାହାନ୍ତି।

ପ୍ରଶ୍ନ ଉଠୁଛି ମମତା ବାନାର୍ଜୀ କେଉଁ ପ୍ରକାର ବା କେଉଁ କାର୍ଯ୍ୟ ହାତକୁ ନେଇ ଦୋଷୀକୁ ଫାଶୀଦଣ୍ଡ ଦେଇପାରିଥାନ୍ତେ। ଦୋଷୀକୁ ଦଣ୍ଡ ଦେବା ଅଦାଲତ ( ବିଚାରପତିଙ୍କ) କାର୍ଯ୍ୟ ସେଥିରେ କେହି ହସ୍ତକ୍ଷେପ କରିବା ଅର୍ଥ ଅଦାଲତର ବିରୋଧାଚରଣ କରିବା ସହ ସମାନ। ରାୟ ପ୍ରକାଶ ପାଇବା ପରେ ଅପିଲରେ ଉପର ଅଦାଲତକୁ ଯିବା ଅଧିକାର ସମସ୍ତଙ୍କର ଅଛି ଏବଂ ଏହି ମାମଲାରେ ମଧ୍ୟ ଯିବାରେ କିଛି ଅସୁବିଧା ନାହିଁ। ମାତ୍ର ମମତା ବାନାର୍ଜୀ ଯେଉଁପରି ଭାବେ ଘଟଣାକୁ ପର୍ଯ୍ୟାଲୋଚନା କରି ଅଦାଲତକୁ ଯାଇଛନ୍ତି ତାହା ମୂଳରେ ଅନ୍ୟ କୌଣସି କାରଣ ଥିବା ଅନେକ ବିଶ୍ୱାସ କରୁଛନ୍ତି। ମୃତକଙ୍କ ପିତାମାତାଙ୍କୁ ଏ ସଂପର୍କରେ ସେ ବିଶ୍ୱାସକୁ ନେଇନାହାନ୍ତି।

ଏହା ସତ୍ୟ ଯେ ବର୍ତ୍ତମାନ ଆମ ରାଜ୍ୟ ତଥା କିଛି ରାଜ୍ୟରେ ଦୁଷ୍କର୍ମ, ହତ୍ୟା ଭଳି ଜଘନ୍ୟ ଅପରାଧ ଯେଉଁଭଳି ଭାବରେ ବୃଦ୍ଧି ପାଇବାରେ ଲାଗିଛି ତାହା ଉଦ୍‌ବେଗଜନକ। ସବୁଠୁ ଉଦ୍‌ବେଗଜନକ ଅପରାଧୀମାନେ ନିର୍ଭୟରେ ଅପରାଧ ଘଟାଇ ଚାଲିଛନ୍ତି। ଉପଯୁକ୍ତ ଦଣ୍ଡବିଧାନର ଆବଶ୍ୟକତା ଅଛି। କେବଳ ଯେ ଦଣ୍ଡବିଧାନ ଅପରାଧକୁ ନିୟନ୍ତ୍ରଣ କରିପାରିବ ତାହା ଭାବିବା ଠିକ୍ ହେବ ନାହିଁ। ସମାଜର ଯେଉଁ ପ୍ରକାର ଅସ୍ଥିରତା, ଅବ୍ୟବସ୍ଥା ବୃଦ୍ଧି ପାଉଛି ତାହାକୁ ଯଦି ଉପଯୁକ୍ତ ଭାବେ ନିୟନ୍ତ୍ରଣ ବା ମୁକାବିଲା କରାନଯାଏ ତେବେ ଏ ପ୍ରକାର ଅପରାଧ ନିୟନ୍ତ୍ରଣ କରିବା ସମ୍ଭବ ହେବନାହିଁ।

ସିବିଆଇ ଦେଶର ଏକ ପ୍ରମୁଖ ତଦନ୍ତକାରୀ ସଂସ୍ଥା। ଜଘନ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଅପରାଧରେ ସମସ୍ତେ ସିବିଆଇର ତଦନ୍ତ ଦାବି କରିଥାନ୍ତି। ଏହି ଘଟଣାରେ ସିବିଆଇ ତଦନ୍ତ କରି ଠିକ୍ ସମୟ ଭିତରେ ଚାର୍ଜସିଟ୍ ଦେଇଥିଲା। ସିବିଆଇକୁ ତଦନ୍ତ ପାଇଁ ଜଣେ ମୁଖ୍ୟମନ୍ତ୍ରୀ ଦୋଷ ଦେବା କେତେଦୂର ଯଥାର୍ଥ ତାହା ବିଚାର୍ଯ୍ୟ। ମାମଲାରେ ଅପିଲ ଉଚ୍ଚ ନ୍ୟାୟାଳୟକୁ ଯାଇଛି । ଉଚ୍ଚ ନ୍ୟାୟଳୟର ନିଷ୍ପତ୍ତି ପରେ ତାହା ଜଣାପଡ଼ିବ।

ଭୁବନେଶ୍ୱର



## ଗଡ଼ବାଣିକିଲୋ ରାସ୍ତାରୁ ଦିନ ଦ୍ୱିପରେ ଡକାୟତି ଅଭିଯୋଗ

ରଣପୁର,୨୩।୧ (ନିପ୍ର); ନୟାଗଡ ଜିଲ୍ଲା ରଣପୁର ଥାନା ଅଞ୍ଚଳ ରେ ଦିନକୁ ଦିନ ଚୋରା ନିଶା କାରବାର ବୃଦ୍ଧି ହେଉଥିବା ସହ ଚୋରି ଡକାୟତ ବୃଦ୍ଧି ଘଟୁଥିବା ଅଭିଯୋଗ ହେଉଛି। ଗତ ବୁଧବାର ରଣପୁର ଥାନା ଅଧିନସ୍ଥ ଗଡ଼ବାଣୀକିଲୋ ଠାରୁ ଦିନ ଦ୍ୱିପହରେ ଡକାୟତ ହୋଇଥିବା ନେଇ ରଣପୁର ଥାନା ରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ରଣପୁର ଏନ. ଏସି ଅଧିନସ୍ଥ ୯ନମ୍ବର ୱାର୍ଡ ରାଜବାଟି ନୂଆସାହି ର ମହେଶ୍ୱର ସିଠ (୪୦) ପିତା ମଙ୍ଗୁଳି ସିଠ ଗତ ବୁଧବାର ଅପରାହ୍ନ ୩ଟା ସମୟରେ ନିଜର ମଟର ସାଇକେଲ ଯୋଗେ କୌଣସି କାମରେ ବେଗୁନିଆ ଯାଉଥିବା ବେଳେ ଗଡ଼ବାଣୀକିଲୋ ଠାରୁ ପାଟଣା ଯିବା ରାସ୍ତା ଅଧକିମି ଯିବା ବାଟରେ ତିନି ଜଣ ଯୁବକ ରାସ୍ତା ମଝିରେ ମହେଶ୍ୱରଙ୍କୁ ଅଟକାଇ ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ଠାରୁ ଏକ ଓପ କମ୍ପାନୀର ମୋବଇଲି ଫୋନେ ନଗଦ ଏକ ହଜାର ଟଙ୍କା ଡକାୟତି କରି ଦୂରରେ ରଖିଥିବା ବାଇକରେ ପାଟଣା ଆଡକୁ ପଳାଇ ଯାଇଥିଲେ । ତାପରେ ମହେଶ୍ୱର ଭୟଭିତ ହୋଇ ସେଠାରୁ ଫେରୀ ରଣପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୨୩।୧ (ନିପ୍ର); ଭଦ୍ରକ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅନୁଭାଗ ଜରିଆରେ +୩ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଶକୁନ୍ତଳା ନାୟକ, ସାହିତ୍ୟିକ ରଜନୀ କାନ୍ତ ମହାନ୍ତି ପ୍ରମୁଖ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। "ଗଣତନ୍ତ୍ରରେ ନେତା ଓ ଜନତା" ଶୀର୍ଷକ ବିଷୟ ଉପରେ ପ୍ରତିଯୋଗୀମାନଙ୍କର ପରିବେଷଣ ଖୁବ୍ ଉଚ୍ଚକୋଟୀର ଥିଲା। ସାମ୍ପ୍ରତିକ ସମୟରେ ନେତା ବାଛିବା ପାଇଁ ନିର୍ବାଚନ ସମୟରେ କିପରି ୫୦୦ ଟଙ୍କାରେ ଜଣେ ବିକ୍ରୟ ହୋଇଯାଉଛି। ନିର୍ବାଚନ ପରେ ନେତା କିପରି କୋଟି କୋଟି ଟଙ୍କାରେ ନିଜର ସ୍ୱାର୍ଥ ପାଇଁ ଦଳ ଡିଆଁ ମାରୁଛନ୍ତି ଏବଂ ଏହା କିପରି ଗଣତନ୍ତ୍ର ପାଇଁ ବିପଦ ସାଜୁଛି, ସୁଦୃଢ଼ ଗଣତନ୍ତ୍ର ପାଇଁ ଉଭୟ ନେତା ଓ ଜନତା କିପରି ସଚେତନ ହେବା ଉଚିତ୍, ଉଭୟ ମଧ୍ୟରେ ସ୍ୱଚ୍ଛତାର ସମ୍ପର୍କ ରହିଲେ ଯାଇ ଗଣତନ୍ତ୍ରର ଭବିଷ୍ୟତ ଉଜ୍ଜ୍ୱଳ ହେବ ଏବଂ ଯୁବ ଶକ୍ତି ହିଁ ତାକୁ ସଫଳ କରାଇପାରିବ ବୋଲି ପିଲାମାନଙ୍କର ଚିତ୍ରଣ ବେଶ୍ ମର୍ମସ୍ପର୍ଶୀ ଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସଫଳ କରାଇବାରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟାପିକ ଅଭାମୟୀ ମହାପାତ୍ର, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ, ଅବସରପ୍ରାପ୍ତ ଅଧ୍ୟାପକ ସଂଗ୍ରାମକିଶୋର ମହାନ୍ତି ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ।

## ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ କମ୍ବଳ ବଣ୍ଟନ

ଭବାନୀପାଟଣା, ୨୩/ ୧ (ନି.ପ୍ର)– ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ତଳ ବେଲଗାଁ ପଞ୍ଚାୟତର ଆଦିବାସୀ ବହୁଳ ଗ୍ରାମ ଚାନ୍ଦଲି ରେ କମ୍ବଳ ବଣ୍ଟନ କରାଯାଇଛି। ବ୍ରାହ୍ମଣ ସମାଜର ଜିଲ୍ଲା ସଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ଜିଲ୍ଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର ଓ ବରିଷ୍ଠ ସଭ୍ୟ ଦେବୀ ପ୍ରସାଦ ଦାଶ ଆଦିବାସୀ ଗ୍ରାମ ଚାନ୍ଦଲିକୁ ଯାଇ ଆଦିବାସୀ ଭାଇ ଭଉଣୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଗାଁର ସମସ୍ତ ୩ ବର୍ଷ ବୟସର ଶିଶୁଙ୍କୁ ଆଙ୍ଗନୱାଡ଼ି କେନ୍ଦ୍ରକୁ ଓ ସମସ୍ତ ୬ ବର୍ଷ ବୟସର ଶିଶୁଙ୍କୁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପ୍ରତିଦିନ ବିଦ୍ୟାଳୟ ପଠାଇବାକୁ ପରାମର୍ଶ ଦେଇଥିଲେ। ଏଥି ସହ ସମସ୍ତ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ନିଜ ନିଜର ସ୍ୱାସ୍ଥ୍ୟ କାର୍ଡ କରାଇ ନେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ସମସ୍ତ ପ୍ରକାର ଟୀକାକରଣ ଯୋଜନାରେ ପ୍ରତ୍ୟେକ ଶିଶୁ ଓ ଗର୍ଭବତୀ ମହିଳା ନିଶ୍ଚିତ ଟୀକା ନେବାପାଇଁ କହିଥିଲେ। ପରେ ପରେ ଶତାଧିକ ପୁରୁଷ, ମହିଳା ଓ ଶିଶୁଙ୍କୁ କମ୍ବଳ ବଣ୍ଟନ କରିଥିଲେ।

## ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ଦେବଗଡ଼,୨୩।୧ (ନିପ୍ର): ଦେବଗଡ଼ ଜିଲ୍ଲା ସଦର ମହକୁମାରେ ଥିବା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଦେବଗଡ଼ ସେବା ସଂଘ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଜିଲ୍ଲାର ଗୋପିକିଶୋର କ୍ଲବ, ରାଧାମାଧବ କ୍ଲବ, ରାଜୀବ ଗାନ୍ଧୀ କ୍ଲବ, ରାଜପୁତ କ୍ଲବ, ରିଜର୍ଭ ପୋଲିସ, ଦୁଆଶୁଣି କ୍ଲବ, ରାଧାକୃଷ୍ଣ କ୍ଲବ ଓ ଶାସ୍ତ୍ରୀ କ୍ଲବ ମଧ୍ୟରେ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା କରାଯିବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ଗଞ୍ଜାମ, ରାଉରକେଲା, କଟକ, ଭୁବନେଶ୍ୱର, ଯାଜପୁର ଓ ଦେବଗଡ଼ ଦଳ ଅଂଶଗ୍ରହଣ କରିବେ ବୋଲି ସଂଘ ସଭାପତି ଧର୍ମେନ୍ଦ୍ର ଦେବତା ସୂଚନା ଦେଇଛନ୍ତି ଓ ଅନ୍ତିମ ଦିବସ ଫାଇନାଲ ମ୍ୟାଚ ଖେଳାଯିବା ପୂର୍ବରୁ ରାଉରକେଲା ଓ ସମ୍ବଲପୁର ମହିଳା କବାଡ଼ି ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଖେଳାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ଅସହାୟ ଗରିବ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବସ୍ତ୍ର ବଣ୍ଟନ

ଛତ୍ରପୁର,୨୩।୧ (ନିପ୍ର): ଛତ୍ରପୁର ସ୍ଥିତ ବିରେଶ୍ୱର କଲୋନୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାନ ଉତ୍ସବ ପାଳନ କରାଯାଇ ଅସହାୟ ଗରିବ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତା ରେ ଅଧ୍ୟାପିକା ଓ ସାମ୍ବାଦିକ ଗଣ ଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗ ର ଅଧ୍ୟାପିକା ଡ଼ଃ ବନ୍ଦିତା କୁମାରୀ ପଣ୍ଡା, ଡ଼ଃ ନେହା ପାଣ୍ଡେ, ଡ଼ଃ ଚିନୁ ବହିଦାର, ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ମହେଶ କୁମାର ଗୌଡ଼, ଜଲାଲ୍ ଖାଁ, ସିଦ୍ଧାର୍ଥ ଦାଶ, ମୋନାଲିସା ରେଡ୍ଡୀ, ପ୍ରଥମ ବର୍ଷ ର ଛାତ୍ର ସନ୍ତୋଷ କୁମାର ବେହେରା, ସୁଦର୍ଶନ ମହାଳିକ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହୋଯୋଗ କରିଥିଲେ।

## ନୂତନ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୨୩।୧ (ନିପ୍ର); ଛତ୍ରପୁର ଉପ ଜିଲ୍ଲାପାଳ ଭାବେ ଶିବାଶିଷ ବରାଳ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ଶେରଗଡ଼ ବିଡ଼ିଓ ଭାବେ ଦାୟିତ୍ୱରେ ଥିଲେ । ୨୦୧୫ ବ୍ୟାଚ ଓଏଏସ ଅଫିସର ଭାବେ ମୟୂରଭଞ୍ଜ ଜି଼ଲ୍ଲା କରଞ୍ଜିଆ ବିଡ଼ିଓ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ପରେ ଗଞ୍ଜାମ ଜି଼ଲ୍ଲାର ଶେରଗଡ ବ୍ଲକକୁ ବଦଳି ହୋଇଥିଲେ । ଶ୍ରୀ ବରାଳ ଦାୟିତ୍ୱ ନେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୂର୍ବରୁ ଛତ୍ରପୁର ଉପ ଜି଼ଲ୍ଲାପାଳ ଦାୟିତ୍ୱରେ ଥିବା ଦେବଦତ୍ତ ମହାନ୍ତ ଅନୁଗୁଳ ଜି଼ଲ୍ଲା ସିଡିଓ ଭାବେ ବଦଳି ହୋଇଛନ୍ତି । ସେ ଦାୟିତ୍ୱ ନେବା ପରେ ଜି଼ଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ସମସ୍ତ ଜନମଙ୍ଗଳ ଯୋଜନା ଗୁଡିକ ଉତ୍ତମ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଗଞ୍ଜାମ ଜି଼ଲ୍ଲାରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁରୁଖୁରୁରେ ପରିଚାଳନା ହେବ ସେଥିପ୍ରତି କାର୍ଯ୍ୟ କରିବି ବୋଲି ତାଙ୍କରି ପ୍ରତିକ୍ରିୟାରେ ଜଣାଇଛନ୍ତି ।

# ବିନା କଟନୀଛଟନୀରେ ଚାଲିଛି ଧାନ କିଣା: ଗ୍ରାଉଣ୍ଡ ଜିରୋରେ ଜିଲ୍ଲାପାଳ

ଭଦ୍ରକ,୨୩।୧ (ନିପ୍ର): ସରକାରୀ ଦରରେ ଧାନ କିଣା ନେଇ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁଯାୟୀ ଏଫଏକ୍ୟୁ ମାନର ଧାନକୁ ବିନା କଟନୀ ଛଟନୀରେ କିଣାଯିବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାର ପ୍ରସ୍ତୁତି ଓ ଉଦ୍ୟମ ଜାରି ରହିଛି। ଜିଲ୍ଲାପାଳ ଦିଲୀପ୍ ରାଉତରାଏ ହଠାତ୍ ଭଦ୍ରକ ବ୍ଲକ୍ ଆମ୍ବରୋଳି ସମବାୟ ସମିତି ଧାନ କ୍ରୟ କେନ୍ଦ୍ର ଓ ଗେଲଟୁଆର ଜୟ ମା ଦୁର୍ଗା ହସ୍ତଶିଳ୍ପୀ ଏସ୍.ଏଚ୍.ଜି. ର ଧାନକ୍ରୟ କେନ୍ଦ୍ର ପରିଦର୍ଶନ କରି ବିନା କଟନୀ ଛଟନୀ ରେ ବିକ୍ରୟ କରିଥିବା ଚାଷୀ ଓ କଟନୀ ଛଟନୀ ହେଉଥିବା ନେଇ ଅଭିଯୋଗ କରୁଥିବା ଚାଷୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ଜଳଙ୍ଗାର ଚାଷୀ ଉପେନ୍ଦ୍ର ପଣ୍ଡା ଓ ପିତାମ୍ବର ସାହୁଙ୍କୁ ପଚାରି ବୁଝିଥିଲେ। ଅପରିଷ୍କାର ଧାନ ମଣ୍ଡିରୁ ଫେରାଇ ନେଇ ଘରୁ ପରିଷ୍କାର କରି ଆଣି ବିନା କଟନୀ ଛଟନୀ ରେ ବିକିଥିବା ଚାଷୀମାନେ ଜିଲ୍ଲାପାଳଙ୍କ ଠାରେ ପ୍ରକାଶ କରିଥିଲେ। ଏପରିକି ବିନା କଟନୀ ଛଟନୀରେ ମଣ୍ଡିରେ ଧାନ ବିକ୍ରୟ କରିଥିବା ଜିଲ୍ଲାପାଳଙ୍କୁ କହିଥିବା ୩ ଜଣ ଚାଷୀ ପ୍ରକୃତରେ ସେମାନେ ଚାଷୀକି ନୁହନ୍ତି ଜିଲ୍ଲାପାଳ ସେମାନଙ୍କ ମୋବାଇଲ୍‌ରେ ଧାନ ବିକ୍ରୟ ପାଇଁ ଆସିଥିବା ମ୍ୟାସେଜକୁ ତନଖି କରିଥିଲେ। ୩ ଜଣ ଯାକ ଘରୁ ଧାନକୁ ସଫାକରି ଏଫ୍.ଏ.କ୍ୟୁମାନର ପ୍ରସ୍ତୁତ କରି ବିନା କଟନୀ ଛଟନୀରେ ବିକ୍ରୟ କରିଥିବା ଖୁସିର ସହିତ ପ୍ରକାଶ କରିଥିଲେ। କଟନୀ ଛଟନୀ ଚାଲୁଅଛି ବୋଲି ସେଠାରେ ଉପସ୍ଥିତ ଅନ୍ୟଚାଷୀ ପ୍ରକାଶ କରୁଥିବା ବେଳେ ଜିଲ୍ଲାପାଳ ସେମାନଙ୍କ ସହିତ କଥାବାର୍ତ୍ତା କରି ଜାଣିବାକୁ ପାଇଲେ କି ସେମାନେ ଧାନ ବିକ୍ରିକରି ନାହାନ୍ତି। ୨୯ ଜାନୁୟାରୀରେ



ସେମାନଙ୍କ ଠାରୁ ଧାନ କିଣାଯିବା ନେଇ ମୋବାଇଲରେ ମେସେଜରୁ ଜାଣିବାକୁ ମିଳିଥିଲା। କଟନୀ ଛଟନୀ ଚାଲୁଥିବା ସେମାନଙ୍କୁ କିଏ କହିଲା ବୋଲି ଜିଲ୍ଲାପାଳ ପଚାରିବାରୁ ସେମାନେ ଉତ୍ତର ଦେଇ ପାରିନଥିଲେ ଏହା ଉଡ଼ା କଥା ବୋଲି ପ୍ରମାଣିତ ହୋଇଥିଲା। ଜିଲ୍ଲାପାଳ ସେମାନଙ୍କୁ ବୁଝାଇଥିଲେ କଟନୀ ଛଟନୀ କଥା ସମ୍ପୂର୍ଣ୍ଣ ଗୁଜବ। ବିନା କଟନୀ ଛଟନୀରେ ଏଫ୍.ଏ.କ୍ୟୁ ମାନର ଧାନ ବିକି ସରକାରୀ ଦରର ପଇସା ପାଇଥିବା ଚାଷୀ ସେମାନଙ୍କ ଆଗରେ ପ୍ରକାଶ କରୁଥିବା ଜିଲ୍ଲାପାଳ ସେମାନଙ୍କୁ କହିଥିଲେ। ସୂଚନା ଯୋଗ୍ୟକି ଧାନ ଉଠାଇବାରେ ମନ୍ଥରତା, ଅଖା ଯୋଗାଉ ନଥିବା ଅଭିଯୋଗରେ ତିହିଡ଼ିର ଅଦିତ ରାଇସ୍ ମିଲ୍, ଭଦ୍ରକର ଜେ.ଏମ୍.ବି. ଏବଂ ୱା.ଜି.ପି. ରାଇସ୍ ମିଲ କୁ ପ୍ରଶାସନ ତରଫରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ମଣ୍ଡିରୁ ଧାନ ଉଠାଣରେ ସଂପୂର୍ଣ୍ଣ ସହଯୋଗ ରଖିଥିବା ଅରୁଣ ଟ୍ରେଡ଼ିଂ ରାଇସ୍ ମିଲ୍, ଚାନ୍ଦବାଲି, ଅଗ୍ରୱାଲା ବ୍ରଦର୍ସ ରାଇସମିଲ, ଭଦ୍ରକ ଏବଂ ଓମ୍‌ଶ୍ରୀ ରାଇସ୍ ମିଲ, ବନ୍ତକୁ ପ୍ରଶଂସା କରାଯାଇଛି। ପ୍ରକାଶ ଥାଉ କି ଧାନ କିଣାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ବାହାରୁ ଖୁବ୍ ଶୀଘ୍ର ଟି ମିଲର୍‌ଙ୍କୁ ଅଣାଯିବା ପାଇଁ ଅନୁମୋଦନ ନିମନ୍ତେ ସରକାରଙ୍କ ନିକଟକୁ ପ୍ରସ୍ତାବ ପ୍ରଦାନ କରାଯାଇଛି।

## ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭିତ୍ତିଭୂମି ଯାଞ୍ଚ କଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ

ଛତ୍ରପୁର,୨୩।୧ (ନିପ୍ର): ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦ୍ୱିତୀୟ ପର୍ଯ୍ୟାୟରେ ମୋ ହସ୍ପିଟାଲ ପାଇଁ ଚିହ୍ନଟ କରାଯାଇଛି । ଏଣୁ ଏହି ଦୁଇଟି ମେଡିକାଲ କୁ ବୁଧବାର ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡା ଗସ୍ତ କରି ଭିତ୍ତି ଭୂମିର ଯାଞ୍ଚ କରିଛନ୍ତି । ମୋ ହସ୍ପିଟାଲ ପାଇଁ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୨ କୋଟି ୯୨ ଲକ୍ଷ ଟଙ୍କା ମଂଜୁର କରାଯାଇଥିବା ବେଳେ ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୬୫ ଲକ୍ଷ ଟଙ୍କା ମଂଜୁର କରାଯାଇଛି। ଏଣୁ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି । ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିରକ୍ତ ପ୍ରକାଶ କରିଥିଲେ । ପରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କୋଠା କୁ ସେ ବୁଲି ଦେଖିଥିଲେ । ଏହା ସହ ରୋଗୀଙ୍କ ସହ ମେଡିକାଲ ପକ୍ଷରୁ ଦିଆଯାଉଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୱାଟର ପ୍ଲାଣ୍ଟ ବୁଲିବା ସହିତ ଉପସ୍ଥିତ ଡାକ୍ତର ମାନଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରି ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଗସ୍ତ ବେଳେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ, ଡାକ୍ତର ଅଜିତ କୁମାର ପାତ୍ର, ବିପିଏମ ସିମାଞ୍ଚଳ ପ୍ରଧାନ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ବ୍ଲକ ଆକାଉଣ୍ଟ ମ୍ୟାନେଜର ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ନିଆଁ ନିବାରଣ ସମ୍ବନ୍ଧିୟ ତାଲିମ ଶିବିର

ଭବାନୀପାଟଣା, ୨୩/ ୧ (ନି.ପ୍ର)– କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଧର୍ମଗଡ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ଦିବସିୟ ଜଙ୍ଗଲ ନିଆଁ ନିବାରଣ ସମ୍ବନ୍ଧିୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରରେ ଜଙ୍ଗଲ ଓ ପରିବେଷ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଧର୍ମଗଡଙ୍କ କର୍ମଚାରୀ ଉପସ୍ଥିତ ରହିଥିଲେ। ଆଗାମୀ ଗ୍ରୀଷ୍ମଋତୁରେ ଜଙ୍ଗଲରେ ହେଉଥିବା ନିଆଁକୁ କିପରି ପ୍ରତିହତ କରିହେବ ଏବଂ ନିଆଁଲିଭା କର୍ମଚାରୀମାନେ ଆକସ୍ମିକ ଆହତ ହେଲେ ସାଥି କର୍ମଚାରୀ କିପରି ତାଙ୍କୁ ଉଦ୍ଧାର କରିପାରିବେ ସେହି ବିଷୟ ଉପରେ ପ୍ରଦର୍ଶନୀ ମାଧ୍ୟମରେ ଦେଖାଯାଇଥିଲା। ଏଥିରେ ଧର୍ମଗଡ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉଁର, ଉପ ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ବେହେରା, ବନପାଳ ସୀମା ଧଙ୍ଗଡାମାଝୀ, ବନପାଳ ଚିତ୍ତରଞ୍ଜନ ବେହେରା, ଅଗ୍ନିଶମ ବାହିନୀ ଓ.ଆଇ.ସି. କେଶବ ବେହେରା, ଧର୍ମଗଡ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ଜେ. ମଙ୍ଗରାଜ, ଆମ ଜଙ୍ଗଲ ଯୋଜନାର ଦଳ ମୁଖ୍ୟ ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ଜଙ୍ଗଲ ନିଆଁ ଆୟତ୍ତ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ।

# ମାଓବାଦୀ ଓ ପୋଲିସ ଗୁଳିବିନିମୟର ସଫଳତା ପରେ ପୋଲିସ ମହାନିର୍ଦ୍ଦେଶକଙ୍କ ମାଓ ସମୀକ୍ଷା

ଭବାନୀପାଟଣା,୨୩।୧ (ନିପ୍ର): ଛତିଶଗଡ଼ ଜଙ୍ଗଲରେ ମାଓ ଏନ୍‌କାଉଣ୍ଟର ପରେ କଳାହାଣ୍ଡି ଜିଲ୍ଲା ଗସ୍ତରେ ପୋଲିସ ଡିଜି ଯୋଗେସ ବାହାଦୁର ଖୁରାନିଆ । ପୋଲିସ୍ ଡିଜି ଭବାନୀପାଟଣା ରିଜର୍ଭ ପୋଲିସ୍ ପଡିଆରେ ହେଲିକ୍ୟାପ୍ଟର ଯୋଗେ ଆସି ପହଞ୍ଚିବା ପରେ ଯୁଗସାଇପାଟଣା ଠାରେ ଥିବା ସିଆରପିଏଫ୍ କ୍ୟାମ୍ପ ଓ ଅଟାଙ୍ଗଗୁଡ଼ା ଠାରେ ଥିବା ସିଆରପିଏଫ୍ କ୍ୟାମ୍ପ ପରିଦର୍ଶନ କରିବା ସହିତ ଅଧିକାର ମନାନକ ସହିତ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲା ଏସପି ଙ୍କ କାର୍ଯ୍ୟାଳୟ ରେ ମାଓ ସ୍ଥିତିକୁ ନେଇ ସମୀକ୍ଷା କରିଥିଲେ । ଅନୁଷ୍ଠିତ ଏହି ବୈଠକରେ ଡିଜିଙ୍କ ସମେତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ସେଖର, ସିଆରପିଏଫ୍ କମାଡେଣ୍ଟ ପଙ୍କଜ ଚୌଧୁରୀ, ଜିଲ୍ଲା ଏସପି ଅଭିଳାଷ ଜି ଉପସ୍ଥିତ ଥିଲେ। ଗରିଆବନ୍ଧ ଅଞ୍ଚଳର ଏନ୍‌କାଉଣ୍ଟରରେ ୧୪ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ମାଓବାଦୀଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଜଣା ପଡିଛି । ଗୁଇନ୍ଦା ସୂଚନା ଆଧାରରେ ଗତ ୧୯ ତାରିଖରୁ ମିଳିତ ଓଡିଶା ପୋଲିସ ଓ ଛତିଶଗଡ଼ ପୁଲିସ ଅପରେସନ୍ ଆରମ୍ଭ କରିଥିଲେ ସୁରକ୍ଷାକର୍ମୀ ଯାହା ଫଳରେ ପୋଲିସ କୁ ଏକ ବଡ଼ ସଫଳତା ମିଳିଛି । ଉଭୟ ରାଜ୍ୟର ସୀମାରେ ଏସଓଜି ସମେତ ଛତିଶଗଡ଼ ସିଆରପିଏଫ୍, ଯବାନ ମାନେ ଅପରେସନ ଜାରି ରଖିଛନ୍ତି ବୋଲି ଯୋଗେସ ବାହାଦୁର ଖୁରାନିଆ ସୁଚନା ଦେଇଛନ୍ତି। ଏନେଇ ଓଡିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେସ ବାହାଦୁର ଖୁରାନିଆ କହିଛନ୍ତି ଯେ, 'ଆଜି ମୁଁ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛି କଳାହାଣ୍ଡି ଜିଲ୍ଲାରେ ଯେଉଁ ସିକ୍ୟୁରିଟି ଫୋର୍ସେସ ଡେପ୍ଲଏ ହୋଇଛି , ସେମାନଙ୍କ ର ଆଣ୍ଟି ନକ୍ସଲ ଅପରେସନ କୁ ନେଇ ରିଭିୟୁ କରିବାକୁ ଆସିଚୁ। ଏସପି ଅଫିସ ଆସିବା ପୂର୍ବରୁ ମୁଁ ଜବାନ ମାନଂକ ସହିତ କଥା ହେଇଛି। ସେମାନେ କେମିତି ଅପରେସନ କରୁଛନ୍ତି ସେ ଉପରେ ଆଲୋଚନା ହୋଇଚି। ଗରିଆବନ୍ଦ୍ର ମିଳିତ ଏନକାଉଣ୍ଟର ରେ ଯେଉଁ



ସଫଳତା ମିଳିଛି ସେ ଉପରେ ଆଲୋଚନା ହୋଇଛି। ଆସନ୍ତା ଦିନର କଳାହାଣ୍ଡି ଜିଲାରେ କେମିତି ନକ୍ସଲ ଅପରେସନ ହେବ ସେନେଇ ଆଲୋଚନା କରିଛୁ ବୋଲି ସେ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରରେ ବେଟି ବଚାଓ ବେଟି ପଢ଼ାଓ ଉତ୍ସବ

ଭଦ୍ରକ,୨୩।୧ (ନିପ୍ର); ଜିଲ୍ଲା ଶିଶୁ ସୁରକ୍ଷା ଓ ଜିଲ୍ଲା ପ୍ରଶାସନ, ଭଦ୍ରକ ପକ୍ଷରୁ ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲ୍ଲାପାଳ, ଭଦ୍ରକ ଦିଲୀପ ରାଉତରାଏଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଏହି ମର୍ମରେ ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ମଞ୍ଚ ପରିଚାଳନାରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଶିଶୁ ମଂଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମାଜମଂଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୂଖ ଯୋଗଦାନ କରି ଲିଂଗଗତ ପକ୍ଷପାତିତା, କନ୍ୟାସନ୍ତାନ ମାନଙ୍କର ସୁରକ୍ଷା, ସେମାନଙ୍କ ବଂଚିବା ଶିକ୍ଷା, ଆଦର, ସମ୍ମାନ ପ୍ରଦର୍ଶନ ପ୍ରତି ସମଭାବାପନ୍ନ ହେବାପାଇଁ ସଂକଳ୍ପବଦ୍ଧ ନିମନ୍ତେ ପ୍ରଚାର ପ୍ରସାର କରି ପ୍ରତିଜ୍ଞାବଦ୍ଧ ହେବାପାଇଁ ସମବେତ ଭାବେ ଉପସ୍ଥିତ ସମସ୍ତେ ଶପଥପାଠ କରିଥିଲେ। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ପ୍ରମୂଖ କନ୍ୟାସନ୍ତାନ ମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ସମାଜମଙ୍ଗଳ ଅଧିକାରିଣୀଙ୍କ ଧନ୍ୟବାଦ ପର୍ବପରେ ଏକ ପଦଯାତ୍ରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀ, ଅଂଗନବାଡ଼ି କର୍ମୀ, ମହିଳାଗୋଷ୍ଠି, ପୋଲିସବାହିନୀ, ସାମାଜିକ ସଂଗଠନ, ପଞ୍ଚାୟତ ପ୍ରତିନିଧି, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ସୁରକ୍ଷାୟୁନିଟ୍, ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତାଙ୍କ ଦ୍ୱାରା ନୂତନ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବାହାରି ଟାଉନହଲ ପର୍ଯ୍ୟନ୍ତ କନ୍ୟାରତ୍ନ–କରଯତ୍ନ, କନ୍ୟାଶିକ୍ଷା–ମହାଦୀକ୍ଷା ଇତ୍ୟାଦି ନାରାରେ ପ୍ରକମ୍ପିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ, କନ୍ୟା ଶିଶୁ ମନାଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିଶୁସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନପ୍ରେବେସନ ଅଧିକାରୀ ସୁବ୍ରତ ଦାସଙ୍କ ସମେତ ବାଲ୍ୟବିବାହ ସଂଯୋଜକ ପ୍ରଦ୍ୟୁତ ରଂଜନ ରାଉତ, ଆସିୟାନାର ରିୟାଜ ଅହମ୍ମଦ, ଚାଇଲ୍ଡ ଲାଇନର କର୍ମୀ ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ଦିଗ୍‌ବିଜୟ ମହାନ୍ତି, ଲକ୍ଷ୍ମୀକାନ୍ତ ସେଠୀ, ଲକ୍ଷ୍ମଣ କୁମାର ଜେନା, ସସ୍ମିତା ନାୟକ, ମନୋଜ ନାୟକ, ଶିଶୁ ସୁରକ୍ଷାର ସ୍ୱାଗତିକା ବାରିକ, ବିଶ୍ୱନାରାୟଣ ପାତ୍ର, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ ପ୍ରମୂଖ ସହଯୋଗ କରିଥିଲେ।

## ଶିଶୁ ମହୋତ୍ସବ ୨୦୨୪-୨୫ ଉଦ୍‌ଯାପିତ

ଦାମନଯୋଡି,୨୩/୦୧(ନିପ୍ର): ନାଲକୋ କମ୍ୟୁନିଟୀ ସେଣ୍ଟର୍ ପକ୍ଷରୁ ଦୀର୍ଘ ଦିନ ଧରି ଚାଲିଥିବା ଶିଶୁ ମହୋତ୍ସବ ୨୦୨୪-୨୫ ବୁଧବାର ସନ୍ଧ୍ୟାରେ ହର୍ଷ ଉଲ୍ଲାସ ସହିତ ଉଦ୍‌ଯାପିତ ହୋଇଯାଇଛି । କମ୍ୟୁନିଟୀ ସେଣ୍ଟର୍ ପରିଚାଳନା କମିଟି ସଭାପତି ସତ୍ୟକାମ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦକ ସମୀର କୁମାର ବେନିଆ ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ନାଲକୋର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଓ ବିଭିନ୍ନ ବିଭାଗର ସମୁହ ମହାପ୍ରବନ୍ଧକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏକ ବର୍ଷ ଶିଶୁଙ୍କ ଠାରୁ ନେଇ ୧୫ ବର୍ଷ ପର୍ଯ୍ୟନ୍ତ ବାଳକବାଳିକା ସମୁଦାୟ ୧୨ଟି ଭିନ୍ନଭିନ୍ନ ପ୍ରତିଯୋଗୀତା ଏହି ମହୋତ୍ସବର ଅନୁଷ୍ଠିତ ହୋଇଥିଲା । ୩୦୦ରୁ ଉର୍ଦ୍ଧ୍ୱ କୃତୀ ପ୍ରତିଯୋଗୀ ମାନଙ୍କୁ ଇତି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ଉଦଯାପନୀ ଉତ୍ସବରେ କୁନି କୁନି ପିଲାଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକମାନଙ୍କୁ ବେଶ୍ ଆକର୍ଷଣ କରିଥିଲା । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଶିଶୁ ମାନଙ୍କ ଆଭ୍ୟନ୍ତରୀଣ ପ୍ରତିଭାର ବିକାଶ ହେବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା । ନିର୍ମଳ କୁମାର ରାଉତ ମଞ୍ଚ ସଂଯୋଜନା କରିଥିବା ବେଳେ କମିଟିର ସାଧାରଣ ସମ୍ପାଦକ ମନୋଜ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । କମ୍ୟୁନିଟୀ ସେଣ୍ଟର୍ କର୍ମକର୍ତ୍ତା ଓ କମିଟିର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

# ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ: ସମ୍ବଲପୁରୀ ନୃତ୍ୟରେ ତାଳେ ତାଳେ ଝୁମିଲେ ଦର୍ଶକ

ରମ୍ଭା,୨୩।୧ (ନିପ୍ର); କନକା ପଞ୍ଚାୟତ ଅଧିନସ୍ତ ଆର ବାହାଡାପଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏସଏମସିର ସଭାପତି ବିଅଭି ପ୍ରଧାନଙ୍କ ସଭାପତିତ୍ୱରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସୂଚୀ ପ୍ରକାରେ ଅନୁଷ୍ଠିତ ହେବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ଣ୍ଣ ଚନ୍ଦ୍ର ସେଠି (ବିଧାୟକ ଖଲ୍ଲିକୋଟ )କରିଥିବା ବେଳେ ମନ୍ତ୍ର ପାଠ ସଚ୍ଚିତାନନ୍ଦ ବେହେରା (ବି ଗଣ୍ଡାପଲ୍ଲୀ ହେଚ. ଏମ )କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ରବୀନ୍ଦ୍ର କୁମାର ନାୟକ (ସିଆରସିସି ସାବୁଳିଆ କ୍ଲଷ୍ଟର) ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଗଣେଶ ଚନ୍ଦ୍ର ଦଳ ବେହେରା (ପ୍ରଧାନ ଶିକ୍ଷକ ଆଲୋପୁର



)ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଞ୍ଚାସିନ ବ୍ୟକ୍ତି ମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଫୁଲତୋଡ଼ା ସହ ଉପଢୌକନ ପ୍ରଦାନ କରାଯାଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ପଣ୍ଡା (ସମାଜସେବୀ ରମ୍ଭା ), ସୁଦାମ ନାୟକ (ପୂର୍ବତନ ସରପଞ୍ଚ କନକା ), ଇନ୍ଦୁଶ୍ରୀ ଶର୍ମା (ଷ୍ଟୁଡେଣ୍ଟସ ହାଇସ୍କୁଲ ସାବୁଳିଆ ), ସନ୍ୟାସୀ ଲେଙ୍କା (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ), ଲକ୍ଷ୍ମୀଧର ପ୍ରହରାଜ (ଏକ୍ସ ହେଚ ଏମ ), ପ୍ରଫୁଲ୍ଲ ଚନ୍ଦ୍ର ଦାସ (ଏକ୍ସ ସି ଆର ସି ସି ), ରୋଜାଲିନ ମହାପାତ୍ର (ବିଜ୍ଞାନ ଶିକ୍ଷୟତ୍ରୀ ରମ୍ଭା ହାଇସ୍କୁଲ ), ଡ଼ଃ ଦ୍ୱାରିକା ନାଥ ମହାରଣା (ସି ଆର ସି ସି କନକା), ଟୁନି ପ୍ରଧାନ (ଏସ ଏମ ସି ଉପସଭାପତି ), ବି ଲକ୍ଷ୍ମଣ ପ୍ରଧାନ (ଗ୍ରାମ୍ୟ ସଭାପତି ) ପ୍ରମୁଖ ସମ୍ମାନୀତ ଅତିଥି ରୂପେ ମଞ୍ଚାସିନ ହୋଇଥିଲେ। ଉପସ୍ଥିତ ଦର୍ଶକ, ଗ୍ରାମବାସୀ, ଆଗନ୍ତୁକ, ଅଭିଭାବକ / ଅଭିଭାବିକା ମାନଙ୍କୁ ଅଭିଭାଷଣ ମାଧ୍ୟମରେ ବିଧାୟକ ଶ୍ରୀ ସେଠି ଉପରୋକ୍ତ ଶିକ୍ଷାନୁଷ୍ଠାନ ରେ ପରିବେଶ ପରିବେଷ୍ଟିନି ତଦାରଖ କରିବା ସହ ଦୀର୍ଘ ୧୨ବର୍ଷ ତଳେ ବିଗତ ସରକାରରେ ବିଧାୟକ ରହିଥିବା ବେଳେ ବନ ମହୋତ୍ସବ ସମୟରେ କଦମ୍ବ ବୃକ୍ଷ ରୋପଣ କରି ଗଛର ଛାଇ ତଳେ ଆଜି ଉପସ୍ଥିତ ହୋଇ ମନେ ପକାଇ ଥିଲେ। ତତ ସହିତ ବିଦ୍ୟାଳୟ ର ଅଭାବ /ଅସୁବିଧା ଉଦବୋଧ କରି ପାନୀୟ ଜଳର ସ୍ଥାୟୀ ବନ୍ଦୋବସ୍ତ, ବିଦ୍ୟାଳୟ ରେ ଲାଇବ୍ରେରୀ କମ ସଭାଗୃହ ରୁମ, ଷ୍ଟାପ ୱାସ ରୁମ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା ଶିକ୍ଷାନୁଷ୍ଠାନ ପରିସରରେ ୩ଗୋଟି ବରପୁତ୍ର ସ୍ଥାପନ ପାଇଁ ସହମତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ସଞ୍ଚାଳନରେ ୩ଗୋଟି ଗ୍ରାମବାସୀ ମର୍ଦରାଜ ପୁର, ହେଚ ବାହାଡାପଲ୍ଲୀ, ଆର ବାହାଡାପଲ୍ଲୀ ପରିଚାଳନା କମିଟି, ପି ଟି ଏ, ଏମ ଟି ଏ, ଆଗ୍ରହୀ ଯୁବ ଗୋଷ୍ଠି ସହିତ ବିଦ୍ୟାଳୟ ର ଶିକ୍ଷକ ସନ୍ତୋଷ ପଟ୍ଟନାୟକ, ଅଂଶୁମାଳୀ ବେହେରା, ଶିକ୍ଷୟତ୍ରୀ ଗୀତାଞ୍ଜଳି ମଙ୍ଗରାଜ, ଉପାସନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏଥି ସହିତ ପୂର୍ବରୁ ଅନୁଷ୍ଠିତ ଖେଳକୁଦ, ବକ୍ତୃତା, କୁଇଜ, କବିତା, ଗୀତରେ କୃତକାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ମଞ୍ଚାସିନ ବ୍ୟକ୍ତିମାନଙ୍କ ଦ୍ୱାରା ମାନପତ୍ର ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ କୁନାକୁନି କଳାକାର ମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସମ୍ବଲପୁରୀ ନୃତ୍ୟରେ ତାଳେ ତାଳେ ଝୁମିଥିଲେ ଦର୍ଶକ।

## ଭାରତ ସୀମାରେ ବଙ୍କର ତିଆରି କଲା ବାଂଲାଦେଶର ବର୍ଡର ଗାର୍ଡ୍ସ

ମାଲଦା, ୨୩।୧ : ବାଂଲାଦେଶର ଦୁଃସାହସ ଦିନକୁ ଦିନ ବଢିଚାଲିଛି। ପୂର୍ବରୁ ସୀମାରେ ଭାରତର ବାଡ଼ ନିର୍ମାଣ କାମରେ ପ୍ରତିବନ୍ଧକ ସୃଷ୍ଟି କରିବା ପରେ ବାଂଲାଦେଶର ସୀମା ସୁରକ୍ଷା ବାହିନୀ (ବର୍ଡର ଗାର୍ଡ୍ସ) ଏବେ ସୀମାରେ ବଙ୍କର ନିର୍ମାଣ କାମ ଆରମ୍ଭ କରିଛି । ଏହା ସହିତ ସୀମାବର୍ତ୍ତି ଇଲାକାର କୃଷକମାନଙ୍କୁ ଗୁଳିମାରିବାକୁ ଧମକ ଦେଇଛି ବର୍ଡର ଗାର୍ଡସ । ସୂଚନା ଅନୁସାରେ ପଶ୍ଚିମବଙ୍ଗର ମାଲଦା ଜିଲ୍ଲାର ସୁଖଦେବପୁର ଗାଁ ନିକଟରେ ସୀମାର ଜିରୋ ପଏଣ୍ଟରେ ବାଂଲାଦେଶ ଏକ ବଙ୍କର ନିର୍ମାଣ କରିଛି। ସୀମାରେ ଥିବା ଭାରତୀୟ କୃଷକମାନେ ଅଭିଯୋଗ କରିଛନ୍ତି ଯେ ବର୍ଡର ଗାର୍ଡସ ବାଂଲାଦେଶ ବଙ୍କର ନିର୍ମାଣ କରିଛି ଏବଂ ଅସ୍ତ୍ରଶସ୍ତ୍ର ଧରି ସେଠାରେ ରହୁଛନ୍ତି। ସୂଚନା ଅନୁସାରେ ପଶ୍ଚିମବଙ୍ଗର ମାଲଦା ଜିଲ୍ଲାର ସୁଖଦେବପୁର ଗାଁ ନିକଟରେ ସୀମାର ଜିରୋ ପଏଣ୍ଟରେ ବାଂଲାଦେଶ ଏକ ବଙ୍କର ନିର୍ମାଣ କରିଛି। ସୀମାରେ ଥିବା ଭାରତୀୟ କୃଷକମାନେ ଅଭିଯୋଗ କରିଛନ୍ତି ଯେ ବର୍ଡର ଗାର୍ଡସ ବାଂଲାଦେଶ ବଙ୍କର ନିର୍ମାଣ କରିଛି ଏବଂ ଅସ୍ତ୍ରଶସ୍ତ୍ର ଧରି ସେଠାରେ ରହୁଛନ୍ତି। ଯେତେବେଳେ ଭାରତୀୟ କୃଷକମାନେ ବିଏସଏଫ ସହ ମିଶି ବାଡ଼ ଲଗାଇବା ପାଇଁ କାମ କରିବାକୁ ଯାଆନ୍ତି, ସେତେବେଳେ ବାଂଲାଦେଶ ତରଫରୁ ଆପତ୍ତି ଉଠିଥାଏ । ବିଜିବି ତରଫରୁ ଗୁଳିମାଡ଼ ପାଇଁ ଧମକ ମଧ୍ୟ ଦିଆଯାଇଛି । କୃଷକମାନେ କହୁଛନ୍ତି ଯେ ସେମାନେ ଠିକ୍ ଭାବରେ ଚାଷ କରିପାରୁନାହାନ୍ତି। ସେମାନେ ଏହା ମଧ୍ୟ କୁହନ୍ତି ଯେ ବଙ୍କରରେ ବସିଥିବା ବିଜେବି ଯବାନମାନେ ବାଂଲାଦେଶୀମାନଙ୍କୁ ଭାରତୀୟ ଜମିରେ ଫସଲ ଅମଳ କରିବାକୁ ଉତ୍ସାହିତ କରନ୍ତି । ଏହା ଦ୍ୱାରା ମାନସିକ ଚାପ ବଢ଼ିଥାଏ।

## ସିସିଟିଭିରେ ଦେଖିବାକୁ ମିଳୁଥିବା ବ୍ୟକ୍ତି ମୋ ପୁଅ ନୁହେଁ

ନୂଆଦିଲ୍ଲୀ, ୨୩।୧ : ଜାନୁଆରି ୧୫ ତାରିଖ ବିଳମ୍ବିତ ରାତିରେ ବଲିଉଡ ଅଭିନେତା ସୈଫ ଅଲୀ ଖାନଙ୍କୁ ଛୁରାମାଡ଼ କରିଥିବା ଆକ୍ରମଣକାରୀକୁ ମୁମ୍ବାଇ ପୁଲିସ ଗିରଫ କରିଛି। ଗିରଫ ଆକ୍ରମଣକାରୀ ବାଂଲାଦେଶୀ ନାଗରିକ ଥିବା ସହିତ ନାମ ତାର ଶହଜାଦ ବୋଲି ଜଣାପଡ଼ିଛି।ସୈଫଙ୍କୁ ଛୁରାମାଡ଼ କରିଥିବା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ଶହଜାଦଙ୍କ ବାପା ରୁହୁଲ ଅମିନ ଫକିର କହିଛନ୍ତି ଯେ,' ସୈଫଙ୍କ ଘରେ ସିସିଟିଭିରେ ଦେଖାଯାଉଥିବା ସନ୍ଦିଗ୍ଧ ବ୍ୟକ୍ତି ମୋ ପୁଅ ନୁହେଁ। କାରଣ ମୁଁ ମୋ ପୁଅକୁ ଭଲ ଭାବେ ଚିହ୍ନି ପାରିବି। ସିସିଟିଭି ଫୁଟେଜ ଦେଖିବା ପରେ ଦାବିର ସହ କହିବି କି ଫୁଟେଜରେ ଦେଖିବାକୁ ମିଳୁଥିବା ବ୍ୟକ୍ତି ମୋ ପୁଅ ଶହଜାଦ ଆଦୌ ନୁହେଁ।'

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ

ଚଣ୍ଡିଗଡ଼, ୨୩।୧ : ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପତଓ୍ୱନ୍ତ ସିଂହ ପନ୍ନୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ବୋମା ମାଡ଼ କରିବାକୁ ଧମକ ଦେଇଛନ୍ତି। ଏହା ପରେ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଫରିଦକୋଟରେ ୨୬ ଜାନୁଆରୀ କାର୍ଯ୍ୟକ୍ରମରେ ଭଗବନ୍ତ ମାନ ପତାକା ଉତ୍ତୋଳନ କରିବାକୁ ଯାଉଥିଲେ। କିନ୍ତୁ ଏବେ ତାଙ୍କ ସ୍ଥାନରେ କ୍ୟାବିନେଟ ମନ୍ତ୍ରୀ ବରିନ୍ଦର ଗୋୟଲଙ୍କୁ ପତାକା ଉତ୍ତୋଳନ କରିବାର ଦାୟିତ୍ୱ ଦିଆଯାଇଛି। ନିଷିଦ୍ଧ ସଂଗଠନ ଶିଖ ଫର୍ ଜଷ୍ଟିସର ସଦ୍ୟତମ ଧମକ ପୂର୍ବରୁ ମଧ୍ୟ, ଗୁଇନ୍ଦା ଏଜେନ୍ସିଗୁଡ଼ିକ ଭଗବନ୍ତ ମାନଙ୍କ ସୁରକ୍ଷା ସମ୍ପର୍କରେ ଏକ ଆଲର୍ଟ ଜାରି କରିଥିଲେ। ସାମ୍ପ୍ରତିକ ସମୟରେ, ପନ୍ନୁ ଭାରତ ବିରୁଦ୍ଧରେ ନିରନ୍ତର ବିଷ ଓଗାଳି ଆସୁଛନ୍ତି।

## ଓସ୍କାର ଦୌଡରେ କ୍ଷୁଦ୍ର ଚଳଚ୍ଚିତ୍ର 'ଅନୁଜା'



ନୂଆଦିଲ୍ଲୀ, ୨୩।୧ : ନିର୍ଦ୍ଦେଶକ ଏଡମ ଜେ ଗ୍ରେଭ୍ସଙ୍କ ହିନ୍ଦୀ ଭାଷାରେ ନିର୍ମିତ ଆମେରିକୀୟ ସିନେମା 'ଅନୁଜା' ଓସ୍କାର ୨୦୨୫ ଦୌଡରେ ସାମିଲ ହୋଇଛି । ସିନେମାକୁ ଲାଇଭ୍ ଆକ୍ସନ ସର୍ଟ ଫିଲ୍ମ ବର୍ଗରେ ମନୋନୀତ କରାଯାଇଛି । ପ୍ରିୟଙ୍କା ଚୋପ୍ରା ଏହି ସିନେମାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ଦାୟିତ୍ୱ ବହନ କରିଥିଲେ। ସିନେମା ଏକ ୯ ବର୍ଷୀୟ ଝିଅର ସଂଘର୍ଷମୟ କାହାଣୀ ଉପରେ ଆଧାରିତ ଯିଏ ନିଜ ବଡ ଭଉଣୀ ପଲକ ସହିତ ଏକ କପଡା କାରଖାନାରେ କାମ କରୁଛି । ଫିଲ୍ମରେ ୯ ବର୍ଷୀୟ ଅନୁଜାର ସଂଘର୍ଷମୟ ଯାତ୍ରା ଦେଖିବାକୁ ମିଳୁଛି।

## ୧୨୦,୦୦୦ ସବୁଜ ରଙ୍ଗର ଇଗୁଆନା ମାରିବ ତାଇଓ୍ୱାନ

ନୂଆଦିଲ୍ଲୀ, ୨୩।୧ : ପ୍ରକୃତି ପ୍ରେମୀଙ୍କ ପାଇଁ ଦୁଃଖ ଖବର। ୧ ଲକ୍ଷ ୨୦ ହଜାର ସବୁଜ ରଙ୍ଗର ଇଗୁଆନା ମାରିବେ ତାଇଓ୍ୱାନ ସରକାର। ଏନେଇ ସ୍ଥାନୀୟ ସରକାର ଜନସାଧାରଣଙ୍କୁ ଇଗୁଆନା ବସା ଚିହ୍ନଟ କରିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ମାଛ ଧରିବା ପାଇଁ ବ୍ୟବହାର ହେଉଥିବା ବର୍ଚ୍ଛାକୁ ବ୍ୟବହାର କରି ଇଗୁଆନାଙ୍କୁ ମାରିବା ସବୁଠାରୁ ଭଲ ଉପାୟ ହେବ ବୋଲି ତାଇଓ୍ୱାନ ସରକାର ସୁପାରିଶ କରିଛନ୍ତି। ତାଇଓ୍ୱାନର ବନ ଏବଂ ପ୍ରକୃତି ସଂରକ୍ଷଣ ଏଜେନ୍ସିର ସୂଚନା ଅନୁସାର, ପ୍ରାୟ ୨୦୦,୦୦୦ ସରୀସୃପ ତାଇଓ୍ୱନର ଦକ୍ଷିଣ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ରହୁଛନ୍ତି। ଏହି ଅଞ୍ଚଳଗୁଡ଼ିକ ଅଧିକ ମାତ୍ରାରେ କୃଷି ଉପରେ ନିର୍ଭରଶୀଳ। ହେଲେ ଏଠାରେ ଇଗୁଆନାଙ୍କ ସଂଖ୍ୟା ଅଧିକ ରହିଥିବାରୁ ଏମାନେ ଚାଷ କ୍ଷେତ୍ରକୁ ପ୍ରଭାବିତ କରୁଛନ୍ତି। ଇଗୁଆନା ମୁଖ୍ୟତ ଫଳ, ପତ୍ର ଓ ଚାରାଗଛ ଖାଇ ବଞ୍ଚୁଥିବାରୁ ଏମାନେ ଫସଲ ନଷ୍ଟ କରିଦେଉଛନ୍ତି। ଫଳରେ ଚାଷୀର ମେରୁଦଣ୍ଡ ଭାଙ୍ଗି ଯାଉଛି। ତେଣୁ ପରିବେଶ ସନ୍ତୁଳନ ରକ୍ଷା କରିବାକୁ ସରକାର ଇଗୁଆନାଙ୍କୁ ମାରିବାକୁ ଯୋଜନା କରିଛନ୍ତି। ଗତ ବର୍ଷ ବି ତାଇଓ୍ୱାନ ସରକାର ୭୦ ହଜାର ଇଗୁଆନା ମାରିଥିଲେ। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିଯୁକ୍ତ କରାଯାଇଥିଲା। ପ୍ରତ୍ୟେକଙ୍କୁ ୧୫ ଆମେରିକୀୟ ଡଲାର ପର୍ଯ୍ୟନ୍ତ ପୁରସ୍କାର ଦିଆଯାଇଥିଲା।





ପରାକ୍ରମ ଦିବସ ଅବସରରେ ସଂସଦର ସେଣ୍ଟ୍ରାଲ ହଲରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## 'ଇନକୋଇସ୍'କୁ ଏସ୍ ସି ବୋଷ ଆପଦା ପ୍ରବନ୍ଧନ ପୁରସ୍କାର

ନୂଆଦିଲ୍ଲୀ, ୨୩।୧ : ବିପର୍ଯ୍ୟୟ ପରିଚାଳନାରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଇଣ୍ଡିଆନ୍ ନ୍ୟାସନାଲ ସେଣ୍ଟର ଫର ଓସେନ୍ ଇନଫର୍ମେସନ୍ ସର୍ଭିସେସ୍ 'ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର-୨୦୨୫' ପାଇଁ 'ସଂସ୍ଥାଗତ' ବର୍ଗରେ ମନୋନୀତ ହୋଇଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭାରତର ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକର ଅମୂଲ୍ୟ ଅବଦାନ ଓ ନିଃସ୍ୱାର୍ଥପର ସେବାକୁ ସମ୍ମାନିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର ନାମରେ ଏକ ବାର୍ଷିକ ପୁରସ୍କାର ପ୍ରତିଷ୍ଠା କରିଛନ୍ତି। ପ୍ରତିବର୍ଷ ଜାନୁଆରୀ ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ଘୋଷିତ ହେଉଥିବା ଏହି ପୁରସ୍କାରରେ ନଗଦ ୫୧ ଲକ୍ଷ ଟଙ୍କା ଓ କୌଣସି ଅନୁଷ୍ଠାନ କ୍ଷେତ୍ରରେ ସାର୍ଟିଫିକେଟ୍ ଏବଂ କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ୫ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ।୨୦୨୫ ବର୍ଷ ପୁରସ୍କାର ପାଇଁ ୨୦୨୪ ଜୁଲାଇ ପହିଲାରୁ ନାମାଙ୍କନ ପତ୍ର ମଗାଯାଇଥିଲା। ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଠାରୁ ୨୯୭ଟି ନାମାଙ୍କନ ପତ୍ର ଗ୍ରହଣ କରାଯାଇଥିଲା। ୧୯୯୯ ତେଲେଙ୍ଗାନାରେ ସ୍ଥାପିତ ହୋଇଥିବା ଇନକୋଇସ୍ ଭାରତର ବିପର୍ଯ୍ୟୟ ପରିଚାଳନା ରଣନୀତିର ଅବିଚ୍ଛେଦ୍ୟ ଅଙ୍ଗ, ଯାହା ସମୁଦ୍ର ସମ୍ବନ୍ଧୀୟ ବିପର୍ଯ୍ୟୟ ପାଇଁ ପ୍ରାରମ୍ଭିକ ସତର୍କସୂଚନା ପ୍ରଦାନ କରିଥାଏ। ଏହାଦ୍ୱାରା ଇଣ୍ଡିଆନ୍ ସୁନାମି ଆର୍ଲି ଓ୍ୱାର୍ଣ୍ଣିଂ ସେଣ୍ଟର (ଆଇଟିଇଡବ୍ଲ୍ୟୁସି) ପ୍ରତିଷ୍ଠା କରାଯାଇଛି ଯାହା ୧୦ ମିନିଟ୍ ମଧ୍ୟରେ ସୁନାମି ସତର୍କ ସୂଚନା ପ୍ରଦାନ କରିଥାଏ, ଯାହା ଭାରତ ଏବଂ ଭାରତ ମହାସାଗରର ୨୮ଟି ଦେଶକୁ ସେବା ପ୍ରଦାନ କରିଥାଏ। ୟୁନେସ୍କୋ ଦ୍ୱାରା ଏହାକୁ ଏକ ଶୀର୍ଷ ସୁନାମି ସେବା ପ୍ରଦାନକାରୀ ଭାବରେ ସ୍ୱୀକୃତି ମିଳିଛି। ୨୦୧୩ ଫାଇଲିନ୍ ଏବଂ ୨୦୧୪ ହୁଡ୍ ହୁଡ୍ ବାତ୍ୟା ସମୟରେ ଇନକୋଇସ୍ ପରାମର୍ଶ ସହିତ ସାହାଯ୍ୟ କରିଥିଲା ଯାହା ଦ୍ୱାରା ଠିକ୍ ସମୟରେ ସ୍ଥାନାନ୍ତର କରାଯାଇଥିଲା ଏବଂ ଉପକୂଳବର୍ତ୍ତୀ ଜନସଂଖ୍ୟା ପ୍ରତି ବିପଦ ହ୍ରାସ ପାଇଥିଲା।

## 'ହିନ୍ଦୁ ଆଧ୍ୟାତ୍ମିକ ଓ ସେବା ମେଳା'କୁ ଉଦଘାଟନ କଲେ ଅମିତ ଶାହ
## ପୂର୍ବରୁ ଦିଲ୍ଲୀରେ ମୁଁ ଜଣେ ହିନ୍ଦୁ ବୋଲି କହିବା କଷ୍ଟକର ଥିଲା

ଅହମଦାବାଦ, ୨୩।୧ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ୨୩ଜାନୁଆରିରେ ଗୁଜରାଟର ଅହମଦାବାଦରେ ପହଞ୍ଚିଛନ୍ତି। ସେଠାରେ ସେ ଜିଏମଡିସି ଗ୍ରାଉଣ୍ଡରେ ହିନ୍ଦୁ ଆଧ୍ୟାତ୍ମିକ ମେଳାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ସମ୍ବୋଧିତ କରି ବିରୋଧୀ ଦଳଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ମୁଁ ଦିଲ୍ଲୀର ଜଣେ ହିନ୍ଦୁ ବୋଲି କହିବା କଷ୍ଟକର ଥିଲା, କିନ୍ତୁ ଆଜି ସମସ୍ତେ ଏହାକୁ ଗର୍ବର ସହିତ କହୁଛନ୍ତି। ଶାହ କହିଛନ୍ତି, ଆଜି ଦେଶରେ ବିଜେପି ସରକାର ଅଛି। ନରେନ୍ଦ୍ର ମୋଦି ଆମର ପ୍ରଧାନମନ୍ତ୍ରୀ। ଗତ ୧୦ବର୍ଷ ଧରି ବିଜେପି ସରକାର କ୍ଷମତାରେ ଅଛି ଏବଂ ଏହି ୧୦ ବର୍ଷ ମଧ୍ୟରେ ସରକାର ନିଜର ଆଦର୍ଶ ଏବଂ ଆଦର୍ଶର ସହିତ କାର୍ଯ୍ୟ ସମାପ୍ତ କରିଛନ୍ତି। ଶାହ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଭାରତର ଗର୍ବ ବୃଦ୍ଧି ପାଇଛି। ୫୫୦ ବର୍ଷ ପରେ ରାମଲାଲା ତମ୍ବୁରୁ ବାହାରିଛନ୍ତି। ରାମ ମନ୍ଦିର ନିର୍ମାଣ ହୋଇଛି। ଆମ ସରକାର ଧାରା ୩୭୦ ରଦ୍ଦ କରିବାର କାର୍ଯ୍ୟ କରିଛନ୍ତି। ଭାରତର ଧାର୍ମିକ ସ୍ଥାନ ଏବଂ ଭାରତର ଐଶ୍ୱରୀୟ ମୂର୍ତ୍ତି ଚୋରି ହୋଇଥିଲା। ସେମାନଙ୍କୁ ସମଗ୍ର ବିଶ୍ୱରୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରିଛନ୍ତି। ଆଜି ବିଜେପି ସରକାର ଅଗ୍ରାଧିକାର ଭିତ୍ତିରେ ସେହି କାର୍ଯ୍ୟ ସମାପ୍ତ କରୁଛନ୍ତି ଯାହା ସାତ ଦଶନ୍ଧି ଧରି ହୋଇପାରି ନଥିଲା। କୁମ୍ଭମେଳା ବିଷୟରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ, ୧୪୪ବର୍ଷ ପରେ ପ୍ରୟାଗରାଜରେ ମହାକୁମ୍ଭ ଆୟୋଜିତ ହୋଇଛି। ଏତେ ବଡ଼ ଘଟଣାର ପ୍ରଭାବଶାଳୀ ପରିଚାଳନା ନେଇ ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଉଛି।




## ଜନ୍ମ ଅଧିକାର ନାଗରିକତା ଆଇନକୁ ନେଇ ଆତଙ୍କିତ
## ସମୟ ପୂର୍ବରୁ ପ୍ରସବ ପାଇଁ ହସ୍ପିଟାଲରେ ଭିଡ଼

ଓ୍ୱାଶିଂଟନ, ୨୩।୧ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତା ଗ୍ରହଣ କରିବା ମାତ୍ରେ ଜନ୍ମ ଅଧିକାର ନାଗରିକତ୍ୱରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି। ଜନ୍ମ ଅଧିକାର ନାଗରିକତ୍ୱରେ ପରିବର୍ତ୍ତନ ଆଣିବାକୁ ସେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି। ଏହା ଅନ୍ତର୍ଗତ, ଆମେରିକାରେ ଜନ୍ମିତ ପ୍ରତ୍ୟେକ ଶିଶୁ ଆଉ ଜନ୍ମ ଅଧିକାର ନାଗରିକତ୍ୱ ପାଇବେ ନାହିଁ। ଏହି କାରଣରୁ, ଲୋକମାନେ ବର୍ତ୍ତମାନ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଡରୁଛନ୍ତି ଏବଂ ସମୟ ପୂର୍ବରୁ ପ୍ରସବ ପାଇଁ ଡାକ୍ତରଖାନା ଭିଡ଼ ଜମାଇଛନ୍ତି। ଡାକ୍ତରଖାନା ବାହାରେ ଗର୍ଭବତୀଙ୍କର ଲମ୍ବା ଲାଇନ ଦେଖିବାକୁ ମିଳୁଛି। ବାସ୍ତବରେ, ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଆଦେଶ କାର୍ଯ୍ୟନିର୍ବାହୀ ଆଦେଶ ସ୍ୱାକ୍ଷର ହେବାର ୩୦ ଦିନ ପରେ ଆରମ୍ଭ ହେବ, ଅର୍ଥାତ୍ ଫେବୃଆରି ୨୦ପରେ ଜନ୍ମ ହୋଇଥିବା ପିଲାମାନେ ଆମେରିକାର ଜନ୍ମ ଅଧିକାର ପାଇବେ ନାହିଁ । ଏହି କାରଣରୁ, ଅନେକ ପରିବାର ଚାହାଁନ୍ତି ଯେ ସେମାନଙ୍କର ପିଲାମାନେ ଫେବୃଆରି ୨୦ ପୂର୍ବରୁ ଜନ୍ମ ହୁଅନ୍ତୁ ଏବଂ ଜନ୍ମ ଅଧିକାର ନାଗରିକତା ପ୍ରାପ୍ତ କରନ୍ତୁ । ନ୍ୟୁ ଜର୍ସିର ଏକ ମାତୃତ୍ୱ କ୍ଲିନିକରେ ଡ. ଏସଡି ରାମା କହିଛନ୍ତି ଯେ, ଆଇନରେ ୧୪ ତମ ସଂଶୋଧନ ପାଇଁ ଟ୍ରମ୍ପଙ୍କ ପଦକ୍ଷେପ ଅସମୟ ପ୍ରସବ ପାଇଁ ଲମ୍ବା ଲାଇନ ସୃଷ୍ଟି କରିଛି। ଡାକ୍ତର କହିଛନ୍ତି ଯେ, ମହିଳାମାନେ ଧାର୍ଯ୍ୟ ତାରିଖ ପୂର୍ବରୁ ସେମାନଙ୍କ ସନ୍ତାନ ପ୍ରସବ କରିବାକୁ ଅନୁରୋଧ କରୁଛନ୍ତି। ଯାହା ଦ୍ୱାରା ଫେବୃଆରୀ ୨୦ ପୂର୍ବରୁ ସେମାନଙ୍କର ପ୍ରସବ ହେବ ଏବଂ ସେମାନଙ୍କର ପିଲାମାନେ ଜନ୍ମ ନାଗରିକତା ପାଇପାରିବେ। ଡାକ୍ତର ରାମା କହିଛନ୍ତି, ତାଙ୍କ କ୍ଲିନିକ୍ ବାହାରେ ଗର୍ଭବତୀଙ୍କର ଏକ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସଂଖ୍ୟକ ହେଉଛନ୍ତି ଭାରତୀୟ ମହିଳା। ଯେଉଁମାନେ ୮ ଏବଂ ୯ ମାସର ଗର୍ଭବତୀ ଅଛନ୍ତି। ସମସ୍ତ ମହିଳା ୨୦ ଫେବୃଆରି ପୂର୍ବରୁ ପ୍ରସବ ପାଇଁ କହୁଛନ୍ତି। ସମୟ ପୂର୍ବରୁ ପ୍ରସବ ଏକ ବିପଦ ହୋଇପାରେ । ଜନ୍ମ ଅଧିକାର ନାଗରିକତା ହାସଲ କରିବା ପାଇଁ ଆମେରିକାରେ ଆରମ୍ଭ ହୋଇଥିବା ଏହି ଭିଡ଼ ବିଷୟରେ ଟେକ୍ସାସର ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଏସ.ଜି. ମୁକ୍କାଲା କହିଛନ୍ତି ଯେ, ମୁଁ ସମସ୍ତ ଦମ୍ପତିଙ୍କୁ କହିବାକୁ ଚେଷ୍ଟା କରୁଛି ଯେ, ଯଦିଓ ସମୟ ପୂର୍ବରୁ ପ୍ରସବ କରିବା ସମ୍ଭବ, କିନ୍ତୁ ଏହା କରିବା ବିପଜ୍ଜନକ ଅଟେ। ଉଭୟ ଶିଶୁ ଏବଂ ମାତାଙ୍କ ପାଇଁ ଏହା ଦ୍ୱାରା ବିପଦ ରହିଛି। ପିଲାମାନଙ୍କର ଫୁସଫୁସରେ ସମସ୍ୟା ହୋଇପାରେ, ଜନ୍ମର ଓଜନ କମ୍ ହୋଇପାରେ ଏବଂ ସ୍ନାୟୁଗତ ସମସ୍ୟା ମଧ୍ୟ ହୋଇପାରେ। ଡାକ୍ତର ଏହା ମଧ୍ୟ କହିଛନ୍ତି, ଗତ ଦୁଇ ଦିନ ମଧ୍ୟରେ ମୁଁ ୧୫ରୁ ୨୦ ଦମ୍ପତିଙ୍କ ସହ କଥା ହୋଇଛି।

## ଟ୍ରମ୍ପଙ୍କ ଚେତାବନୀ ପରେ ଋଷର ମନ୍ତବ୍ୟ
# କିଛି ନୂଆ ନାହିଁ, ଶାନ୍ତିପୂର୍ଣ୍ଣ ଆଲୋଚନା ପାଇଁ ଆମେ ପ୍ରସ୍ତୁତ

ନୂଆଦିଲ୍ଲୀ, ୨୩।୧ : ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖିଛି ମସ୍କୋ । ଋଷର କ୍ଷମତା କେନ୍ଦ୍ର କ୍ରେମଲିନ୍ କହିଛି, ୟୁକ୍ରେନ ଯୁଦ୍ଧ ବନ୍ଦ ନେଇ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଦେଇଥିବା ଚେତାବନୀରେ କିଛି ନୂଆ କଥା ନାହିଁ । କ୍ରେମଲିନ୍ ମୁଖପାତ୍ର ଡିମିତ୍ରୀ ପେସକୋଭ୍ କହିଛନ୍ତି, ତିନି ବର୍ଷ ହେଲା ଋଷ୍-ୟୁକ୍ରେନ ଯୁଦ୍ଧ ଜାରି ରହିଛି । ଏହାକୁ ବନ୍ଦ କରିବା ନେଇ ପ୍ରୟାସ ଚାଲିଛି । ଏନେଇ ଓ୍ୱାଶିଂଟନ ସହିତ ଶାନ୍ତିପୂର୍ଣ୍ଣ ଆଲୋଚନା ଜାରି ରହିଛି । ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକକୁ ଋଷ୍ ଖାରଜ୍ କରୁଛି । ପେସକୋଭ୍ ସ୍ପଷ୍ଟ କରିଛନ୍ତି, ଟ୍ରମ୍ପ ଏକ୍ସ ଯେଉଁ ଧମକପୂର୍ଣ୍ଣ ପୋଷ୍ଟ କରିଥିଲେ, ସେଥିରେ ନୂଆ ତତ୍ତ୍ୱ କିଛି ନାହିଁ । ଆମେରିକା ଯଦି ଋଷ୍ ଉପରେ ଅତିରିକ୍ତ କଟକଣା ସହିତ ପ୍ରତିବନ୍ଧକ ଲଗାଇବାକୁ ଚାହୁଁଛି ତେବେ ଏହା ଉପରେ ମସ୍କୋ ନଜର ରଖିଛି । ଯୁଦ୍ଧକୁ ନେଇ ଶାନ୍ତିପୂର୍ଣ୍ଣ ଆଲୋଚନା ପାଇଁ ଋଷ୍ ସବୁବେଳେ ପ୍ରସ୍ତୁତ ରହିଛି ବୋଲି କ୍ରେମଲିନ୍ ମୁଖପାତ୍ର କହିଛନ୍ତି । ବୁଧବାର ଆମେରିକା ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ଯେଉଁ ଥିରେ ଅବୈଧ ପ୍ରବାସୀଠାରୁ ଆରମ୍ଭ କରି ପାନାମା କେନାଲ ପର୍ଯ୍ୟନ୍ତ ଅନେକ ନିଷ୍ପତ୍ତି ଅନ୍ତର୍ଭୁକ୍ତ। ଏହାସିହତ ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ଭ୍ଲାଦିମିର ପୁଟିନଙ୍କୁ ଚରମବାଣୀ ଶୁଣାଇଥିଲେ । ସେ କହିଥିଲେ, ଆମେରିକା ରୁଷକୁ କୌଣସି ପ୍ରକାର କ୍ଷତି ପହଞ୍ଚାଇବାକୁ ଚାହାଁନ୍ତି ନାହିଁ, କିନ୍ତୁ ଯଦି ରୁଷ ରାଜି ନହୁଏ ତେବେ ତାଙ୍କ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇପାରିବ । ୟୁକ୍ରେନ ବିରୋଧରେ ଯୁଦ୍ଧ ବନ୍ଦ ନକଲେ ଋଷ୍ ଉପରେ ଅତିରିକ୍ତ କଟକଣା ଲାଗୁ ହେବ ବୋଲି ଟ୍ରମ୍ପ ଏକ୍ସରେ ପୋଷ୍ଟ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି, 'ଆମେ କେବେ ଭୁଲିଯିବା ଉଚିତ୍ ନୁହେଁ ଯେ ରୁଷ ଆମକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଜିତିବାରେ ସାହାଯ୍ୟ କରିଥିଲା। ଏଥିରେ ୬ କୋଟି ଜୀବନ ହରାଇଥିଲେ। ଏସବୁ କହିବା ପରେ, ମୁଁ ରୁଷର ବିଫଳତା ପାଇଁ ଗଭୀର ଦୁଃଖିତ। ଅର୍ଥନୀତି ବିଫଳ ହେଉଛି ଏବଂ ରାଷ୍ଟ୍ରପତି ଏହା ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ମୁଁ ପୁଟିନଙ୍କ ସହ ଅଛି। ଏବେ ୟୁକ୍ରେନ ଯୁଦ୍ଧ ବନ୍ଦ କରି ଶାନ୍ତି ସ୍ଥାପନ । ସେ ଆହୁରି କହିଛନ୍ତି, 'ଯଦି ୟୁକ୍ରେନ ଯୁଦ୍ଧ ବନ୍ଦ ନେଇ ଶାନ୍ତି ଆଲୋଚନା ନହୁଏ, ତେବେ ରୁଷ ଦ୍ୱାରା ଆମେରିକା ଏବଂ ଅନ୍ୟାନ୍ୟ ଅଂଶୀଦାର ଦେଶଗୁଡ଼ିକୁ ବିକ୍ରି କରାଯାଇଥିବା ସାମଗ୍ରୀ ଉପରେ ମାତ୍ରାଧିକ ଟିକସ ଲାଗିବ ।



## ବନ୍ଦେ ଭାରତର ପ୍ରଥମ ମହିଳା ଲୋକୋ ପାଇଲଟଙ୍କୁ ମିଳିଲା ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ନୂଆଦିଲ୍ଲୀ, ୨୩।୧ : ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଥମ ମହିଳା ଆଦିବାସୀ ସହାୟକ ଲୋକୋ ପାଇଲଟ ରିତିକା ତିର୍କୀ ରାଷ୍ଟ୍ରପତି ଭବନରେ 'ଆଟ୍ ହୋମ୍' କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ପାଇଛନ୍ତି। ଯେତେବେଳେ ଡାକ ଅଧିକାରୀଙ୍କ ଏକ ଟିମକୁ ସେ ଦେଖିଥିଲେ, ଅବାକ୍ ହୋଇଯାଇଥିଲେ। ୨୭ ବର୍ଷୀୟ ତିର୍କୀଙ୍କ କହିବା ଅନୁଯାୟୀ, ସେ ସ୍ୱପ୍ନରେ ବି ଭାବି ନଥିଲେ ଯେ ରାଷ୍ଟ୍ରପତି ତାଙ୍କୁ ଲୋକୋ ପାଇଲଟ ଭାବେ ନିମନ୍ତ୍ରଣ କରିବେ। ଯେତେବେଳେ ତାଙ୍କୁ ଏକ ଇ-ମେଲ୍ ଆସିଲା, ସେତେବେଳେ ସେ ଏହାକୁ ନକଲି ବୋଲି ଭାବିଥିଲେ, କିନ୍ତୁ ରାଷ୍ଟ୍ରପତି ଭବନରୁ ଆନୁଷ୍ଠାନିକ ନିମନ୍ତ୍ରଣ ତାଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସହକାରୀ ଡାକ ଅଧୀକ୍ଷକ (ପଶ୍ଚିମ) ପରୀକ୍ଷିତ ସେଠଙ୍କ ତତ୍ତ୍ୱାବଧାନରେ ପୋଷ୍ଟମ୍ୟାନ୍ ଜମସେଦପୁରର ଯୁଗସଲାଇସ୍ଥିତ ରିତିକାଙ୍କ ବାସଭବନକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ତିର୍କି କହିଛନ୍ତି, ସାଧାରଣ ପରିବାରର ଜଣେ ଆଦିବାସୀ ଝିଅଙ୍କୁ ଏହି ନିଆରା ସୁଯୋଗ ମିଳିବା ଗୌରବର ବିଷୟ। ପୁରୁଷ ଅଧ୍ୟୁଷିତ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି, ଯେଉଁଠାରେ ସେ ଭାରତୀୟ ରେଳବାଇରେ ମହିଳାମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ରାଷ୍ଟ୍ରପତି ଭବନ ମୋତେ ଜଣେ 'ମହିଳା ସଫଳତା' ଭାବରେ ନିମନ୍ତ୍ରଣ କରିଛି ଏବଂ ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ମହିଳା ସ୍ୱାଧୀନ ହେବା ଉଚିତ୍। ମୁଁ ଭାବୁଛି ମହିଳାମାନେ ପ୍ରାୟ ସବୁ କ୍ଷେତ୍ରରେ କାମ କରୁଛନ୍ତି ଏବଂ ଯେଉଁଠାରେ ସେମାନେ ନାହାନ୍ତି, ସେଠାରେ ଖୁବ୍ ଶୀଘ୍ର ପହଞ୍ଚିବେ ବୋଲି ତିର୍କୀ କହିଛନ୍ତି। ଦୁନିଆରେ କୌଣସି କାମ ଛୋଟ ନୁହେଁ; ଏକମାତ୍ର ପୂର୍ବ ସର୍ତ୍ତ ହେଉଛି ଏହାକୁ ସମ୍ପୂର୍ଣ୍ଣ ନିଷ୍ଠାର ସହ କରାଯିବା ଉଚିତ ଏବଂ ତା'ପରେ ସଫଳତା ମିଳିବା ନିଶ୍ଚିତ ବୋଲି ସେ କହିଛନ୍ତି। ଟାଟାନଗର ରୁ ପାଟନା ମଧ୍ୟରେ ଚଳାଚଳ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସର ସହକାରୀ ଲୋକୋ ପାଇଲଟ ଭାବରେ କାର୍ଯ୍ୟ କରୁଥିବା ରିତିକା କେବଳ ପ୍ରଥମ ଆଦିବାସୀ ମହିଳା ନୁହଁନ୍ତି ବରଂ ତାଙ୍କ ପରିବାର ଏବଂ ସାରା ରାଜ୍ୟରେ ମହିଳାମାନଙ୍କ ପାଇଁ ଗର୍ବର ଉତ୍ସ ଅଟନ୍ତି।

## ନିର୍ବନ୍ଧ ଭୋଜିରେ ଗରମ କଢ଼େଇରେ ପଡ଼ି ଶିଶୁର ମୃତ୍ୟୁ

ଭୋପାଳ, ୨୩।୧ : ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରୁ ଏକ ଦୁଃଖଦ ଦୁର୍ଘଟଣାର ସାମ୍ନାକୁ ଆସିଛି। ଏଠାରେ ଏକ ପାରିବାରିକ କାର୍ଯ୍ୟକ୍ରମରେ ଦୁଇ ବର୍ଷର ଶିଶୁ ଫୁଟୁଥିବା ତେଲ କଢ଼େଇରେ ପଡ଼ିଯାଇଥିଲା। ତୁରନ୍ତ ଶିଶୁକୁ ଗରମ କଢ଼େଇରୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ହୋଇଯାଇଥିଲା। ପୁଲିସ ସୂତ୍ରରୁ ପ୍ରକାଶ, ସୋମବାର ରାତିରେ ନିଶାତପୁରା ପୁଲିସ ଷ୍ଟେସନ ଅଞ୍ଚଳରେ ଶିଶୁ ତାଙ୍କ ପରିବାର ସହିତ ତାର ବଡ଼ ବାପାଙ୍କ ପୁଅର ନିର୍ବନ୍ଧରେ ଯୋଗଦେବା ପାଇଁ ଯାଇଥିଲା। ଏହି ସମୟରେ ଶିଶୁ ଜଣକ ଖେଳୁଥିବା ବେଳେ ବାପା ରାଜେଶ ସାହୁ ଓ ମା' ଅନ୍ୟ ପରିବାର ସଦସ୍ୟଙ୍କ ସହ ମିଶି ଖାଇବାକୁ ବସି ଯାଇଥିଲେ। ବାପା ଓ ମା' ଖାଉଥିବା ବେଳେ ଶିଶୁ ଜଣକ ଗରମ ତେଲ କଢ଼େଇ ଆଡକୁ ଦୌଡ଼ି ଯାଇଥିଲା। ଅସାବଧାନତାବଶତଃ ସେ ଗରମ କଢ଼େଇରେ ପଡ଼ିଯାଇଥିଲା।ଶିଶୁକୁ ଗରମ କଢ଼େଇରେ ପଡ଼ିଯିବା ଦେଖି ସମସ୍ତେ ସଙ୍ଗେସଙ୍ଗେ ଖାଇବା ପାଖରୁ ଉଠି ଆସିଥିଲେ। ଶିଶୁ ଆକ୍ଷାଂଶକୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଆକ୍ଷାଂଶକୁ ବଞ୍ଚାଇବା ପାଇଁ ଅନେକ ଚେଷ୍ଟା କରିଥିଲେ କିନ୍ତୁ ଅସଫଳ ରହିଥିଲେ।

## ମସ୍କଙ୍କୁ ନାଲି ଆଖି ଦେଖାଇଲା ପାକିସ୍ତାନ

ଓ୍ୱାଶିଂଟନ/ଇସଲାମାବାଦ, ୨୩।୧ : ପାକିସ୍ତାନ ଏବେ ଟେସଲା ମାଲିକ ଏଲୋନ ମସ୍କଙ୍କ ପ୍ରତି ନିଜର ଅସନ୍ତୋଷ ପ୍ରକାଶ କରିବା ଆରମ୍ଭ କରିଛି। ନିକଟରେ, ଏଲୋନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ ପାକିସ୍ତାନରେ ଏହାର ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିବା ପାଇଁ ଆବେଦନ କରିଥିଲା। କିନ୍ତୁ ଏବେ ପାକିସ୍ତାନ ମସ୍କଙ୍କୁ କ୍ଷମା ମାଗିବା ପାଇଁ ଏକ ସର୍ତ୍ତ ରଖିଛି। ଏହା ପରେ ଷ୍ଟାରଲିଙ୍କକୁ ଅନୁମୋଦନ ଦିଆଯିବ ବୋଲି କହିଛି ପାକିସ୍ତାନ। ବ୍ରିଟେନର ଗ୍ରୁମିଂ ଗ୍ୟାଙ୍ଗ ଉପରେ ଏଲୋନ ମସ୍କଙ୍କ ବୟାନକୁ ପାକିସ୍ତାନ ଏକ ପ୍ରସଙ୍ଗ କରିଛି। କେତେଜଣ ପାକିସ୍ତାନୀ ସାଂସଦ ମସ୍କଙ୍କୁ କ୍ଷମା ମାଗିଛନ୍ତି। ପାକିସ୍ତାନୀ ସାଂସଦମାନେ ଏଲୋନ ମସ୍କଙ୍କ ଉପରେ ପାକିସ୍ତାନ ବିରୋଧୀ ପ୍ରଚାର ପ୍ରସାର କରିବାର ଅଭିଯୋଗ ଆଣିଛନ୍ତି। ଷ୍ଟାରଲିଙ୍କ ପାକିସ୍ତାନରେ ଲାଇସେନ୍ସ ପାଇଁ ଆବେଦନ କରିଛି। ସରକାରଙ୍କଠାରୁ ଏପର୍ଯ୍ୟନ୍ତ ଅନୁମୋଦନ ମିଳିନାହିଁ। ବୁଧବାର ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଦୂରସଂଚାର ସଂସଦୀୟ କମିଟି ଏକ ବୈଠକରେ ଷ୍ଟାରଲିଙ୍କ ଆବେଦନର ମୂଲ୍ୟାଙ୍କନ କରୁଥିବା ଅଧିକାରୀଙ୍କଠାରୁ ସଦ୍ୟତମ ସୂଚନା ପାଇଲା। ସଂସଦ କମିଟିର ଅଧ୍ୟକ୍ଷ ପଲଓ୍ୱାସା ମହମ୍ମଦ ଜଇ ଖାନ କହିଛନ୍ତି ଯେ ଅନେକ ସାଂସଦ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏଲୋନ ମସ୍କଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି।

## ରାମ ଗୋପାଳ ବର୍ମାଙ୍କୁ ୩ ମାସ ଜେଲ ଦଣ୍ଡ

ମୁମ୍ବାଇ, ୨୩।୧ : ବଲିଉଡ ଫିଲ୍ମ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ରାମ ଗୋପାଳ ବର୍ମାଙ୍କୁ ଚେକ ବାଉନ୍ସ ମାମଲାରେ ଅନ୍ଧେରୀ ମାଜିଷ୍ଟ୍ରେଟ କୋର୍ଟ ତିନି ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ସାତ ବର୍ଷ ପୁରୁଣା, ଦୀର୍ଘ ଶୁଣାଣି ପରେ କୋର୍ଟ ରାମ ଗୋପାଳ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶୁଣାଣି ସମୟରେ ରାମ ଗୋପାଳ ବର୍ମା କୋର୍ଟରେ ହାଜର ନହେବାରୁ କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଓ୍ୱାରେଣ୍ଟ ମଧ୍ୟ ଜାରି କରିଛନ୍ତି। ୨୦୧୮ ମସିହାରେ ଶ୍ରୀ ନାମକ ଏକ କମ୍ପାନୀ ମହେଶ ଚନ୍ଦ୍ର ମିଶ୍ରଙ୍କ ମାଧ୍ୟମରେ ରାମ ଗୋପାଳ ବର୍ମାଙ୍କ ଫାର୍ମ ବିରୁଦ୍ଧରେ ଚେକ ବାଉନ୍ସ ଅଭିଯୋଗ କରି ମାମଲା ଦାୟର କରିଥିଲା। ଅଭିଯୋଗ ଥିଲା ଯେ ବର୍ମା ଏକ ଚେକ ଦେଇଥିଲେ, ଯାହା ବାଉନ୍ସ ହୋଇଗଲା। ଏହା ପରେ ଅଭିଯୋଗକାରୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ଧେରୀ ମାଜିଷ୍ଟ୍ରେଟ କୋର୍ଟ ମାମଲାର ଶୁଣାଣି କରି ରାମ ଗୋପାଳ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରି ତିନି ମାସ ଜେଲଦଣ୍ଡ ଶୁଣାଇଛନ୍ତି।

# ଜେଲଗଲେ ୫ ବାଲି ଚୋରାଚାଲାଣକାରୀ

ଭୁବନେଶ୍ୱର(ନିପ୍ର): ବିଳମ୍ବିତ ରାତିରେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ୫ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା ବାଲିଅନ୍ତା ଥାନା ପୁଲିସ। ଥାନାର ସବ୍ ଇନ୍ସପେକ୍ଟର ମାନସ ରଂଜନ ମଲ୍ଲିକଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ୫ ଜଣଙ୍କୁ ଧରିବାରେ ସଫଳ ହୋଇଛି । ଗିରଫ ୫ ଅଭିଯୁକ୍ତମାନେ ହେଲେ କଟକ ସଦର ଥାନା ନିକଟସ୍ଥ ଶାସନ ଗାଁର ଟୁଲୁ ବେହେରା(୩୨), ହରେକୃଷ୍ଣ ସ୍ୱାଇଁ(୪୮), ମହେଶ୍ୱର ମହାନ୍ତି(୨୬), ବିଦ୍ୟାଧର ମହାରଣଣ(୪୩) ଓ ରମାକାନ୍ତ ସାହୁ( ୨୭)। ଗିରଫ ୫ ଜଣଙ୍କୁ ଗୁରୁବାର ଦିନ ଜେଲ ହାଜତକୁ ପଠାଇ ଦିଆଯାଇଛି । ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲାର ତଦନ୍ତ କରିବା ସହ ସମ୍ପୃକ୍ତି ଥିବା ଅଭିଯୋଗ ରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୭ଟି ମୋବାଇଲ ଫୋନ, ଗୋଟିଏ ବୁଲେଟ୍, ଗୋଟିଏ ପୁଲ୍ସର ମୋଟରସାଇକେଲ, ୨ଟି ବାଲି ବୋଝେଇ ଟ୍ରାକ୍ଟର, ଓ ଗୋଟିଏ ଜେସିବି ମେସିନ ଜବତ କରିଛି। ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମାନସ ରଞ୍ଜନ ମଲ୍ଲିକ ଓ ଟିମ ଥାନା ପରିସରଭୁକ୍ତ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ । କୁଶଭଦ୍ରା ନଦୀରୁ ଅଭିଯୁକ୍ତ ଟୁଲୁ ବେହେରା ଓ ହୃଦାନନ୍ଦ ସ୍ୱାଇଁ ଓରଫ ମଙ୍ଗୁଲିଙ୍କର ନେତୃତ୍ୱରେ ସେଠାରେ ନଦୀବାଲି ଚୋରା ଚାଲାଣ ହୋଉଥିବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ସେମାନଙ୍କର ହସ୍ତଗତ ହୋଇଥିଲା । ସୂଚନା ଆଧାରରେ ପୁଲିସ ଟିମ ତୁରନ୍ତ ଘଟଣା ସ୍ଥଳ ନିକଟକୁ ଯାଇଥିଲେ ଓ କିଛି ଦୂରରେ ରହି ଅଭିଯୁକ୍ତ ଟୁଲୁ ବେହେରା ଓ ହୃଦାନନ୍ଦ ସ୍ୱାଇଁ ଓରଫ ମଙ୍ଗୁଲିଙ୍କୁ ଏକ ଜେସିବି ମେସିନରେ ବସି ସେମାନଙ୍କ ନିର୍ଦ୍ଦେଶରେ ନଦୀ ବାଲିକୁ ଟ୍ରାକ୍ଟରେ ବୋଝେଇ କରାଯାଉଥିବାର ଦେଖିଥିଲେ । ପୁଲିସ ଟିମ ତୁରନ୍ତ ଚଢାଉ କରିଥିଲେ ଓ ଅଭିଯୁକ୍ତ ମାନଙ୍କୁ ମୋଟରସାଇକେଲରେ ଖସି ଯାଉଥିବା ସମୟରେ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ସେମାନଙ୍କର ଅପରାଧ ସ୍ୱୀକାର କରିବା ସହ ବେଆଇନ ଭାବରେ ସରକାରୀ ଅନୁମତି ନଥାଇ ବହୁତ ଦିନରୁ ଏହି ନଦୀ ବାଲି ଚୋରା ଚାଲାଣ କରିଆସୁଥିବାର ଦର୍ଶାଇଥିଲେ । ଏହି ଛୋଟ ଖଣିଜ ପଦାର୍ଥ ଚୋରୀ ହେତୁ ରାଜ୍ୟ ସରକାର ରାଜ୍ୟ ରାଜକୋଷରୁ ରାଜସ୍ୱ ହରାଉଥିବାରୁ ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ସମୁଦାୟ ୭ଟି ମୋବାଇଲ ଫୋନ, ଗୋଟିଏ ବୁଲେଟ୍, ଗୋଟିଏ ପୁଲ୍ସର ମୋଟରସାଇକେଲ, ୨ଟି ବାଲି ବୋଝେଇ ଟ୍ରାକ୍ଟର, ଓ ଗୋଟିଏ ଜେସିବି ମେସିନ ଜବତ କରିଥିଲେ । ଅଧିକ ତଦନ୍ତ ସମୟରେ ଅଭିଯୁକ୍ତ ଟୁଲୁ ବେହେରାଙ୍କ ନାମରେ ପୂର୍ବରୁ ବାଲିଅନ୍ତା ଥାନା ରେ ୪ଟି ଅପରାଧିକ ମାମଲା ଥିବାର ପୁଲିସ ଜାଣିବାକୁ ପାଇଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ଟ୍ରକ-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ



ନବରଙ୍ଗପୁର(ନିପ୍ର): ଗୁରୁବାର ଅପରାହ୍ନରେ ରାଇଘରଠାରୁ ହାଟଭରଣ୍ଡୀ ଯିବା ମୁଖ୍ୟ ରାସ୍ତାରେ ମହୁଲିଭାଟା ଗ୍ରାମ ଛକ ପୋଖରୀ ନିକଟରେ ଟ୍ରକ ଓ ବାଇକ ମୁହାଁମୁହିଁ ଧକା ହେବା ଫଳରେ ଘଟଣା ସ୍ଥଳରେ ଜଣକ ମୃତ୍ୟୁ ହୋଇଯାଇଛି । ମୃତ ବ୍ୟକ୍ତି ଜଣକ ହେଉଛନ୍ତି ସୋନପୁର ଗ୍ରାମର ସମୀର ସାହା । ଦୁର୍ଘଟଣା ଘଟିବା ପରେ ରାଇଘର ପୋଲିସକୁ ସୂଚନା ଦିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ଶବ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି । ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ।

## ମାଲବାହି ଟ୍ରେନଠାରୁ ବଗି ବିଚ୍ଛିନ୍ନ

ରାଜଗାଙ୍ଗପୁର(ନିପ୍ର): ରାଜଗାଙ୍ଗପୁର ପୌରପାଳିକା ଅନ୍ତର୍ଗତ ବାଜପେୟୀ ରେଳ ଫାଟକ ବନ୍ଦ ଥିବାବେଳେ ଦିନ ପ୍ରାୟ ୧୨ ଘଟିକା ସମୟରେ ଏକ ମାଲବାହୀ ଟ୍ରେନର କିଛି ବଗି ବିଚ୍ଛିନ୍ନ ହୋଇଯାଇଥିଲା । ଫଳରେ ଉକ୍ତ ଫାଟକ ଦେଇ ଯାଉଥିବା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରେଳ ବିଭାଗ ପକ୍ଷରୁ ବିଚ୍ଛିନ୍ନ ହୋଇଥିବା ବଗି ଯୋଡିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଉକ୍ତ ଟ୍ରେନଟି ଦ୍ରୁତଗତିରେ ଯିବା ସମୟରେ ଘଟଣାଟି ଘଟିଥିଲେ ଏକ ବଡ଼ ଦୁର୍ଘଟଣା ହୋଇଥାନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଆରମ୍ଭ ହେଲା ଅଭ୍ୟାସ ପରେଡ୍

ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ଅଭ୍ୟାସ ପ୍ୟାରେଡ୍ । ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅପରାହ୍ନ ୩ ଘଟିକା ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ପରେଡ୍ ଅଭ୍ୟାସ କରିଥିଲେ । ପୋଲିସ ରିଜର୍ଭ ଇନିସପେକ୍ଟର ତଥା ପରେଡ୍ କମାଣ୍ଡର ଚିତ୍ତ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅଭ୍ୟାସ ଆରମ୍ଭ ହୋଇଛି । ୨୪ ତାରିଖ ପୂର୍ବାହ୍ନ ୮ ଘଟିକା ସମୟରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ବ୍ୟବସ୍ଥା, ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନି ନିର୍ବାପକ ଓ ପରେଡ୍ ଗ୍ରାଉଣ୍ଡରେ ଜଳ ସିଞ୍ଚନ ବ୍ୟବସ୍ଥା, ମୁଖ୍ୟ ଚିକିତ୍ସା ବିଭାଗ ପକ୍ଷରୁ ଚିକିତ୍ସା ସୁବିଧା, ୱାଟକୋ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା କରାଯାଇଥିଲା । ଅଭ୍ୟାସ ପରେଡ୍ ଅବସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ବ୍ୟାଙ୍କ ସହଯୋଗରେ ପିଲାମାନଙ୍କୁ ବିସ୍କୁଟ ମଧ୍ୟ ପ୍ରଦାନ କରାଯିବା ସହ ସାଧାରଣତନ୍ତ୍ର ଦିବସ ଦିନ ମଧ୍ୟ ଜଳ ଯୋଗର ବ୍ୟବସ୍ଥା କରାଯାଇଛି ।

## ରାଜଧାନୀରେ ମୋ ବସ୍ ଘଟାଇଲା ସିରିଜ୍ ଦୁର୍ଘଟଣା




ଭୁବନେଶ୍ୱର(ନିପ୍ର): ରାଜଧାନୀରେ ପୁଣି ମୋ ବସ ଦୁର୍ଘଟଣା । ରାଜମହଲରୁ ମାଷ୍ଟରକ୍ୟାଂଟିନ ଯାଉଥିବା ବେଳେ ସିରିଜ ଦୁର୍ଘଟଣା । ଏହି ଦୁର୍ଘଟଣାରେ ବିଏମସି ପିଆରଓଙ୍କ ସହ କିଛି ଲୋକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି କ୍ଷ ଘଟଣାସ୍ଥଳରେ କ୍ୟାପିଟାଲ ଥାନା ପୋଲିସ ପହଂଚିଛି । ସୂଚନାନୁଯାୟୀ ରାଜମହଲ ପଟୁ ଆସୁଥିବା ଏକ ଏସି ମୋ ବସ ଆଗରେ ଏକ ସ୍କୁଟି ଚାଲି ଆସିବାରୁ ବସଟି ହଠାତ ବ୍ରେକ ମାରିଦେଇଥିଲା । ଫଳରେ ଏସି ବସ ପଛରେ ଥିବା ଆଉ ମୋ ଏକ ବସ ଗାଡିକୁ ଧକା ଦେଇଥିଲା । ଯେଉଁଥିପାଇଁ ପଛରୁ ଆସୁଥିବା କିଛି କାର ମୋ ବସକୁ ଧକା ଦେଇ ଚାଳକ ଓ ସେଥିରେ ଥିବା କିଛି ଲୋକ ଆହତ ହୋଇଥିବା ସୂଚନା ମିଳିଛି । ଖବର ପାଇ କ୍ୟାପିଟାଲ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ସମସ୍ତ ଆହତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି ଏବଂ ଘଟଣାର ତଦନ୍ତ ଆରମ୍ଭ କରୁଛନ୍ତି ।

## ନେତାଜୀ ସୁବାଷ ଜୟନ୍ତୀ କମିଟି ପକ୍ଷରୁ ମାଲ୍ୟାର୍ପଣ

କଟକ(ନିପ୍ର): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଉପଲକ୍ଷେ "ନେତାଜୀ ସୁବାସ ଜୟନ୍ତୀ କମିଟି" ପକ୍ଷରୁ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଥିବା ପ୍ରତିମୂର୍ତ୍ତିରେ ଆଜ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ କମିଟିର ଜିଲ୍ଲା ସଭାପତି ଡ ଦେବାଶିଷ ଆଚାର୍ଯ୍ୟ, ସଂପାଦକ ବବି ବଳବନ୍ତ ରାୟ, ବିଦ୍ୟୁତ କୁମାରୀ ଲାଲା, ଡ ସିଦ୍ଧାର୍ଥ ଭରଦ୍ୱାଜପ୍ରମୁଖ ଉପସ୍ଥିତ ଥିଲେ ।

## କଟକରୁ ନିଆଳି ମାଧବକୁ ଚଳାଚଳ କଲା ମୋ' ବସ

କଟକ(ନିପ୍ର): ଶ୍ରୀଜଗନ୍ନାଥଙ୍କ ମାମୁ ଭାବେ ବିଦିତ ନିଆଳୀର ଶ୍ରୀ ଶ୍ରୀ ମାଧବାନନ୍ଦ ଜୀଉଙ୍କ ପୀଠକୁ ଗଡ଼ିଛି ମୋ ବସ । ପୂର୍ବରୁ ଭୁବନେଶ୍ୱରରୁ ନିଆଳି ମାଧବ ପର୍ଯ୍ୟନ୍ତ ମୋ ବସ ଚାଲିଥିବାବେଳେ ଜାନୁଆରୀ ୨୩ ରୁ ସିଡ଼ିଏ ୭ ସ୍ଥିତ ମର୍କତ ନଗରରୁ ମୋ ବସ ନିଆଳି ମାଧବକୁ ଗଡ଼ିଛି । ଏହି ବସ ଚଳାଚଳ ଦ୍ୱାରା ବହୁ ସଂଖ୍ୟାରେ ଯାତ୍ରୀ ଓ ପର୍ଯ୍ୟଟକ ଉପକୃତ ହୋଇପାରିବେ । କଟକରୁ ମାଧବ ୮୪ନଂ ରୁଟରେ ଏହା ପ୍ରତିଦିନ ଚଳାଚଳ କରିବ ବୋଲି କ୍ରୁଟ ପକ୍ଷରୁ ସୂଚିତ ତାଲିକାରେ ଦର୍ଶାଯାଇଛି । ସୂଚନାଯୋଗ୍ୟ, ନିଆଳି ମାଧବ ପୀଠା ପ୍ରାଚୀ ଅଂଚଳର ଏକ ପ୍ରମୁଖ ଆଧାତ୍ମିକ ପୀଠ ଓ ପର୍ଯ୍ୟଟନ ସ୍ଥଳ ଭାବେ ବେଶ ଜଣାଶୁଣା । ମୋ ବସ ଚାଲିବା ଦ୍ୱାରା ବହୁ ସଂଖ୍ୟାରେ ଯାତ୍ରୀ, ପର୍ଯ୍ୟଟକ ଓ ଦର୍ଶନାର୍ଥୀ ଏଠାକୁ ଯାତାୟାତ କରିପାରିବେ ବୋଲି କ୍ରୁଟ ପକ୍ଷରୁ କୁହାଯାଇଛି ।

## ସାମାନ୍ୟ ବଚସାରୁ ନିଆଁ ଲଗାଇ ହତ୍ୟା ଧମକ: ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ କଥାକୁକେନ୍ଦ୍ରକରି ଜଣେ ଦୁର୍ବୃତ୍ତ ଯୁବକଙ୍କୁ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଜୀବନରୁ ମାରି ଦେବାକୁ ଧମକ ଚମକ ଦେବା ଘଟଣାରେ କ୍ୟାପିଟାଲ ଥାନା ପୁଲିସ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କ୍ୟାପିଟାଲ ଥାନା ୟୁନିଟ୍ -୬ ସୂର୍ଯ୍ୟନଗରର ଦୀପକ କୁମାର ନାୟକ (୨୫)। ଅଭିଯୋଗକାରୀ ଅମରେଶ ଚନ୍ଦ୍ର ବେହେରାଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅମରେଶ ଆଖଣ୍ଡଳମଣୀ ବସ୍ତିରେ ରହୁଥିବା ବେଳେ, ଶିମିଳି ବସ୍ତିରେ ଏକ ଟେଣ୍ଟହାଉସ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଗତ ଅଳ୍ପଦିନ ତଳେ କିଛି ଦୁର୍ବୃତ୍ତ ଅଭିଯୁକ୍ତଙ୍କ ଭାଇଙ୍କୁ ଅଭିଯୋଗକାରୀଙ୍କ ଟେଣ୍ଟ ହାଉସ ଆଖପାଖ ଅଞ୍ଚଳରେ ଆକ୍ରମଣ କରିଥିଲେ । ବୁଧବାର ଅପରାହ୍ନରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ଟେଣ୍ଟହାଉସକୁ ଯାଇ, ଭାଇକୁ ମାଡ଼ ମାରିଥିବା ଦୁର୍ବୃତ୍ତ ମାନଙ୍କୁ ଚିହ୍ନଟ କରିବା ଲାଗି ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ତାଙ୍କୁ ତୁରନ୍ତ ଦେବା ଲାଗି ଅଭିଯୋଗକାରୀଙ୍କୁ କହିଥିଲେ । ଅଭିଯୋଗକାରୀ ତାଙ୍କ କଥାରେ ସମ୍ମତି ପ୍ରକାଶ ନକରିବାରୁ, ଅଭିଯୁକ୍ତ ଜଣକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ଏବଂ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ । ଏହାବାଦ ତାଙ୍କ ଟେଣ୍ଟହାଉସକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ଲାଗି ମଧ୍ୟ ଧମକ ଦେଇଥିଲେ । ସୂଚନା ପାଇ ପିସିଆର ଭ୍ୟାନ ଘଟଣା ସ୍ଥଳରେ ତୁରନ୍ତ ଯାଇ ପହଞ୍ଚିବା ସହ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ । ପରେ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ କ୍ୟାପିଟାଲ ଥାନାରେ ୨ ଟି ଭିନ୍ନ ଅପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ପ୍ରସ୍ତାବିତ ବନ୍ଦର ନିର୍ମାଣକୁ ଅଞ୍ଚଳବାସୀଙ୍କ ପ୍ରବଳ ବିରୋଧ




କାକଟପୁର(ନିପ୍ର): ୨୦୦୬ ମସିହା ଇଆଇଏ ବିଜ୍ଞପ୍ତି ଅନୁସାରେ ଅସ୍ତରଙ୍ଗ ଠାରେ ପ୍ରସ୍ତାବିତ ବନ୍ଦର ପ୍ରଥମ ଶ୍ରେଣୀ ପରିସରଭୁକ୍ତ ଓ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଣଳୟ ତରଫରୁ ସର୍ତ୍ତ ହାସଲ କରିବା ପରେ ହାଇଦ୍ରାବାଦର ନବଯୁଗ କମ୍ପାନୀ ଏହି ପ୍ରକଳ୍ପକୁ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ପ୍ରଥମ ଜନଶୁଣାଣୀରେ ଲୋକଙ୍କ ରାୟକୁ ନେଇ ପ୍ରସ୍ତାବିତ ବନ୍ଦରକୁ ବିରୋଧ କରାଯିବା ପରେ ଏହା ଉପରେ ହାଇକୋର୍ଟ ରହିତାଦେଶ ଲଗାଇ ପୁନଃବାର ପ୍ରସ୍ତାବିତ ଅଞ୍ଚଳରେ ଉକ୍ତ ଲୋକମାନଙ୍କୁ ନେଇ ଜନଶୁଣାଣୀ କରିବାକୁ ନିର୍ଦ୍ଦେଶ ଦେବା ପରେ ୨୧ତାରିଖରେ ଛୁରିଆନା ପଞ୍ଚାୟତ ପୀର ଜାହାନିଆ ବେଳାଭୂମି ନିକଟରେ ଜନଶୁଣାଣୀ ହୋଇଥିଲା । ଏହି ଜନଶୁଣାଣୀରେ ଛୁରିଆନା, ଶିଶୁଅ, ନୂଆଗଡ, ଅସ୍ତରଙ୍ଗ ଭଳି ଉପକୂଳ ପଞ୍ଚାୟତର ପ୍ରାୟ ୧୫ ହଜାର ଲୋକ ଏହାକୁ ତୀବ୍ର ବିରୋଧ କରିଥିଲେ । ପରବର୍ତ୍ତୀ ଜନଶୁଣାଣୀ ପାଟଓଳଦା ପଞ୍ଚାୟତ ସୁନ୍ଦର ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଛି । କିନ୍ତୁ ଏଠିବି ପୂର୍ବ ଅବସ୍ଥା ଭଳି କମ୍ପାନୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହୋଇଛି । ଅସ୍ତରଙ୍ଗ ଅଞ୍ଚଳ ଧାନ, ପାନ, ମୀନ ଚାଷକୁ ନେଇ ପ୍ରସିଦ୍ଧ । ଏହି ଉପକୂଳବାସୀ ନଦୀ ସମୁଦ୍ରରୁ ମାଛ ଧରିଲେ ନିଜ ପରିବାର ପୋଷଣ କରନ୍ତି । ଏହା ସହ ଲୁଣା ଜଙ୍ଗଲ ଏହି ଅଞ୍ଚଳରେ ପ୍ରକୃତିର ବରଦାନ ସଦୃଶ, ଯାହା ପ୍ରାକୃତିକ ଦୁର୍ବିପାକରେ ଜନଜୀବନକୁ ସୁରକ୍ଷା ଦେଇଆସୁଛି । ଶ୍ରୀଲଙ୍କାରେ ବିରଳ ଅଲିଭ ରିଡଲେ କଇଁଛ ଏହି ଅଞ୍ଚଳକୁ ଚାଲିଆସନ୍ତି ଅଣ୍ଡା ଦେବା ପାଇଁ ଓ ଏହା ସହ ଅନେକ ବିଦେଶାଗତ ପକ୍ଷୀ, ଡ଼ଲଫିନ ମଧ୍ୟ ଏହି ଅଞ୍ଚଳକୁ ନିଜର କରି ଅତିଥି ହିସାବରେ ଆସନ୍ତି । ଯଦି ଏଠି କମ୍ପାନୀ ବନ୍ଦର କରେ ତାହେଲେ ଏହି ବିରଳ ଜୀବଜଗତ ଉପରେ କୁପ୍ରଭାବ ପଡିବ ବୋଲି ପରିବେଶବିତମାନଙ୍କ ମତାମତ ରହିଛି । ଭାରତ ଇତିହାସରେ ଲଣ୍ଡନରୁ ଆସିଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ଯେପରି ରାଜୁତି କରି ଭାରତ ଉପରେ ଶାସନ ଜାହିର କରିଥିଲା ସେପରି ପୁନଃବାର ଅସ୍ତରଙ୍ଗରେ ନହେଉ ବୋଲି ବିଜେଡି ନେତା ସୁବ୍ରତ ଛାଟୋଇ ମତପ୍ରକାଶ କରିଛନ୍ତି । ଯୁବ ବିଜେପି ନେତା ଦିବାକର ଛାଟୋଇ କହିଛନ୍ତି, ଆମେ ଅସ୍ତରଙ୍ଗ ସ୍ୱାଭିମାନ ପାଇଁ ଦଳ ନୁହେଁ ବରଂ ଆମ ମାଟି ପାଇଁ ଜୀବନ ଦେବୁ କିନ୍ତୁ ଉକ୍ତ କମ୍ପାନୀକୁ ପୁରେଇ ଦେବୁ ନାହିଁ । ପାଖାପାଖି ୧୫ରୁ ୨୦ ହଜାର ଲୋକ ଏହି ପ୍ରକଳ୍ପ ବିରୁଦ୍ଧରେ ଜନମତ ଦେଇଛନ୍ତି, ଯାହାକୁ ନେଇ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଏହିସବୁ ତଥ୍ୟ ସରକାରଙ୍କୁ ପଠାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

## ବାଇକ୍ ଚୋରି ଗ୍ୟାଙ୍ଗର ୫ ଗିରଫ

ଭୁବନେଶ୍ୱର(ନିପ୍ର): ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଚୋରି ଆତଙ୍କ ଖେଳାଇଥିବା ଗ୍ୟାଙ୍ଗର ୫ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶର ବର୍ଷ୍ଣି କୁମାର ଲେଙ୍କା(୨୮), ଶିବ ନାରାୟଣ ସାହୁ (୨୮), ଦିଲ୍ଲୀପ କୁମାର ଗୋଛାୟତ (୨୪) ଓ ଦୀପକ ରଂଜନ ଜେନା(୨୭)। ଗିରଫ ଲୁଟେରାମାନଙ୍କ ଠାରୁ ପୁଲିସ ଚୋରି ବାଇକ୍ ଜବତ କରିଛି । ଅଭିଯୋଗକାରୀ ପ୍ରତାପ ଛୋଟରାୟ ଙ୍କର ଏତଲା ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା ୧୫.୦୧.୨୦୨୫ ରିଖରେ ଅଭିଯୋକରୀ ନିଜର ବ୍ୟକ୍ତିଗତ କାମରେ ହାଇଟେକ୍ ମେଡ଼ିକାଲକୁ ଯାଇଥିବା ବେଳେ ସେଠାରେ ଥିବା ପାର୍କିଂରେ ନିଜର ମୋଟରସାଇକେଲ ଟିକୁ ପାର୍କିଂ କରି ରଖିଥିଲେ । ସମୟ ପ୍ରାୟ ସନ୍ଧ୍ୟା ୫ଟାରେ ହସ୍ପିଟଲ ରୁ ଫେରିବା ପରେ ପାର୍କିଂରୁ ତାଙ୍କର ମୋଟରସାଇକେଲ ଟିକୁ ପାଇ ନଥିବାରୁ ଚୋରୀ ହୋଇଥିବା ଜାଣି ଏନେଇ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମଞ୍ଚେଶ୍ୱର ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ ଜରିଆରେ ନିମ୍ନୋକ୍ତ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ସେମାନଙ୍କର ଅପରାଧ ସ୍ୱୀକାର କରିବା ସହ ଅନ୍ୟ ଏକ ମୋଟରସାଇକେଲକୁ ରସୁଲଗଡ ବିଶାଳ ମେଗା ମାର୍ଟ ସାମ୍ନା ରୁ ଚୋରୀ କରିଥିବା ଦର୍ଶାଇଥିଲେ । ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ସମ୍ପୃକ୍ତ ମୋଟର ସାଇକେଲଟିକୁ ଜବତ କରିଥିଲେ । ନିମ୍ନୋକ୍ତ ଅଭିଯୁକ୍ତ ମାନଙ୍କର ପୂର୍ବଚରିତ ଅପରାଧିକ ଯାଞ୍ଚ ବେଳେ ସେମାନେ ଅଭ୍ୟାସଗତ ଅପରାଧୀ ଓ ସେମାନଙ୍କ ନାମରେ ସାଲେପୁର, କେନ୍ଦ୍ରାପଡ଼ା, ଡେରାବିଶ ଓ ମଞ୍ଚେଶ୍ୱର ଆଦି ଥାନା ମାନଙ୍କରେ ୯ ଟି ଅପରାଧିକ ମାମଲା ରହିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ଲକ୍ଷପତି ଦିଦି ତାଲିମ ଅର୍ଥ ବାଟମାରଣା ପାଇଁ ମସୁଧା !

### ଜୀବିକା ମିଶନ ଜିଲ୍ଲା ଅଧିକାରୀ ତାଲିମ ତଦାରଖ କରିବା ପାଇଁ ଦାବି

କୋଣାର୍କ(ନିପ୍ର): କୋଣାର୍କ ଥାନା ଅଧିନସ୍ଥ କାଦୁଆନୂଆଗାଁ, କୁରୁଜଙ୍ଗ ଓ ଅବଦାନ ଗ୍ରାମପଞ୍ଚାୟତ ସମେତ କାକଟପୁର ବ୍ଲକର ୧୬ ଗୋଟି ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଲକ୍ଷପତି ଦିଦି ଯୋଜନାରେ ତାଲିମ ପ୍ରଦାନ ପାଇଁ କାକଟପୁର ବ୍ଲକ ପ୍ରଶାସନକୁ ଆସିଥିବା ଅର୍ଥ ରାଶି ହଡ଼ପ କରିବା ପାଇଁ ମସୁଧା ଚଳାଇଥିବା ବେଳେ ତାଲିମ ସମୟରେ ପୁରୀ ଜିଲ୍ଲା ଜୀବିକା ମିଶନ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱରେ ନିୟୋଜିତ କରିବା ପାଇଁ କାଦୁଆନୂଆଗାଁ ସମେତ ବ୍ଲକର ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ପକ୍ଷରୁ ଦାବି କରାଯାଇଛି । ଖବରରୁ ପ୍ରକାଶ ଯେ, ରାଜ୍ୟରେ ମହିଳା ମାନଙ୍କ ଆର୍ଥିକ ଅଭିବୃଦ୍ଧି ଓ ସ୍ୱାବଲମ୍ବୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଲକ୍ଷପତି ଦିଦି ଯୋଜନାରେ ତାଲିମ ପ୍ରଦାନ କରିବା ପାଇଁ କାକଟପୁର ବ୍ଲକ ଜୀବିକା ମିଶନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୁରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ - ୧ ରେ କାକଟପୁର ବ୍ଲକ ବିଡିଓଙ୍କୁ ପ୍ରଥମ ପର୍ଯ୍ୟାୟରେ ୭ଲକ୍ଷ ଟଙ୍କା ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ପ୍ରଦାନ କରାଯାଇଛି । ଜୀବିକା ମିଶନ ଦାୟିତ୍ୱରେ ଥିବା ବିପିଏମ, ବିପିସି ଓ ବ୍ଲକ ପ୍ରଶାସନ ମହିଳାମାନଙ୍କ ପିଛା ଆସିଥିବା ୨୨୦ ଟଙ୍କା ବଦଳରେ ୩୦ ଟଙ୍କାର ପୁଡିଆ ଦେଇ ତାଲିମ ଶେଷ କରି ଲକ୍ଷାଧିକ ଟଙ୍କା ହରିଲୁଟ କରିବା ପାଇଁ ମସୁଧା ଚଳାଇଛନ୍ତି ବୋଲି ସାଧାରଣରେ ଜୋରଦାର ଆଲୋଚନା ହେଉଛି । ଏହି ବ୍ଲକରେ ଲକ୍ଷପତି ଦିଦି ଯୋଜନାରେ ତାଲିମ ପ୍ରଦାନ କରିବା ପାଇଁ ଆସିଥିବା ଅର୍ଥର ସଦ୍‌ବିନିଯୋଗ କରିବା ସହ ତାଲିମ ସମୟର ଜିଓ ଟ୍ୟାଗିଂଗ ଫଟୋ କପି ସହ ପୁରୀ ଜିଲ୍ଲା ଜୀବିକା ମିସନର ଜଣେ ଅଧିକାରୀଙ୍କୁ ଏହାର ତଦାରଖ ଦାୟିତ୍ୱରେ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ମିଶନ ଶକ୍ତି ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମିଶନ ଶକ୍ତି ସଚିବ, ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲାପାଳଙ୍କୁ କାଦୁଆନୂଆଗାଁ, କୁରୁଜଙ୍ଗ ଓ ଅବଦାନ ସମେତ ବ୍ଲକର ୧୬ ଗୋଟି ଗ୍ରାମପଞ୍ଚାୟତର ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜନପ୍ରତିନିଧି ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ପକ୍ଷରୁ ଦାବି କରାଯାଇଛି ।

## ନୂଆ ପଞ୍ଚାୟତ ସମିତି ଗଠନ ପାଇଁ ଏକାଠି ହେଲେ ପଞ୍ଚାୟତବାସୀ



ଦାମନଯୋଡି(ନିପ୍ର): କୋରାପୁଟ ଜିଲ୍ଲା ମାଥାଲପୁଟ ଠାରେ ବିଭିନ୍ନ ପଞ୍ଚାୟତକୁ ନେଇ ଏକ ନୂତନ ପଞ୍ଚାୟତ ସମିତି ଗଠନ କରିବା ପାଇଁ ସ୍ଥାନୀୟ ଆଦିବାସୀ ନେତା ଦାମୋଦର ଜାନିଙ୍କ ଅଧ୍ୟକ୍ଷତାରେ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କୋରାପୁଟ ପଞ୍ଚାୟତ ସମିତି ଅଧୀନରେ ଥିବା ମାଥାଲପୁଟ, ଲିତିଗୁଡ଼ା, ଡୁମୁରୀପଦର, ମରିଚମାଳ ଆଦି ୪ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ । ଉକ୍ତ ପଞ୍ଚାୟତ ଓ ଏହା ଅଧିନରେ ଥିବା ଗ୍ରାମଗୁଡ଼ିକ ପଞ୍ଚାୟତ ସମିତିଠାରୁ ୪୦ରୁ ୫୦ କିମି ଦୂରରେ ଓ ଡୁମୁରୀପଦର ପଞ୍ଚାୟତର ଗ୍ରାମ ପାଲିଗୁମାଣ୍ଡି ୬୦ କିମି ଦୂରରେ ଥିବାରୁ ଯେକୌଣସି ସରକାରୀ କାର୍ଯ୍ୟ ପାଇଁ ଜନସାଧାରଣଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟପକ୍ଷରେ କହିବାକୁ ଗଲେ ଗୋଟେ ପଞ୍ଚାୟତ ସମିତି ଗଠନ ପାଇଁ ଯେତେ ଲୋକସଂଖ୍ୟା ଆବଶ୍ୟକ, ତା'ଠାରୁ ବହୁ ଲୋକ ଏଠାରେ ବସବାସ କରୁଛନ୍ତି । ଏତଦ୍ ବ୍ୟତୀତ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ, ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ବିଜାଘାଟି ଆଦି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇ ନିଜର ସମ୍ମତି ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି, ଦଶମନ୍ତପୁର ବ୍ଲକଠାରୁ ମୁଜାଙ୍ଗ ପଞ୍ଚାୟତ ପ୍ରାୟ ୬୨ କିମି ଦୂର ଓ ନାରାୟଣପାଟଣା ଠାରୁ ବିଜାଘାଟି ପ୍ରାୟ ୩୦ କିମି ଦୂରରେ ଅବସ୍ଥିତ । ଅଥଚ ଏହି ପଞ୍ଚାୟତ ଗୁଡ଼ିକ ମାଥାଲପୁଟଠାରୁ ମାତ୍ର ୫/୬ କିମି ଦୂରରେ ଅବସ୍ଥିତ । ସେହିପରି ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ଚାରାଙ୍ଗୁଲ ପଞ୍ଚାୟତକୁ ମଧ୍ୟ ମାଥାଲପୁଟରେ ସାମିଲ କରାଯାଇ ଏକ ନୂତନ ପଞ୍ଚାୟତ ସମିତି ଗଠନ କରାଯାଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହାକୁ ନେଇ ଯଥାଶୀଘ୍ର ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟାଳୟ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା । ଆଗାମୀ ଦିନରେ ତ୍ୱରିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ସମିତି ଗଠନ ସପକ୍ଷରେ ନିଜର ମତାମତ ପ୍ରଦାନ କରିଥିଲେ । ମାଥାଲପୁଟଠାରେ ପଞ୍ଚାୟତ ସମିତି ଗଠନ ହେଲେ ଶିକ୍ଷା,ସ୍ୱାସ୍ଥ୍ୟ, ଆର୍ଥିକ ମାନଦଣ୍ଡ ଉନ୍ନତି ହୋଇପାରିବ ବୈଠକରେ ମତ ପ୍ରକାଶ ପାଇଥିଲା । ଏ ସବୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହା ଉପରେ ବିଚାର କରିବେ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି ।

## ମୋବାଇଲ୍ ଛଡ଼ାଇ ନେଇ ୩ ଗିରଫ

### ଗାଡି ସମେତ ସାମଗ୍ରୀ ଜବତ

ପାରାଦୀପ(ନିପ୍ର): ପାରାଦୀପଗଡ ଅଂଚଳରେ ରହୁଥିବା ଭଦ୍ରକ ଜିଲ୍ଲା ଗୌସିଆଁ ନଗରର ଏସ.କେ.ରିୟାଜ୍ ନଭେମ୍ବର ମାସ ୭ତାରିଖ ରାତି ପ୍ରାୟ ୭ଟା ସମୟରେ ହୋଟେଲକୁ ଖାଦ୍ୟ ଆଣିବାକୁ ଯାଉଥିଲେ । ପାରାଦୀପଗଡ ଜିରୋ ପଏଣ୍ଟ ନିକଟରେ ଫୋନ୍ ଆସିବାରୁ ଗାଡି ଅଟକାଇ ଫୋନ୍‌ରେ କଥା ହେଉଥିଲେ । ଏହି ସମୟରେ ତିନିଜଣ ବ୍ୟକ୍ତି କଳା ରଙ୍ଗର ଏକ ଟିଭିଏସ ଜୁପିଟର ଗାଡିରେ ଆସି ରିୟାଜଙ୍କ ମୋବାଇଲ୍ ଛଡାଇ ନେଇ ପଳେଇ ଯାଇଥିଲେ । ଏସମ୍ପର୍କରେ ରିୟାଜ୍ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅନୁସଂନ୍ଧାନ କରି କୁଜଙ୍ଗ ଥାନା ଅଧିନସ୍ଥ ଫତେପୁର ଗ୍ରାମର ଶୁକନ ମଲ୍ଲିକଙ୍କ ପୁଅ ବିନୋଦ ମହାପାତ୍ର(୨୬), ମାନସ ମଲ୍ଲିକଙ୍କ ପୁଅ ଆକାଶ ମଲ୍ଲିକ(୨୨) ଓ ପ୍ରଶାନ୍ତ ମହାପାତ୍ରଙ୍କ ପୁଅ ବଳରାମ ମହାପାତ୍ର(୨୯)ଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଚୋରି ହୋଇଥିବା ଭିଭୋ ମୋବାଇଲ୍ ଏବଂ ଅଭିଯୁକ୍ତମାନେ ବ୍ୟବହାର କରିଥିବା ଓଡି-୨୧-ଆର-୫୪୪୮ ଟିଭିଏସ ଜୁପିଟର ଗାଡି ଜବତ କରିଥିବା ନେଇ ଲକ୍ ଥାନାରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତିରଂଜନ କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



# ଭାରତ ଶ୍ରୀଲଙ୍କାକୁ ଚଟାଇଲା ଧୂଳି

# ୬୦ରନ୍‌ରେ ଜିତିଲା ଅଣ୍ଡର ୧୯ ଟି-୨୦ ବିଶ୍ୱକପର ମ୍ୟାଚ୍



**ନୂଆଦିଲ୍ଲୀ,୨୩/୧ :** ଭାରତର ୱିମେନ୍ସ ଅଣ୍ଡର ୧୯ ଟିମ୍ କମାଲ୍ କରିଦେଇଛି । ଟିମ୍ ଇଣ୍ଡିଆ ଅଣ୍ଡର ୧୯ ୱିମେନ୍ସ ଟି-୨୦ ବିଶ୍ୱକପ୍ ୨୦୨୫ର ମ୍ୟାଚରେ ଶ୍ରୀଲଙ୍କାକୁ ଶୋଚନୀୟ ଭାବେ ହରାଇଛି । ଭାରତ ଏହି ମ୍ୟାଚ୍ ୬୦ରନରେ ଜିତି ନେଇଛି । ଟିମ୍ ଇଣ୍ଡିଆ ଲାଗି ଗୋଁଗାଡି ତୃଶା ବହୁତ ଭଲ ବ୍ୟାଟିଂ କରିଛନ୍ତି । ସେ ୪୯ରନ କରିଛନ୍ତି । ଭାରତ ଶ୍ରୀଲଙ୍କାକୁ ବିଜୟ ଲାଗି ୧୧୯ରନର ଲକ୍ଷ୍ୟ ଦେଇଥିଲା । ଏହାର ଜବାବରେ ଶ୍ରୀଲଙ୍କା ଟିମ୍ ୫୮ରନ୍ କରିପାରିଛି । ଭାରତ ଲାଗି ଆୟୁଷୀ ଶୁକ୍ଳା ଗୋଟିଏ ୱିକେଟ ନେଇଛନ୍ତି । ଭାରତ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ୱିକେଟ ହରାଇ ୧୧୮ରନ୍ କରିଛି । ଏହି ସମୟରେ ତୃଶା ଏବଂ କମଳିନୀ ଓପନିଂ କରିବାକୁ ପହଞ୍ଚିଥିଲେ । କିନ୍ତୁ କମଳିନୀ କିଛି ଖାସ୍ କରିପାରିନଥିଲେ । ସେ ୫ରନ୍ କରି ଆଉଟ ହୋଇଛନ୍ତି । ଯାହାକି ତୃଶା ବହୁ ଭଲ ପାଳି ଖେଳିଥିଲେ । ସେ ୫ ଚୌକା ଏବଂ ୧ଛକ୍କାର ସାହାଯ୍ୟରେ ୪୯ରନ୍ କରିଛନ୍ତି । ସନିକା ଚାଲ୍କେ ଖାତା ପର୍ଯ୍ୟନ୍ତ ଖୋଲିପାରିନଥିଲେ । ଅଧିନାୟକ ନିକି ପ୍ରସାଦ ୧୧ରନ୍ କରି ଆଉଟ ହୋଇଥିଲେ । ସେ ୨ଟି ଚୌକା ଲଗାଇଥିଲେ । ମିଥିଲା ବିନୋଦ ୧୬ରନ୍ କରିଛନ୍ତି । ଯାହାକି ଜୋଶିଥା ୧୪ରନ୍ କରିଛନ୍ତି । ଶ୍ରୀଲଙ୍କାର ୱିମେନ୍ସ ଅଣ୍ଡର ୧୯ଟିମ୍ ଭାରତକୁ ଦିଆଯାଇଥିବା ଲକ୍ଷ୍ୟର ପିଛା କରି ୫୮ରନ୍ କରିଛନ୍ତି । ଓପନର ସଞ୍ଜନା ୫ରନ୍ କରି ଆଉଟ ହୋଇଛନ୍ତି । ନିସଂସଲା ଖାତା ପର୍ଯ୍ୟନ୍ତ ଖୋଲିପାରିନାହାନ୍ତି । ଅଧିନାୟକ ମନୁଡି ନନୟକାରା ୨ରନ୍ କରି ଆଉଟ ହୋଇଥିଲେ । ହିରୁନୀ ହଂସିକା ବି ୨ରନ୍ କରି ଆଉଟ ହୋଇଥିଲେ । ଏହି ସମୟରେ ଭାରତ ଲାଗି ଶବନମ ଘାତକ ବୋଲିଂ କରିଥିଲେ । ସେ ୪ଓଭରରେ ୯ରନ ଦେଇ ୨ୱିକେଟ ନେଇଛନ୍ତି । ପରନିକା ଏବଂ ଜୋଶିଥା ବି ୨-୨ ୱିକେଟ ନେଇଛନ୍ତି । ଆୟୁଷୀ ଶୁକ୍ଳାଙ୍କୁ ଗୋଟିଏ ୱିକେଟ ମିଳିଛି । ଭାରତ ୱିମେନ୍ସ ଅଣ୍ଡର ୧୯ ଟି-୨୦ ବିଶ୍ୱକପ୍ ୨୦୨୫ରେ ବାରମ୍ବାର ତୃତୀୟ ବିଜୟ ହାସଲ କରିଛି । ଟିମ୍ ଇଣ୍ଡିଆ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ଶୋଚନୀୟ ଭାବେ ହରାଇଥିଲା । ଭାରତ ଏହି ମ୍ୟାଚ୍ ୯ୱିକେଟରେ ଜିତି ନେଇଥିଲା । ଏହାପରେ ସେ ମଲେଶିୟାକୁ ୧୦ୱିକେଟରେ ହରାଇଛନ୍ତି ।

## ରଣଜୀରେ ବି ଫେଲ୍ ମାରିଲେ ହିଟମ୍ୟାନ୍

**ନୂଆଦିଲ୍ଲୀ,୨୩/୧ :** ଦୀର୍ଘ ୧୦ ବର୍ଷ ପରେ ରଣଜୀ ଖେଳୁଥିବା ହିଟମ୍ୟାନ୍ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଖେଳପ୍ରେମୀଙ୍କୁ ନିରାଶ କରିଛି । ନିକଟରେ ଶେଷ ହୋଇଥିବା ବର୍ଡର ଗାଭାସ୍କର ଟ୍ରଫିରେ ଲଗାତାର ଖରାପ ପ୍ରଦର୍ଶନ କରିଥିବା ରୋହିତ ରଣଜୀ ଖେଳିବାକୁ ବାଧ ହୋଇଥିଲେ । ମୁମ୍ବାଇ ଟିମ୍‌ରେ ସାମିଲ ଥିବା ରୋହିତ ଶର୍ମା ଜମ୍ମୁକାଶ୍ମୀର ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି । ୧୯ଟି ବଲ୍ ଖେଳିଥିବା ବେଳେ କେବଳ ୩ ରନ୍ କରି ପାଭିଲିୟନ୍ ଫେରିଛନ୍ତି ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା । ରୋହିତ ମ୍ୟାଚ୍‌ର ପ୍ରଥମ ଇନିଂସରେ ୧୯ଟି ବଲ୍ ଖେଳିଥିଲେ ସୁଦ୍ଧା ଗୋଟିଏ ବି ଚୌକା ମାରିପାରି ନାହାନ୍ତି । ରୋହିତ ଆଉଟ୍ ହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ରଣଜୀ ଟ୍ରଫି ୨୦୨୪-୨୫ର ଦ୍ୱିତୀୟ ପର୍ଯ୍ୟାୟ ଆଜି (୨୩ ଜାନୁଆରୀ)ରୁ ଆରମ୍ଭ ହୋଇଛି । ଏଥିରେ ମୁମ୍ବାଇ ଦଳ ଜମ୍ମୁକାଶ୍ମୀର ବିପକ୍ଷରେ ପ୍ରଥମ ମ୍ୟାଚ ଖେଳୁଛି । ଜମ୍ମୁକାଶ୍ମୀର ବିପକ୍ଷରେ ଖେଳାଯାଉଥିବା ମ୍ୟାଚ୍‌ର ପ୍ରଥମ ଇନିଂସରେ ରୋହିତ ଶର୍ମା ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସେ ଦ୍ରୁତ ବୋଲର ଉମର ନାଜିର ମିରଙ୍କ ବଲ ବୁଝିପାରି ନଥିଲେ । ରୋହିତ ଶର୍ମା କ୍ୟାଚ୍ ଆଉଟ୍ ହୋଇଥିଲେ । ଏହିପରି, ମୁମ୍ବାଇ ପାଇଁ ପ୍ରଥମ ଇନିଂସରେ ରୋହିତ ଶର୍ମା ମାତ୍ର ୩ ରନ କରି ଆଉଟ ହୋଇଥିଲେ । ଏହା ପୂର୍ବରୁ ଟିମ ଇଣ୍ଡିଆ ବର୍ଡର ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିଥିଲା । ଏହି ଗସ୍ତରେ, ଭାରତୀୟ ଅଧିନାୟକ ରୋହିତ ଶର୍ମା ପାଞ୍ଚଟି ଟେଷ୍ଟ ମଧ୍ୟରୁ ତିନୋଟିରେ ଅଂଶଗ୍ରହଣ କରିଥିଲେ । ହିଟମ୍ୟାନ ତିନୋଟି ମ୍ୟାଚ୍‌ରେ ମାତ୍ର ୩୧ ରନ କରିଥିଲେ । ରୋହିତ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୬୭ଟି ଟେଷ୍ଟ ଖେଳିଛନ୍ତି । ଏହି ମ୍ୟାଚ୍‌ଗୁଡ଼ିକର ୧୧୬ ଇନିଂସରେ ବ୍ୟାଟିଂ କରି ସେ ୪୦ ହାରରେ ୪୩୦୧ ରନ କରିଛନ୍ତି । ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୧୨ଟି ଶତକ ଏବଂ ୧୮ଟି ଅର୍ଦ୍ଧଶତକ ଆସିଛି । କିନ୍ତୁ ଏବେ ରୋହିତ ଶର୍ମା ଫର୍ମକୁ ଫେରିବାକୁ ସଂଘର୍ଷ କରୁଛନ୍ତି । ସୂଚନାଯୋଗ୍ୟ, ଆଜିର ଏହି ମ୍ୟାଚ୍‌ରେ ରୋହିତ ଶର୍ମା ଏବଂ ଯଶସ୍ୱୀ ଜୟସ୍ୱାଲ ଓପନ କରିଥିଲେ ।

## ଜବରଦଖଲକାରୀଙ୍କ କବ୍‌ଜାରେ ମହାପ୍ରଭୁଙ୍କ ମୂଲ୍ୟବାନ ଜମି



**ପୁରୀ,୨୩/୧(ନିପ୍ର):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ଜବର ଦଖଲକରିବାକୁ ଦିଆଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ କହୁଛି । କିନ୍ତୁ ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ଜବର ଦଖଲ ମୁକ୍ତ କରିବା ପାଇଁ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି । ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୁରୀ ସହରର ସର୍ବୋଦୟ ନଗରରେ । ସର୍ବୋଦୟ ନଗରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ମୂଲ୍ୟବାନ ଜମିକୁ କେତେକ ଅସାମାଜିକ ବ୍ୟକ୍ତି ବଳପୂର୍ବକ ଜବରଦଖଲ କରି ତାର ବାଡ଼ ଗୁଡ଼ାଇ ଜମି ମାଫିଆଙ୍କୁ ଶାଗମାଛ ଦରରେ ବିକ୍ରି କରିବାକୁ ମସୁଧା ଚଳାଇଥିବା ସ୍ଥାନୀୟ କେତେକ ଅଧିବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଅବଗତ ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ତେବେ ଘଟଣା ସମ୍ପର୍କରେ ଅଭିଯୋଗ କଲେ ପରିଣତି ଭୋଗିବାକୁ ପଡିବ ବୋଲି ସମ୍ପୃକ୍ତ ଜବରଦଖଲ କାରୀମାନେ ଧମକଚମକ ଦେଉଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଖୋଦ୍ ରାଜ୍ୟ ଆଇନ୍ ମନ୍ତ୍ରୀ ମହାପ୍ରଭୁଙ୍କ ନାମରେ ଥିବା ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରାଯିବ ବୋଲି କହୁଛନ୍ତି । ତେବେ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କରାଯାଉଥିବା ଏହି ଜବରଦଖଲ ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହାକୁ ସ୍ଥାନୀୟ ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।

## ପୁରୀ ଜିଲ୍ଲାରେ ଧାନ ସଂଗ୍ରହ ତ୍ୱରାନ୍ୱିତ



**ପୁରୀ,୨୩/୧(ନିପ୍ର):** ପୁରୀ ଜିଲ୍ଲାର ସମସ୍ତ ୧୧ଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି । ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକଙ୍କ ଠାରୁ ୧୧୬୮୬୦୨ କୁଇଣ୍ଟାଲ ୯୪ କି.ଗ୍ରା ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ମାସ ୨୨ ତାରିଖ ସୁଦ୍ଧା ୧୮୭ ଟି ମଣ୍ଡି ମଧ୍ୟରୁ ଖୋଲାଯାଇଥିବା ୧୩୦ ଟି ମଣ୍ଡିରେ ୨୯୩୫ କୃଷକଙ୍କଠାରୁ ୧୩୩୮୪୮ କ୍ୟୁଣ୍ଟାଲ ୫୯ କି.ଗ୍ରା ଧାନ ସଂଗ୍ରହ ହୋଇଛି । ଏହାର ପ୍ରାପ୍ୟ ବାବଦରେ ୧୮୮୦ କୃଷକଙ୍କୁ ୧୯,୨୯,୫୬,୯୩୬ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୧୩୧୬ ଜଣ କୃଷକ ୧୩,୬୭,୨୯,୦୨୦ ଟଙ୍କା ପ୍ରାପ୍ତ ହୋଇଛନ୍ତି । ପର୍ଯ୍ୟାୟକ୍ରମେ କୃଷକମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି ।

## ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ନୂଆପିଢି: ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର,୨୩/୧(ନିପ୍ର):** ୨୩ ଜାନୁଆରୀ ହେଉଛି ପରାକ୍ରମ ଦିବସ । ଦୁଇଜଣ ଅନନ୍ୟ ପରାକ୍ରମୀ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସ । ଏହି ଦିନରେ ବରପୁତ୍ରଙ୍କ ସାହସ ଓ ବଳିଦାନକୁ ମନେ ପକାଇବାର ଦିନ । ସେମାନଙ୍କ ବିଚାରଧାରାରେ ଦେଶ ଓ ଜାତିର କଲ୍ୟାଣ ପାଇଁ ସମର୍ପଣ ଓ ସଂକଳ୍ପ କରିବାର ଦିନ । ଏହି ଦିନରେ ବିଶେଷ ଭାବେ ଯୁବପିଢି ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ସମ୍ବଲପୁର ଠାରେ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ ଏହି ଦୁଇ ବିଭୂତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶକୁ ସ୍ୱାଧୀନତା ଦେବା ପାଇଁ ସଶସ୍ତ୍ର ଯୁଦ୍ଧ ବଳରେ ସୁନିୟୋଜିତ ସଂଗ୍ରାମ କରିଥିଲେ । ସେହିପରି ବୀର ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜ୍ଜଳ ସାଏ, ମେଦିନୀ ସାଏ ଏବଂ ପରିବାର ସଦସ୍ୟ ଦେଶକୁ ସ୍ୱାଧୀନତା ଦେବା ପାଇଁ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଇଂରେଜ ମାନଙ୍କ ସହ ବୀରତ୍ୱର ସହ ଲଢ଼ି ଦେଶ ମାତୃକା ପାଇଁ ବଳିଦାନ ଦେଇଥିଲେ । ବୀର ସୁରେନ୍ଦ୍ର ସାଏଙ୍କ ଅଦ୍ୱିତୀୟ ସାଂଗଠନିକ ଶକ୍ତି ଓ ରଣକୌଶଳ ଓଡିଆ ଜାତିର ବୀରତ୍ୱର ପ୍ରତିଫଳନ । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ ।

## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ: ନିର୍ମାଣ କାର୍ଯ୍ୟରେ ଅଗ୍ରଗତି



**ଭୁବନେଶ୍ୱର, ୨୩/୧୧(ନିପ୍ର):** ଓଡ଼ିଶାରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି, ଯେଉଁଥିରେ ଦଶପଲ୍ଲା ଏବଂ ଆଡ଼େଣିଗଡ଼ ମଧ୍ୟରେ ଥିବା ରେଳ ସେକ୍ସନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଅନୁମୋଦନ (କ୍ଲିୟରାନ୍ସ) କରିବା ଅନ୍ତର୍ଭୁକ୍ତ । ଏହି ଅନୁମୋଦନ ପ୍ରକଳ୍ପକୁ ସର୍ବନିମ୍ନ ପରିବେଶଗତ ପ୍ରଭାବ ସହିତ ଆଗକୁ ବଢ଼ିବାକୁ ସ୍ୱୀକୃତି ଦେଉଅଛି । ବର୍ତ୍ତମାନ ସୁଦ୍ଧା, ମୋଟ ୩୦୧ କିଲୋମିଟର ରେଳ ଲାଇନ ମଧ୍ୟରୁ ୨୨୬ କିଲୋମିଟର ରେଳ ମାର୍ଗ ସମ୍ପୂର୍ଣ୍ଣ ହୋଇଛି, ଯେଉଁଥିରେ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ଅନ୍ତର୍ଭୁକ୍ତ । ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ପାଇଁ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଏହି ପ୍ରକଳ୍ପ ପାଇଁ ୩,୨୭୪.୩୩୬ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ ଥିଲା, ଯେଉଁଥିରେ ୭୪୬.୪୨ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଆହ୍ୱାନ ଥିଲା ଦଶପଲ୍ଲା ଏବଂ ପୁରୁଣାକଟକ (କିଲୋମିଟର ୧୧୨-୧୮୦) ମଧ୍ୟରେ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟପାଇଁ ଅନୁମୋଦନ କରିବା, ଯେଉଁଥିରେ ୫୯୪.୬୧୮ ହେକ୍ଟର ଘନ ଜଙ୍ଗଲ ଅନ୍ତର୍ଭୁକ୍ତ ଥିଲା । ତଥାପି, ପ୍ରମୁଖ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏଡାଇବା ଏବଂ ଆଖପାଖର ପରିବେଶ ଉପରେ ପ୍ରଭାବକୁ କମ କରିବା ପାଇଁ ସତର୍କତାର ସହିତ ଯୋଜନା କରାଯାଇଥିଲା । ପରିବେଶ ମନ୍ତ୍ରଣାଳୟ ଓ ବନ ବିଭାଗ ସହିତ ପରାମର୍ଶ କରି, ପ୍ରକଳ୍ପ ଦଳ ଏକ ବ୍ୟାପକ ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନା ବିକଶିତ କରିଥିଲେ, ଯାହାକୁ ଓଡ଼ିଶାର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା ।

## ପ୍ରତି ବ୍ଲକରେ ୨୦୦ରୁ ୩୦୦ ଅଯୋଗ୍ୟ ହିତାଧିକାରୀ: ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ୨୩/୧(ନିପ୍ର):** ପ୍ରତି ବ୍ଲକରେ ଅଛନ୍ତି ୨୦୦ ରୁ ୩୦୦ ଅଧିକ ଅଯୋଗ୍ୟ ହିତାଧିକାରୀ । ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଦେଲେ ସାଙ୍ଘାତିକ ତଥ୍ୟ । ସରକାରୀ ଚାକିରୀ କରି ହାତେଇଛନ୍ତି ରାସନ କାର୍ଡ । ଆୟକର ଦେଇ ବି ରାସନ ନେଉଛନ୍ତି । ସରେଣ୍ଡର ପାଇଁ ପୁଣି ଥରେ ଅପିଲ କଲେ ଯୋଗାଣ ମନ୍ତ୍ରୀ । ସରେଣ୍ଡର କଲେ କୌଣସି କାର୍ଯ୍ୟନୁଷ୍ଠାନ ହେବନି । ଜାନୁଆରୀ ୩୧ କେୱାଇସି ଶେଷ ହେବ । ତା ପୂର୍ବରୁ ସରେଣ୍ଡର କରନ୍ତୁ । ବୋଧେ ଭୟରେ କେୱାଇସି ପାଇଁ ଆସୁ ନାହାନ୍ତି । କିନ୍ତୁ ଶୀଘ୍ର ସରେଣ୍ଡର କଲେ ଭଲ ବୋଲି ମନ୍ତ୍ରୀ କହିଛନ୍ତି ।

## ୨୭ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୩/୧(ନିପ୍ର):** ଜାନୁଆରୀ ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜାନୁଆରୀ ୨୭ତାରିଖରେ ୟୁନିଟ୍ -୫ ,ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ତ୍ରିରଙ୍ଗା ପତାକା ଦିବସ



**ଅନୁଗୁଳ, ୨୩/୧(ନିପ୍ର):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ପରିସରରେ ଦେଶପ୍ରେମର ଉତ୍ସାହ ସହିତ ତ୍ରିରଙ୍ଗା ପତାକା ଦିବସ ପାଳିତ ହୋଇଛି । ଫ୍ଲାଗ୍ ଫାଉଣ୍ଡେସନ ଅଫ ଇଣ୍ଡିଆର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ଲୋକସଭା ଆସନରୁ ୩ଥର ସାଂସଦ ନିର୍ବାଚିତ, ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ହାସଲ ହୋଇଥିବା ଐତିହାସିକ ବିଜୟର ୨୧ ବର୍ଷ ପୂର୍ତ୍ତି ଅବସରରେ ଏହି ଦିବସ ପାଳିତ ହୋଇଛି । ଜାତୀୟ ପତାକାକାକୁ ଗର୍ବ ଓ ସମ୍ମାନ ସହ ପ୍ରତିଦିନ ଉଡ଼ାଇବାର ସୁଯୋଗକୁ ଉତ୍ସବ ଭଳି ପାଳନ କରାଯାଇଛି । ୨୦୦୪ ମସିହା ପୂର୍ବରୁ ଭାରତୀୟମାନଙ୍କୁ ପ୍ରତିଦିନ ତ୍ରିରଙ୍ଗା ପତାକା ଉଡ଼ାଇବାର ଅଧିକାର ନଥିଲା । କିନ୍ତୁ ଭାରତବାସୀଙ୍କୁ ଏହି ଅଧିକାର ପ୍ରଦାନ କରିବା ପାଇଁ ନବୀନ ଜିନ୍ଦଲ ଦୀର୍ଘ ୧୦ ବର୍ଷ ଧରି ସଂଘର୍ଷ ଜାରି ରଖିବା ସହ ଉଭୟ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଏଥି ନିମନ୍ତେ ମାମଲା ଲଢ଼ିଥିଲେ । ଯାହାର ଫଳ ସ୍ୱରୂପ ଆମେ ପ୍ରତିଦିନ ତ୍ରିରଙ୍ଗା ପତାକା ସମ୍ମାନର ସହ ଉଡ଼ାଇବାର ସୁବର୍ଣ୍ଣ ସୁଯୋଗ ପାଇଛୁ । ସେହିପରି ଏହା ମୌଳିକ ଅଧିକାର ଭାବେ ସ୍ୱୀକୃତି ପାଇଛି ।



ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଘନ କୁହୁଡ଼ି: ଜନଜୀବନ ପ୍ରଭାବିତ

**ଭୁବନେଶ୍ୱର, ୨୩/୧(ନିପ୍ର):** ଭୁବନେଶ୍ୱର ଓ କଟକ ସମେତ ଓଡିଶାର ବିଭିନ୍ନ ଅଞ୍ଚଳରେ ଗୁରୁବାର ସକାଳେ ଘନ କୁହୁଡି ଦେଖିବାକୁ ମିଳିଥିଲା । ଏହି କାରଣରୁ ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିଲା । ରାଜ୍ୟର ଅନେକ ସହରୀ ଓ ଗ୍ରାମୀଣ ଅଞ୍ଚଳରେ ସମାନ ସ୍ଥିତି ଦେଖା ଯାଇଥିଲା । ରାସ୍ତାରେ ଗାଡି ଗୁଡିକର ଚଳାଚଳ ଉପରେ ଏହାର ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିଥିଲା । ମିଳିଥିବା ସୂଚନା ଅନୁସାରେ, ଅନେକ ଅଞ୍ଚଳରେ ଦୃଶ୍ୟତା ୧୦ ଠାରୁ ୨୦ ମିଟର ପର୍ଯ୍ୟନ୍ତ ସୀମିତ ଥିଲା, ଯାହାରେ ଡ୍ରାଇଭର ଓ ବାଇକ୍ ଚଳାଉଥିବା ଲୋକ ମାନେ ସଡ଼କରେ ଗାଡ଼ି ଚଳାଇବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

Phone-0680-2404096
E-Mail: eerwgmt@yahoo.co.in

O-1315

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
***********

Government of Odisha e-Procurement Notice
Bid Identification No. Online Tender/16/SERWD-II/2024-25

Memo No. 556 / RWD-IIGB, Date: 20.01.25

| | | | |
|---|---|---|---|
| 1 | Name of the Work | :: | Building Works |
| 2 | Estimated Cost | :: | Rs.1.68lakhs to Rs.2.94 lakhs |
| 3 | Period of Completion | :: | 1 (One) Months as per Annexure |
| 4 | Date & Time of availability of Bid documents in the Portal | :: | 27.01.2025 at 10.00 AM to 31.01.2025 up to 4.00 P.M |
| 5 | Last Date/ Time for receipt of Bids in the Portal | :: | 31.01.2025 up to 4.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Superintending Engineer
R.W Division-II, Ganjam
Berhampur

OIPR-25073/11/0015/2425

## ଅଚଳ ହୋଇପଡ଼ିଛି ସୂର୍ଯ୍ୟ ମନ୍ଦିର ଲାଇଟ ଓ ସାଉଣ୍ଡ ସିଷ୍ଟମ



**କୋଣାର୍କ,୨୩/୧(ନିପ୍ର):** ସରକାରଙ୍କ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ପର୍ଯ୍ୟଟକଙ୍କ ନିମନ୍ତେ ସୂର୍ଯ୍ୟମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକର୍ମରେ କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ ଶୈଳୀକୁ ପ୍ରଦର୍ଶିତ କରି ପର୍ଯ୍ୟଟକମାନଙ୍କୁ ଅବଗତ କରା ଯାଉଥିଲା । ୮ଟି ପ୍ରୋଜେକ୍ଟର ମାଧ୍ୟମରେ ୪୫ ମିନିଟ୍ ସମୟର ଏହି କାର୍ଯ୍ୟକ୍ରମ ପର୍ଯ୍ୟଟକମାନଙ୍କ ମଧ୍ୟରେ ବେଶ୍ ଆଦୃତ ହେବା ସହ ପର୍ଯ୍ୟଟନ ବିଭାଗର ଭଲ ଆୟ ମଧ୍ୟ ହେଉଥିବା ଜଣାପଡିଛି । ହେଲେ ଦୁଃଖର ବିଷୟ ପୂର୍ବରୁ ୫ଟି ପ୍ରୋଜେକ୍ଟର ଖରାପ ହୋଇଥିବା ବେଳେ ଏବେ ସଂପୂର୍ଣ୍ଣ ୮ଟି ଯାକ ପ୍ରୋଜେକ୍ଟର ଖରାପ ହୋଇ ପନ୍ଦର ଦିନ ଧରି ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମ ଅଚଳ ହୋଇ ପଡି ରହିଛି । ଯାହାକି ଅର୍କକ୍ଷେତ୍ର କୋଣାର୍କକୁ ଦେଶ ଓ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଆସୁଥିବା ପର୍ଯ୍ୟଟକଙ୍କୁ ନିରାଶ କରିଛି । ଯେଉଁ ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମ ଦିନେ କୋଣାର୍କର ଇତିହାସକୁ ପର୍ଯ୍ୟଟକଙ୍କ ଆଗରେ ଉପସ୍ଥାପନ କରି ଅନେକ ପ୍ରଶଂସା ସାଉଁଟୁଥିଲା ସେଇ ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମର ଏପରି ଜରାଜୀର୍ଣ୍ଣ ଅବସ୍ଥା ପ୍ରଶାସନ ଓ ବୁଦ୍ଧିଜୀବୀମାନଙ୍କୁ ସତେ ଯେପରି ଦୃଶ୍ୟମାନ ହେଉନଥିବା ଭଳି ମନେ ହେଉଛି । ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ନିଦାବିଷ୍ଟୁ ପରି ଚୁପ୍ ରହିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ତୁରନ୍ତ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି ।

## ଜାନୁଆରୀ ୩୧ରେ ଶେଷ ହେବ ଇ - କେୱାଇସି

ଭୁବନେଶ୍ୱର, ୨୩ /୧(ନିପ୍ର): ଜାନୁଆରୀ ୩୧ରେ ଶେଷ ହେବ ଇ-କେୱାଇସି । ତା ପୂର୍ବରୁ ଅଯୋଗ୍ୟ ହିତାଧିକାରୀ କାର୍ଡ ସରେଣ୍ଡର କରିବାକୁ ପୁଣି ଥରେ ଅପିଲ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବୋଧେ ଭୟରେ ଇ - କେୱାଇସି ପାଇଁ ଆସୁ ନାହାନ୍ତି । କିନ୍ତୁ ଶୀଘ୍ର ସରେଣ୍ଡର କଲେ ଭଲ । ବ୍ଲକରେ ୨୦୦ ରୁ ୩୦୦ ଅଧିକ ଅଯୋଗ୍ୟ ହିତାଧିକାରୀ ଅଛନ୍ତି । ସରକାରୀ ଚାକିରୀ କରି ହାତେଇଛନ୍ତି ରାସନ କାର୍ଡ । ସରେଣ୍ଡର କଲେ ଭଲ ବୋଲି ମନ୍ତ୍ରୀ କହିଛନ୍ତି ।

**AFFIDAVIT**

I, Subhashree Behera, W/o-Manoj Kumar Behera, At-Rudrapur, Po-Naharakanta, Ps. Pahal, Bhubaneswar, Dist-Khordha-752101 dtd.22.01.2025, that now onwards I shall be known as Subhashree Behera for all future purposes.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ